SANCHAR
# ସଂଚାର
ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 32 | ISSUE 167 | ଭାଗ ୩୨ | ସଂଖ୍ୟା ୧୬୭ | Bhubaneswar | Thursday 5 September 2024 | Page 8 ₹ 4.00 | ଭୁବନେଶ୍ୱର | ଗୁରୁବାର ୫ ସେପ୍ଟେମ୍ବର ୨୦୨୪ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା



'ଏମର୍ଜେନ୍ସି'କୁ ତୁରନ୍ତ ସାର୍ଟିଫିକେଟ୍ ଦେବାକୁ ସିବିଏଫ୍‌ସିକୁ ମନା କଲେ କୋର୍ଟ

## ଝୋଟ ବ୍ୟାଗ୍ ଦେଲା ଝଟ୍‌କା

# ବ୍ୟାଗ୍ ବଣ୍ଟନ ଆଳରେ ପ୍ରଲୋଭନ !

### ବ୍ୟାଗ୍ ଓ ସଉଦା ବାବଦରେ ୧୨୦୬ କୋଟି ବ୍ୟୟ






ଭୁବନେଶ୍ୱର ୪/୯ (ସଂଚାର ବ୍ୟୁରୋ): ସାଧାରଣ ନିର୍ବାଚନ ପୂର୍ବରୁ ସରକାର ବାଣ୍ଟିଥିବା ଝୋଟ ବ୍ୟାଗ ଖର୍ଚ୍ଚ ନେଇ ସବୁଠୁ ଚାଞ୍ଚଲ୍ୟକର ତଥ୍ୟ ସାମ୍ନାକୁ ଆସିଛି। ଝୋଟ ବ୍ୟାଗ ବଣ୍ଟନରେ ଖର୍ଚ୍ଚ ହୋଇଛି ୨୪୭ କୋଟି ୩୬ ଲକ୍ଷ। ନିର୍ବାଚନ ପୂର୍ବରୁ ୨ଟି ବ୍ୟାଗ ସହ ପରିବାର ପିଛା ୧ ହଜାର ଟଙ୍କା ବଣ୍ଟାଯାଇଥିଲା। ଏବାବଦରେ ରାଜ୍ୟର ୯୫ ଲକ୍ଷ ୯୦ ହଜାର ପରିବାରଙ୍କୁ ମୋଟ ୯୫୯ କୋଟି ୫ ଲକ୍ଷ ଟଙ୍କା ବଣ୍ଟା ଯାଇଥିଲା। ଏବେ ସବୁର ତଦନ୍ତ କରିବାକୁ ରାଜ୍ୟ ସରକାର ପ୍ରକ୍ରିୟା ଆରମ୍ଭ କରିଛନ୍ତି।

ନିର୍ବାଚନ ପୂର୍ବରୁ ଭୋଟରମାନଙ୍କୁ ପ୍ରଭାବିତ କରିବା ପାଇଁ ତତ୍କାଳୀନ ବିଜେଡି ସରକାର ଆମ ଓଡ଼ିଶା ନବୀନ ଓଡ଼ିଶା ଲୋଗ ଥିବା ଖାଦ୍ୟ ସୁରକ୍ଷା ଯୋଜନାର ହିତାଧିକାରୀଙ୍କୁ ୨ଟି ବ୍ୟାଗ୍ ଓ ୧ ହଜାର ଟଙ୍କା ଲେଖାଏଁ ବାଣ୍ଟିଥିଲେ। ଏଥିପାଇଁ ବ୍ୟାପକ ପ୍ରଚାର କରାଯାଇଥିଲା। ଉକ୍ତ ବ୍ୟାଗ୍‌ରେ ଖାଦ୍ୟ ସାମଗ୍ରୀ ପରିବହନ ଓ ଟଙ୍କାରେ ଖାଦ୍ୟ ଦ୍ରବ୍ୟ କ୍ରୟ ସହିତ ଏହା ରାଜ୍ୟବାସୀଙ୍କୁ ସରକାରଙ୍କ ଉପହାର ବୋଲି ପ୍ରଚାର କରାଗଲା। ଏପରି ଉଦ୍ୟମ ବିରୋଧରେ ଆପତ୍ତି ଉଠିଲା। ହେଲେ ସରକାର ସେଥିପ୍ରତି ଖାତିର କରିନଥିଲେ। ଏବେ ବିଜେପି ସରକାର ଆସିବା ପରେ ଏ ନେଇ ବିପୁଳ ଅର୍ଥ ବ୍ୟୟ କରାଯାଇଥିବା ଜଣାପଡ଼ିବା ପରେ ସଚେତନ ନାଗରିକଙ୍କ ଆଖି ଖୋସି ହୋଇଯାଉଛି। ରାଜକୋଷରୁ ଏ ବାବଦରେ କୋଟି କୋଟି ଟଙ୍କା ବ୍ୟୟ ହୋଇଛି। ବ୍ୟାଗ୍ ବାଣ୍ଟିବା ନିମନ୍ତେ କିଏ ନିର୍ଦ୍ଦେଶ ଦେଇଥିଲେ, କେଉଁ ଉଦ୍ଦେଶ୍ୟରେ ଦେଇଥିଲେ ତାହାର ଗୁମର ଫିଟାଇବା ପାଇଁ ଦାବି ହେଉଛି। ତେବେ ବ୍ୟାଗ୍ ଓ ଟଙ୍କା ବଣ୍ଟନର ତଦନ୍ତ କରାଯିବ ବୋଲି ବିଧାନସଭାରେ ବିଧାୟକ ଅମରେନ୍ଦ୍ର ଦାସଙ୍କ ପ୍ରଶ୍ନରେ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି।

ନିର୍ବାଚନ ପୂର୍ବରୁ ତତ୍କାଳୀନ ବିଜେଡି ସରକାର ଉଭୟ ଜାତୀୟ ଓ ରାଜ୍ୟ ଖାଦ୍ୟ ସୁରକ୍ଷା ହିତାଧିକାରୀଙ୍କୁ ଝୋଟ ବ୍ୟାଗ୍ ବାଣ୍ଟିଥିଲେ। ନିର୍ବାଚନ ତାରିଖ ଘୋଷଣା ପୂର୍ବରୁ ଫେବ୍ରୁଆରୀରେ ରାଜ୍ୟର ୯୫.୯୦ଲକ୍ଷ ପରିବାର (ଖାଦ୍ୟ ସୁରକ୍ଷା ହିତାଧିକାରୀ)କୁ ହଜାରେ ଟଙ୍କା ଲେଖାଏଁ ସହ ୨ଟି ଝୋଟ ବ୍ୟାଗ ଯୋଗାଇ ଦେବେ ବୋଲି ଘୋଷଣା କରିଥିଲେ। ଏହା ବାବଦକୁ ମୋଟ ୧୨୩୭.୭୪କୋଟି ଟଙ୍କା ବ୍ୟୟ କରାଯିବ ବୋଲି ସୂଚନା ଦେଇଥିଲେ। ତତ୍କାଳୀନ ସରକାର ଏହି ଝୋଟ ବ୍ୟାଗ ବାଣ୍ଟିବା ଆରମ୍ଭ କରିବାର କିଛି ଦିନ ମଧ୍ୟରେ କଲିକତାର ହାଓ୍ବଡା ଷ୍ଟେସନ ଓ ମୁମ୍ବାଇ ମାର୍କେଟରେ ରାଜ୍ୟ ସରକାରଙ୍କ ଛାପ ଥିବା ଏହି ବ୍ୟାଗ ବିକ୍ରି ହେଉଥିବା ଦେଖିବାକୁ ମିଳିଥିଲା। ଏମିତି ଭିଡିଓ ସେ ସମୟରେ ସୋସିଆଲ ମିଡିଆରେ ଖୁବ ଚର୍ଚ୍ଚାର ଖୋରାକ ଯୋଗାଇଥିଲା। ଖାଦ୍ୟ ସୁରକ୍ଷା ହିତାଧିକାରୀଙ୍କୁ ଦିଆଯାଉଥିବା ବ୍ୟାଗ ବଜାରରେ କେମିତି ବିକ୍ରି ହେଉଛି ବୋଲି ପ୍ରଶ୍ନ ଉଠିଥିଲା। ଅଭିଯୋଗ ହେଉଥିଲା ଯେଉଁ ସଂସ୍ଥାକୁ ସରକାର ବ୍ୟାଗ ତିଆରି କରିବାକୁ ଦାୟିତ୍ୱ ଦେଇଥିଲେ ସେମାନେ ଖୋଲା ବଜାରରେ ଏହାକୁ ବିକ୍ରି କରି ବଡ ମୁନାଫ କରୁଥିଲେ। କିନ୍ତୁ ସେ ସମୟରେ ବିଜେଡି ସରକାର ଏହାକୁ ନଜର ଅନ୍ଦାଜ କରିଦେଇଥିଲା।

ବ୍ୟାଗ୍ ବାବଦରେ ୨୪୭ କୋଟି ୩୬ ଲକ୍ଷ ୬୪ ହଜାର ୨୯୭ ଟଙ୍କା ଓ ୧ ହଜାର ଟଙ୍କା ହିସାବରେ ବଣ୍ଟନ କରାଯାଇଥିବା ବେଳେ ଏଥିପାଇଁ ଖର୍ଚ୍ଚ ହୋଇଛି ୯୫୯ କୋଟି ୫ ଲକ୍ଷ ୨୬ ହଜାର ଟଙ୍କା। ଯେଉଁମାନେ ଏଥିରୁ ବଞ୍ଚିତ ହୋଇଛନ୍ତି, ସେମାନଙ୍କୁ ସେଗୁଡ଼ିକୁ ପ୍ରଦାନ କରିବା ପାଇଁ ବର୍ତ୍ତମାନ କିଛି ବ୍ୟବସ୍ଥା ନାହିଁ ବୋଲି ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି।

ମନ୍ତ୍ରୀ ଦେଇଥିବା ସୂଚନା ଅନୁଯାୟୀ, ଅନୁଗୋଳରେ ୭ କୋଟି ୧୬ ଲକ୍ଷ ୯୭ ହଜାର ୬୦୭ ଟଙ୍କାର ଝୋଟ ବ୍ୟାଗ ବଣ୍ଟନ କରାଯାଇଥିବା ବେଳେ ବାଲେଶ୍ୱରରେ ୧୩ କୋଟି ୪୦ ଲକ୍ଷ ୬ ହଜାର ୩୪୪, ବରଗଡ଼ରେ ୯ କୋଟି ୧୯ ଲକ୍ଷ ୬ ହଜାର ➢ପୃଷ୍ଠା-୬

## ଇ-କେୱାଇସି ଧରିବ ଭୂତ ହିତାଧିକାରୀ

ଭୁବନେଶ୍ୱର ୪।୯ (ସଂଚାର ବ୍ୟୁରୋ): ବଡ ଘୋଷଣା କଲେ ଯୋଗାଣ ମନ୍ତ୍ରୀ। ସେପ୍ଟେମ୍ବର ସୁଦ୍ଧା ହିତାଧିକାରୀଙ୍କୁ ନୂଆ ମିଳିବ ନୂଆ ରାସନ କାର୍ଡ। ବିଧାନସଭା ଅଧିବେଶନ ଚାଲିଥିବା ବେଳେ ଗୃହରେ ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ଏଭଳି ସୂଚନା ଦେଇଛନ୍ତି। ଇ-କେୱାଇସି ଯାଞ୍ଚ ଚାଲିଛି, ନୂଆ କାର୍ଡ ପାଇଁ ଆବେଦନ ଜାରି ରହିଛି।

ମନ୍ତ୍ରୀ କହିଛନ୍ତି, ଇ-କେୱାଇସି ଲାଗୁ କରାଯାଇଛି। ଯାହା ଦ୍ୱାରା ଅଯୋଗ୍ୟଙ୍କ ନାଁ କଟିଯିବ ଯୋଗ୍ୟ ହିତାଧତକାରୀ ଏହି ସୁବିଧା ପାଇବେ। ପୂର୍ବରୁ ରାଜ୍ୟରେ ୧୬ ଲକ୍ଷ ୨୭ ହଜାର ୯୩୨ ଭୂତ ରାସନ କାର୍ଡଧାରୀ ଚିହ୍ନଟ ହୋଇଥିଲେ। ବିଧାୟକ ଦୁର୍ଗା ପ୍ରସାଦ ନାୟକଙ୍କ ପ୍ରଶ୍ନରେ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଉତ୍ତର ଦେଇ ଏହି ସୂଚନା ଦେଇଥିଲେ। ➢ପୃଷ୍ଠା-୬

## ନୂଆଁଖାଇ ପାଇଁ ୯ରେ ସ୍କୁଲ ଛୁଟି



ଭୁବନେଶ୍ୱର ୪/୯ (ସଂଚାର ବ୍ୟୁରୋ): ତିନି ଦିନ ପରେ ପଶ୍ଚିମ ଓଡ଼ିଶାର ଲୋକପ୍ରିୟ ଗଣପର୍ବ ନୂଆଖାଇ ପାଳନ ହେବ। ଏଥିପାଇଁ ପ୍ରସ୍ତୁତି ଜୋରଦାର ଚାଲିଛି। ପୂର୍ବରୁ ରାଜ୍ୟ ସରକାର ନୂଆଖାଇ ପାଇଁ ସେପ୍ଟେମ୍ବର ୯ ତାରିଖ (ସୋମବାର)କୁ ଛୁଟି ଘୋଷଣା କରିଛନ୍ତି। ୯ ତାରିଖରେ ସମସ୍ତ ସରକାରୀ, ଅନୁଦାନପ୍ରାପ୍ତ ଓ ବେସରକାରୀ ସ୍କୁଲ ଛୁଟି ରହିବ।

## ନଭେମ୍ବର ୧୫ରୁ ବାଲିଯାତ୍ରା



କଟକ, ୪।୯ (ସଂଚାର ବ୍ୟୁରୋ): ପାଖେଇ ଆସୁଛି ବିଶ୍ୱ ପ୍ରସିଦ୍ଧ କଟକ ବାଲିଯାତ୍ରା। ଚଳଚଞ୍ଚଳ ହେବ ଐତିହାସିକ ବାଲିଯାତ୍ରା ପଡିଆ। ଐତିହାସିକ ଗଡଗଡ଼ିଆ ଘାଟରେ ମେଳିବ ପୂର୍ବଭାରତର ସର୍ବବୃହତ ଟ୍ରେଡ ଫେୟାର। ଏଥିପାଇଁ ଜୋରଦାର ପ୍ରସ୍ତୁତି ଚଲାଇଛି କଟକ ଜିଲ୍ଲା ପ୍ରଶାସନ। ଚଳିତ ଥର ନଭେମ୍ବର ୧୫ରୁ ଆରମ୍ଭ ହେଉଛି ଐତିହାସିକ ବାଲିଯାତ୍ରା।
ଏଥିପାଇଁ ଜୋରଦାର ପ୍ରସ୍ତୁତି ଆରମ୍ଭ ➢ପୃଷ୍ଠା-୬



ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମହାରାଷ୍ଟ୍ରରେ ଫଳ ଦୋକାନୀଙ୍କ ସହିତ କଥା ହୋଇ ସେମାନଙ୍କୁ କେନ୍ଦ୍ରୀୟ ଯୋଜନା ବାବଦରେ ବୁଝାଉଛନ୍ତି।

## ଦୁଇ ବର୍ଷ ପରେ ଜିଲ୍ଲା ବୁଲିବେ ସଚିବ

ଭୁବନେଶ୍ୱର ୪।୯ (ସଂଚାର ବ୍ୟୁରୋ): ପ୍ରାୟ ଦୁଇବର୍ଷ ପରେ ସଚିବମାନେ ଚଳିତ ମାସରୁ ଜିଲ୍ଲା ଗସ୍ତରେ ଯିବେ। କିଏ କେଉଁ ଜିଲ୍ଲାକୁ ଯିବେ ବୁଧବାର ସ୍ଥିର କରାଯାଇଛି। ଏହାସହିତ ପ୍ରତିମାସରେ ସଚିବମାନଙ୍କୁ ଆବଂଟିତ ଜିଲ୍ଲା ବଦଳିବ। ବିଜେଡି ସରକାରରେ ଭିକେ ପାଣ୍ଡିଆନଙ୍କ ଜିଲ୍ଲାଗସ୍ତ ପାଇଁ ସଚିବମାନଙ୍କ ଜିଲ୍ଲା ଗସ୍ତ ଉପରେ ଅଘୋଷିତ କଟକଣା ଜାରି ହୋଇଥିଲା। ତେବେ ବିଜେପି ସରକାର ଆସିବା ପରେ ପୁଣି ଜିଲ୍ଲା ଗସ୍ତ ନେଇ ନିର୍ଦ୍ଦେଶ ଦିଆଯାଇଛି।

ଉନ୍ନୟନ କମିଶନର ଅନୁ ଗର୍ଗ ସଚିବ ଓ ୮ ନିର୍ଦ୍ଦେଶକ ପାହ୍ୟାର ଅଫିସରଙ୍କୁ ଚିଠି ଲେଖି ଜିଲ୍ଲା ଗସ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ପରିଦର୍ଶନ ପାଇଁ ୨-୩ ଦିନର ଯୋଜନା ପ୍ରସ୍ତୁତ ସହ ଅନ୍ୟ ୧୧ଟି ଦିଗ ଉପରେ ଦୃଷ୍ଟି ଦେବାକୁ ପରାମର୍ଶ ଦିଆଯାଇଛି। ଏହି ଆଇଏଏସ୍ ଅଫିସରମାନଙ୍କୁ ଆବଂଟିତ ଜିଲ୍ଲାର ଯେକୌଣସି ସ୍ଥାନକୁ ନିଜ ଇଚ୍ଛା ଅନୁସାରେ ପରିଦର୍ଶନରେ ଯାଇପାରିବେ। ତେବେ ଏଥିରେ ଅପହଂଚ ଓ ଆଦିବାସୀ ବହୁଳ ଅଂଚଳକୁ ସାମିଲ କରିବାକୁ କୁହାଯାଇଛି। ଗସ୍ତ ସମୟରେ ସେମାନେ ଯେକୌଣସି ଗୋଟିଏ ପଂଚାୟତକୁ ପରିଦର୍ଶନ କରି ସେଠାରେ ସରକାରଙ୍କ ବିଭିନ୍ନ ଯୋଜନାରେ ମୌଳିକ ସୁବିଧାଗୁଡ଼ିକ କିଭଳି ଉପଲବ୍ଧ ହେଉଛି ତାହା ତଦାରଖ କରିବେ। ଏହାସହିତ ଦିନକୁ ଅତିକମରେ ଧାର୍ଯ୍ୟ ମୂଲ୍ୟଦେଇ ଆହାର କେନ୍ଦ୍ର, ଆବାସିକ ଛାତ୍ରାବାସ, ସ୍କୁଲ ମଧ୍ୟାହ୍ନଭୋଜନ ଅବା ଅନାଥ ଆଶ୍ରମରେ ଭୋଜନ କରି ଖାଦ୍ୟର ଗୁଣବତ୍ତା ଓ ସେଠାକାର ପରିବେଶ ପରିସ୍ଥିତି ଉପରେ ଦୃଷ୍ଟି ଦେବେ। ଏହି ସମୟରେ ସେମାନେ ଛାତ୍ରଛାତ୍ରୀ ଓ ଅନ୍ତେବାସୀଙ୍କ ➢ପୃଷ୍ଠା-୬

## ନବୀନଙ୍କ ଥଇଥାନ କେନ୍ଦ୍ର ଉପରେ ମୋହନଙ୍କ ସର୍ଜିକାଲ ଷ୍ଟ୍ରାଇକ୍





ଭୁବନେଶ୍ୱର, ୪/୯ (ସଂଚାର ବ୍ୟୁରୋ): ବିଜେଡିର ଥଇଥାନ କେନ୍ଦ୍ର ଉପରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଆରମ୍ଭ କରିଛନ୍ତି ସର୍ଜିକାଲ ଷ୍ଟ୍ରାଇକ। ଉନ୍ନୟନ ପରିଷଦ ଗଠନର ଉଦ୍ଦେଶ୍ୟ ଯେ ଥିଲା ରାଜନୈତିକ ତୁଷ୍ଟିକରଣ ଏକଥା କାହାକୁ ଅଛପା ନୁହେଁ। ସାଧାରଣ ନିର୍ବାଚନରେ ଯାହାର ଟିକେଟ କାଟୁଥିଲେ ତାକୁ ଉନ୍ନୟନ ପରିଷଦର ଅଧ୍ୟକ୍ଷ ଭାବେ ଦାୟିତ୍ୱ ଦିଆଯାଉଥିଲା। ଏପରିକି କେତେକ କ୍ଷେତ୍ରରେ କିଛି ଅସନ୍ତୁଷ୍ଟଙ୍କ ମାନଭଞ୍ଜନ ପାଇଁ ମଧ୍ୟ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଏକ ଥଇଥାନ କେନ୍ଦ୍ର ଥିଲା। ଏହି ନବୀନଙ୍କ ଏହି ଥଇଥାନ କେନ୍ଦ୍ର ଉପରେ ଏବେ ହାତ ମାରିଛନ୍ତି ମୋହନ ମାଝୀ। ଏହି ସବୁ ଥଇଥାନ କେନ୍ଦ୍ର ଏବେ ବିଜେପିର ଅନ୍ୟତମ ରାଜନୈତିକ ଅସ୍ତ୍ର ହେବାକୁ ଯାଉଛି। ବିଜେପି ସରକାର ଏହିସବୁ ଉନ୍ନୟନ ପରିଷଦକୁ ବନ୍ଦ କରିବାର ସମ୍ଭାବନା କମ। କାରଣ ଏହାଦ୍ୱାରା ଆଦିବାସୀ ଅଧ୍ୟୁଷିତ ଅଂଚଳରେ ଆଦିବାସୀଙ୍କ ଭାଷା ସାହିତ୍ୟ ଓ ସଂସ୍କୃତିର ସୁରକ୍ଷା ଓ ପ୍ରଚାର ପ୍ରସାର ହେଉଥିଲା। ତେଣୁ ରାଜ୍ୟର ଆଦିବାସୀଙ୍କୁ ମୁଖ୍ୟମନ୍ତ୍ରୀ ଭାବେ ପ୍ରତିନିଧିତ୍ୱ କରୁଥିବା ମୋହନ ମାଝୀ ଏହିସବୁ ସ୍ୱତନ୍ତ୍ର ଉନ୍ନୟନ ପରିଷଦକୁ ବନ୍ଦ କରିନପାରନ୍ତି। ବରଂ ଏହସବୁ ଉନ୍ନୟନ ପରିଷଦରେ ଏବେ ବିଜେପିର କିଛି ଆଗଧାଡିର ନେତାଙ୍କୁ ନିଯୁକ୍ତି ମିଳିବ। ଏକ ରାଜନୈତିକ ଦଳ ପାଇଁ ଏହା ମଧ୍ୟ ଜରୁରୀ।

ରାଜ୍ୟରେ ଥିବା ସମସ୍ତ ୨୩ ସ୍ୱତନ୍ତ୍ର ଉନ୍ନୟନ ପରିଷଦର କାର୍ଯ୍ୟକାରିତାକୁ ରାଜ୍ୟ ସରକାର ସମାପ୍ତ କରିଛନ୍ତି। ତତକାଳୀନ ବିଜେଡି ସରକାର ଆଦିବାସୀ ଭୋଟରଙ୍କୁ ଆକୃଷ୍ଟ କରିବା ପାଇଁ ୨୦୧୭ ମସିହାରେ ୯ଟି ଏବଂ ୨୦୨୩ ମେ'ରେ ଆଉ ୧୪ଟି ଜିଲ୍ଲାରେ ମୋଟ ୨୩ଟି ସ୍ୱତନ୍ତ୍ର ଉନ୍ନୟନ ପରିଷଦ ବା ସ୍ପେଶାଲ ଡେଭଲପମେଂଟ ➢ପୃଷ୍ଠା-୬

## ବାର୍ଡ ଫ୍ଲୁ ସ୍ଥିତି ଅନୁଧ୍ୟାନ କଲେ କେନ୍ଦ୍ରୀୟ ଟିମ୍

ନିମାପଡ଼ା୪।୯ (ସଂଚାର ବ୍ୟୁରୋ): ବାର୍ଡ ଫ୍ଲୁ ସଂକ୍ରମିତ ଅଞ୍ଚଳରେ କେନ୍ଦ୍ରୀୟ ଟିମ୍। ପୁରୀ ଜିଲ୍ଲାରେ ବାର୍ଡ ଫ୍ଲୁ ସଂକ୍ରମଣ ମାଡିଚାଲିଥିବା ବେଳେ ଏହି ସ୍ଥିତିର ସମୀକ୍ଷା ପାଇଁ ବୁଧବାର ଆସିଛନ୍ତି କେନ୍ଦ୍ରୀୟ ଦଳ। ପ୍ରାଣୀ ଚିକିତ୍ସା ମନ୍ତ୍ରଣାଳୟର ଆଡିସିନାଲ କମିଶନର ଅଭିଜିତ ମିତ୍ରଙ୍କ ନେତୃତ୍ୱରେ କେନ୍ଦ୍ରୀୟ ବିଶେଷଜ୍ଞ ଦଳ ନିମାପଡା ବ୍ଲକର କୋଠକୁସାଙ୍ଗ ଗାଁରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ସେମାନେ ବାର୍ଡ ଫ୍ଲୁ ଚିହ୍ନଟ ହୋଇଥିବା ଅଞ୍ଚଳ, ଫାର୍ମ ପରିଦର୍ଶନ କରିବା ସହିତ ସ୍ଥାନୀୟ କୁକୁଡା ଚାଷୀଙ୍କ ସହ ଆଲୋଚନା କରିଛନ୍ତି। କେତେ କୁକୁଡା ➢ପୃଷ୍ଠା-୬

### ନିମାପଡ଼ାରେ ଚାଷୀଙ୍କ ସହ ଆଲୋଚନା



## ଭଦ୍ରକରୁ ପ୍ରୟାଗରାଜ ଲମ୍ବିଛି ଲିଙ୍କ୍ !

### ୟୁପି ମଦ୍ରାସାରେ ଜାଲ ନୋଟ୍ କାରବାର



ଭଦ୍ରକ, ୪/୯ (ସଂଚାର ବ୍ୟୁରୋ): ମଦ୍ରାସା ଜାଲ ନୋଟ କାରବାରରେ ଓଡ଼ିଶା ଲିଙ୍କ୍। ଉତ୍ତରପ୍ରଦେଶ ପ୍ରୟାଗରାଜ ମଦ୍ରାସାରେ ଜାଲ୍ ନୋଟ୍ କାରବାରର ପର୍ଦ୍ଦାଫାସ ହୋଇଛି। ଏହି ରାକେଟରେ ମଦ୍ରାସାର ପ୍ରିନ୍ସିପାଲ ସମେତ ୪ ଜଣଙ୍କୁ ଗିରଫ କରିଥିଲେ। ଅଭିଯୁକ୍ତଙ୍କ ମଧ୍ୟରେ ୨ଜଣ ଓଡ଼ିଶାର। ସେମାନେ ହେଲେ ଭଦ୍ରକର ତଫସିରୁଲ ଆରିଫିନ ଓ ଜାହିର ଖାନ। ଏମାନେ ଭଦ୍ରକର ମୂଳ ବାସିନ୍ଦା ବୋଲି ଜଣାପଡିଛି। ସୂଚନା ଅନୁସାରେ, ପ୍ରୟାଗରାଜ ପୋଲିସ ଗତ ଗୁରୁବାର ନକଲି ନୋଟ କାରବାର ମାମଲାରେ ଚଢ଼ାଉ କରିଥିଲା। ଅତରସୁଇୟା ଥାନା ଅଞ୍ଚଳରେ ରେଡ ବେଳେ ପୋଲିସ ୪ ଜଣଙ୍କୁ ଗିରଫ କରିଥିଲା। ସେମାନେ ହେଲେ ମୌଲବୀ ମହମ୍ମଦ ତଫସିରୁଲ ଆରିଫିନ, ଜାହିର ଖାନ, ମହମ୍ମଦ ସାହିଦ ଓ ମହମ୍ମଦ ଅଫଜଲ। ଏମାନଙ୍କ ମଧ୍ୟରୁ ମୌଲବୀ ମହମ୍ମଦ ତଫସିରୁଲ ଆରିଫିନ, ଜାହିର ଖାନ ଭଦ୍ରକ ଜିଲ୍ଲା ବାସୁଦେବପୁର ଥାନା ଶୁକଦେବପୁର ୧୩ ନମ୍ବର ୱାର୍ଡର ବୋଲି ଜଣାପଡିଛି। ଗତ ୨୮ ତାରିଖରେ ଉକ୍ତ ମଦ୍ରାସାରୁ ଚଢ଼ାଉ ବେଳେ ପୋଲିସ ଏକ ଲକ୍ଷ ୩୦ ହଜାରର ନକଲି ଶହେ ଟଙ୍କିଆ ନୋଟ, ନୋଟ ଛପା ମେସିନ୍, ପ୍ରିଣ୍ଟର, ଲାପଟପ, ପେପର କଟର ସହ ନୋଟ୍ ଛାପିବାରେ ବ୍ୟବହାର ହେଉଥିବା ସରଞ୍ଜାମ ମଧ୍ୟ ଜବତ କରିଛି। ଧରାପଡିଥିବା ➢ପୃଷ୍ଠା-୬

## ବେପରୁଆ ବାବୁ

# ବିଧାନସଭାରେ ଅପଦସ୍ତ ହେଉଛନ୍ତି ସରକାର



ଭୁବନେଶ୍ୱର, ୪।୯ (ସଂଚାର ବ୍ୟୁରୋ): ବାବୁଙ୍କ ବେପରୁଆ ପଣ ଯୋଗୁଁ ସରକାର ଏବେ ବିଧାନସଭାରେ ଅପଦସ୍ତ ହେଉଛନ୍ତି। ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ହେଉ କିମ୍ବା ରାଜ୍ୟରେ ଡେଙ୍ଗୁ ମୃତ୍ୟୁ ହେଉ ବିଧାନସଭାରେ ସରକାର ଯେଭଳି ଅକଳ ସ୍ଥିତିରେ ପଡୁଛନ୍ତି ସେଥିପାଇଁ ଅନେକ ଏବେ ବାବୁମାନଙ୍କ ବେପରୁଆ ପଣକୁ ଦାୟୀ କରୁଛନ୍ତି। ହାଇକୋର୍ଟ ବେଞ୍ଚ ପ୍ରସଙ୍ଗରେ ବିଜେଡି ସଦସ୍ୟ କଳିକେଶ ନାରାୟଣ ସିଂଦେଓ ପଚାରିଥିବା ପ୍ରଶ୍ନର ଉତ୍ତର ରଖିଥିଲେ ଖୋଦ୍ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି। ଲିଖିତ ଉତ୍ତରରେ ସିଧା କୁହାଗଲା ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ହୋଇପାରିବ ନାହିଁ। ଏହା ଅତ୍ୟନ୍ତ ସ୍ପର୍ଶକାତର ଘଟଣା ବୋଲି ଉତ୍ତର ପ୍ରସ୍ତୁତ କରୁଥିବା ବାବୁମାନେ ଭୁଲିଗଲେ। ମାମଲା ଉଗ୍ରରୂପ ନେବା ପୂର୍ବରୁ ଅବଶ୍ୟ ଦିନକ ପରେ ମୁଖ୍ୟମନ୍ତ୍ରୀ ଏହି ଘଟଣାରେ ବିଧାନସଭାରେ ବିବୃତ୍ତି ଦେବାକୁ ବାଧ୍ୟ ହେଲେ। କହିଲେ ହାଇକୋର୍ଟ ବେଞ୍ଚ ପ୍ରସଙ୍ଗ ରାଜ୍ୟ ସରକାରଙ୍କର ବିଚାରାଧିନ ରହିଛି। ହେଲେ ଏତେ ବଡ ଘଟଣାରେ ସରକାର ଅପ୍ରସ୍ତୁତ ହେଲେ। ନେଡିଗୁଡ କହୁଣିକୁ ବୋହିଯିବା ପୂର୍ବରୁ କୌଣସି ପ୍ରକାରେ ସ୍ଥିତିକୁ ସମ୍ଭାଳିନେଲେ। କାରଣ ଏହି ଘଟଣାରେ ସରକାରୀଦଳର ବିଧାୟକମାନେ ମଧ୍ୟ ସରକାରଙ୍କ ହାତଛାଡି ଦେଇଥିଲେ। ତେବେ ମୁଖ୍ୟମନ୍ତ୍ରୀ ଯେଉଁ ବିବୃତ୍ତି ଗୃହରେ ରଖିଲେ ତାହାକୁ ଉତ୍ତର ଆକାରରେ ଦିଆଯାଇ ପାରିଥାନ୍ତା।

ସେହିଭଳି ଆଉ ଗୋଟିଏ ଉତ୍ତର ହେଉଛି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର। ରାଜ୍ୟର ରକ୍ତଭଣ୍ଡାରଗୁଡିକରେ କାର୍ଯ୍ୟରତ ଠିକା କର୍ମଚାରୀମାନଙ୍କ ସ୍ଥାୟୀତ୍ୱକୁ ନେଇ। ଲିଖିତ ଉତ୍ତରରେ ସିଧା କୁହାଯାଇଛି ଅସ୍ଥାୟୀ କର୍ମଚାରୀଙ୍କୁ ସ୍ଥାୟୀ କରାଯାଇ ପାରିବ ନାହିଁ। ଏହାକୁ ନେଇ ସାରା ରାଜ୍ୟର ରକ୍ତଭଣ୍ଡାର କର୍ମଚାରୀଙ୍କ ମଧ୍ୟରେ ଅସନ୍ତୋଷ କୁହୁଳୁଛି। କାରଣ ଏହି କର୍ମଚାରୀମାନେ ନିଜର ଚାକିରି ସ୍ଥାୟୀ କରିବାକୁ ଦୀର୍ଘଦିନ ଧରି ଆନ୍ଦୋଳନ ଚଳାଇବା ସହିତ ସରକାରଙ୍କ ଉପରେ ଚାପ ପକାଉଛନ୍ତି। ସେହିଭଳି ସ୍ୱାସ୍ଥ୍ୟମନ୍ତ୍ରୀ ବିଧାନସଭାରେ କହିଛନ୍ତି ରାଜ୍ୟରେ ଗୋଟିଏ ହେଲେ ଡେଙ୍ଗୁ ମୃତ୍ୟୁ ହୋଇନାହିଁ। ଏହାକୁ ଏବେ ବିରୋଧି ପ୍ରସଙ୍ଗ କଲେଣି। ବିରୋଧିଦଳର ଯୁକ୍ତି ହେଉଛି ➢ପୃଷ୍ଠା-୬

## ବାଙ୍ଗାଲୋରରେ ଦାଦନ ଶ୍ରମିକଙ୍କ ଆତ୍ମହତ୍ୟା


(ଫାଇଲ ଫଟୋ)

ରାଜନଗର, ୪।୯ (ସଂଚାର ବ୍ୟୁରୋ): ରାଜନଗର ଥାନା ଅନ୍ତର୍ଗତ କୁରୁଂଟି ପଂଚାୟତ ଚକ୍ରଧରପୁର ଗାଁର କୁଳମଣି ଜେନାଙ୍କ ପୁଅ କେଦାର କୁମାର ଜେନା (୨୨ବର୍ଷ) ବାଙ୍ଗାଲୋରରେ ଆତ୍ମହତ୍ୟା କରିଛନ୍ତି। ସୂଚନା ମୁତାବକ କେଦାର ବାଙ୍ଗାଲୋରରେ ଦାଦନ ଶ୍ରମିକ ଭାବେ କାମ କରନ୍ତି। ଆଜି କାମକୁ ନଯାଇ ରୁମରେ ରହିଥିଲେ। ଅନ୍ୟମାନେ କାମକୁ ଯିବା ପରେ ଘର ଭିତରେ ଦଉଡିଦେଇ ଆତ୍ମହତ୍ୟା କରିଥିବା ଜଣାପଡିଛି। ଖବରପାଇ ପରିବାର ଲୋକେ ସେଠାକୁ ଯାଇଛନ୍ତି। କେଦାରଙ୍କ ମୃତ୍ୟୁ ଖବର ଗାଁରେ ଶୋକାକୂଳ ପରିସ୍ଥିତି ସୃଷ୍ଟି କରିଛି। କେଦାର କାହିଁକି ଆତ୍ମହତ୍ୟା କଲେ ତାହାକୁ ନେଇ ଚର୍ଚ୍ଚା ଲାଗି ରହିଛି। ସରପଂଚ ସସ୍ମିତା ମହାନ୍ତି ଓ ପୂର୍ବତନ ସରପଂଚ ରଂଜନ କୁମାର ମହାନ୍ତି ପରିବାର ଲୋକଙ୍କୁ ଭେଟି ସମବେଦନା ଜଣାଇଛନ୍ତି।

## ଗ୍ରେସ ମାର୍କ ପାଇଁ ଓଟିଇଟି ପରୀକ୍ଷାର୍ଥୀଙ୍କ ଦାବି



ଯାଜପୁର, ୪।୯ (ସଂଚାର ବ୍ୟୁରୋ): ଅନ୍ଧାରରେ ଯାଜପୁର ଜିଲ୍ଲାର ଓଟିଇଟି ପରୀକ୍ଷାର୍ଥୀଙ୍କ ଭବିଷ୍ୟତ। ସୂଚନା ଅନୁଯାୟୀ ଅଗଷ୍ଟ ମାସ ୧୭ ତାରିଖରେ ସାରା ଓଡିଶା ସମେତ ଯାଜପୁର ଜିଲ୍ଲାରେ ଓଟିଇଟି ପରୀକ୍ଷା ବିଭିନ୍ନ ପରୀକ୍ଷା କେନ୍ଦ୍ରରେ ଅନୁଷ୍ଠିତ ହୋଇଥିଲା। ପରୀକ୍ଷା ଆରମ୍ଭ ହେବାର କିଛି ସମୟ ପରେ ପ୍ରାୟ ଦେଢ଼ ଘଣ୍ଟା ଧରି ଭୀଷଣ ପବନ ବର୍ଷା ସାଙ୍ଗକୁ ବଜ୍ରପାତ ଆରମ୍ଭ ହୋଇଥିଲା। ଫଳରେ ପରୀକ୍ଷା କେନ୍ଦ୍ରରୁ ବିଜୁଳି ଚାଲି ଯାଇଥିଲା। ଫଳରେ ପରୀକ୍ଷାର୍ଥୀ ପ୍ରଶ୍ନ ପତ୍ର ସଠିକ ଭାବେ ପଢ଼ି କିମ୍ବା ଦେଖି ପାରିନଥିଲେ। ଝରକା କଡରେ ବସିଥିବା ପରୀକ୍ଷାର୍ଥୀଙ୍କ ପ୍ରଶ୍ନପତ୍ର ଓ ଉତ୍ତରଖାତା ମଧ୍ୟ ଓଦା ହୋଇଯାଇଥିଲା। କିନ୍ତୁ ବିଭ୍ରାଟ ପରେ ବି ପରୀକ୍ଷାର୍ଥୀଙ୍କୁ ଅଧିକ ସମୟ ମଧ୍ୟ ପ୍ରଦାନ କରାଯାଇନଥିଲା। ଯାହାକି ପରୀକ୍ଷାର୍ଥୀମାନଙ୍କ ମନରେ ପରୀକ୍ଷାରେ ଉତୀର୍ଣ୍ଣ ହେବାର ଭୟ ସୃଷ୍ଟି ହୋଇଛି। ତେଣୁ ପରୀକ୍ଷାର୍ଥୀମାନେ ସେଦିନର ଘଟଣାକୁ ଯାଞ୍ଚ କରି ପରୀକ୍ଷା କେନ୍ଦ୍ର ପରିଚାଳକଙ୍କ ମତାମତ ଆଧାରରେ ପରୀକ୍ଷାର୍ଥୀମାନଙ୍କୁ ଗ୍ରେସ ମାର୍କ ପ୍ରଦାନ କରି ପାସ କରିବାକୁ ବହୁ ପରୀକ୍ଷାର୍ଥୀ ଦାବିପତ୍ର ପ୍ରଦାନ କରିଛନ୍ତି।

## ରକ୍ତଦାନ ଶିବିର ଓ ନାରୀ ସଶକ୍ତୀକରଣ କାର୍ଯ୍ୟକ୍ରମ

ବ୍ରହ୍ମପୁର, ୪।୯ (ସଂଚାର ବ୍ୟୁରୋ): ବିନାୟକ ଆଚାର୍ଯ୍ୟ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା, ୟୁଥ ରେଡ଼କ୍ରସ ଓ ବାସଭି କ୍ଲବ, ବ୍ରହ୍ମପୁରର ମିଳିତ ଆନୁକୂଲ୍ୟରେ ରକ୍ତଦାନ ଶିବିର ସହ ନାରୀ ସଶକ୍ତିକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉଭୟ କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ଼. ପ୍ରମିଳା ଖାଡଙ୍ଗା ଉଦ୍‌ଘାଟନ କରିଥିଲେ।



ଜାତୀୟ ସେବା ଯୋଜନା ୟୁନିଟ-୧ ର କାର୍ଯ୍ୟକ୍ରମ ଅଧିକାରୀ ଡ.ରବୀନ୍ଦ୍ର କୁମାର ପଣ୍ଡା ୟୁନିଟ-୨ କାର୍ଯ୍ୟକ୍ରମ ଅଧିକାରିଣୀ ଡ.ଶୁଭଶ୍ରୀ ଅପରାଜିତା ୟୁଥ ରେଡ଼କ୍ରସର ସଂଯୋଜକ ଡ.ଚିତ୍ତରଞ୍ଜନ ମହାନ୍ତି ଓ ବାସଭି କ୍ଲବର ସଦସ୍ୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରକ୍ତଦାନ ଶିବିର ପରିଚାଳିତ ହୋଇଥିଲା। ସେହିପରି ନାରୀ ସଶକ୍ତିକରଣ କାର୍ଯ୍ୟକ୍ରମରେ ଅଧ୍ୟକ୍ଷା ମହୋଦୟା ମହିଳାଙ୍କ ସାହସ ଓ ଧୈର୍ଯ୍ୟ ବିଷୟରେ କହିଥିଲେ।

## ଖୋର୍ଦ୍ଧା ଜିଲ୍ଲା ବିଜେପି ପକ୍ଷରୁ ସଦସ୍ୟତା ଅଭିଯାନ

ଖୋର୍ଦ୍ଧା, ୪।୯ (ସଂଚାର ବ୍ୟୁରୋ): ଆଜି ଖୋର୍ଦ୍ଧା ତଳସାହି ପାର୍ବତୀ କଲ୍ୟାଣ ମଣ୍ଡପ ଠାରେ ବିଜେପି ଖୋର୍ଦ୍ଧା ଜିଲ୍ଲା ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀର ଆୟୋଜନ କରାଯାଇଥିଲା । ଉକ୍ତ ସାମ୍ବାଦିକ ସମ୍ମିଳନୀରେ ମାନ୍ୟବର ସାଂସଦ ଭୁବନେଶ୍ୱର ଅପରାଜିତା ଷଡ଼ଙ୍ଗୀ ଯୋଗଦେଇ କହିଲେ ପ୍ରତି ୬ ବର୍ଷରେ ଥରେ ବିଜେପି ପକ୍ଷରୁ ପ୍ରାଥମିକ ସଦସ୍ୟତା ଅଭିଯାନ ହୋଇଥାଏ। ଭାରତୀୟ ଜନତା ପାର୍ଟି ଏକ ରାଷ୍ଟ୍ରୀୟ ପାର୍ଟି । ଏହି ଦଳ ରାଷ୍ଟ୍ରର ଚିନ୍ତାଧାରା ଉପରେ ପର୍ଯ୍ୟବେସିତ । ଜାତୀୟତାବାଦ , ଦେଶ ଭକ୍ତି , ରାଷ୍ଟ୍ରୀୟ ଚେତନାକୁ ଜାଗ୍ରତ କରୁଥିବା ଏହି ଦଳର ବିଚାରଧାରା ହିଁ ଅନ୍ୟ ରାଜନୈତିକ ଦଳଠାରୁ ଭିନ୍ନ ପରିଚୟ ଦେଇଥାଏ । ସମ୍ପୂର୍ଣ୍ଣ ଗଣତାନ୍ତ୍ରିକ ବ୍ୟବସ୍ଥାରେ ବିଶ୍ୱାସ କରୁଥିବା ଭାରତୀୟ ଜନତା ପାର୍ଟିର ମୂଳମନ୍ତ୍ର ହେଉଛି 'ସେବାହିଁ ହିଁ ସଂଗଠନ' ଏବଂ ସଂଗଠନର ଆତ୍ମା ହେଉଛି ପ୍ରାଥମିକ ସଦସ୍ୟତା । ଗତ ୩ ତାରିଖ ମଙ୍ଗଳବାର ରାଜ୍ୟ କାର୍ଯ୍ୟାଳୟରେ ମାନନୀୟ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଏବଂ ରାଜ୍ୟ ସଭାପତି ଶ୍ରୀ ମନମୋହନ ସାମଲ ସଦସ୍ୟତା ଅଭିଯାନର ଶୁଭାରମ୍ଭ କରିଥିଲେ । ଆଜି ଠାରୁ ସମସ୍ତ ଜିଲ୍ଲାରେ ସଦସ୍ୟତା ଅଭିଯାନ ଆରମ୍ଭ ହେଉଛି । ଏହି ଉପଲକ୍ଷେ ଖୋର୍ଦ୍ଧା ଜିଲ୍ଲାରେ ମଧ୍ୟ ସଦସ୍ୟତା ଆରମ୍ଭ ହେଉଛି । ପ୍ରାଥମିକ ସଦସ୍ୟତା ପାଇଁ ଚାରିଗୋଟି ମାଧ୍ୟମ ସମ୍ପର୍କରେ ସୂଚନା ଦେଇଥିଲେ। ୧. ଅନ ଲାଇନ ମାଧ୍ୟମରେ ମିସ କଲ ( ୮୮୦୦୦୦୨୦୨୪) ୨.ନମୋ ଆପ ,୩. କ୍ୟୁଆର କୋର୍ଡ଼ ୪. ଅଫଲାଇନ ମାଧ୍ୟମରେ ସଦସ୍ୟତା ଗ୍ରହଣ କରାଯିବ । ଏହି ଅଭିଯାନରେ ସମାଜର ସବୁ ବର୍ଗର ଓ ସବୁସ୍ତରର ଲୋକ ଏଥିରେ ସାମିଲ ହୋଇପାରିବେ ବୋଲି ସୂଚନା ଦେଇଥିଲେ । ଉକ୍ତ ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ସଭାପତି ରଶ୍ମିରଞ୍ଜନ ମହାପାତ୍ର , ବିଶ୍ୱରଞ୍ଜନ ବଡ଼ଜେନା , ଅଜୟ ମିଶ୍ର ଯୋଗଦେଇଥିଲେ ।




## ଦୁର୍ଦ୍ଦଶାରେ ବାଞ୍ଜିପୁଲ ଗ୍ରାମବାସୀ

# ରାସ୍ତା କି ବିଜୁଳି ନାହିଁ, ନାଳ ହିଁ ଭରସା

ଚନ୍ଦ୍ରପୁର/ମୁନିଗୁଡା, ୪।୯ (ସଂଚାର ବ୍ୟୁରୋ): ବିଗତ ସରକାରଙ୍କର ୨୪ ବର୍ଷ ଶାସନ ବିତିଲା। ବିକାଶ ନାଁରେ କୋଟି କୋଟି ଟଙ୍କା ଅବାଟରେ ଲାଗିଲା, ନେତା କର୍ମୀ ମାଲେ ମାଲ ହେଲେ। କିନ୍ତୁ ବିକାଶର ଡିଣ୍ଡିମ ପିଟୁଥିବା ସରକାର ଗ୍ରାମାଞ୍ଚଳର ବିନାଶ କରିଥିବା ଜ୍ୱଳନ୍ତ ଉଦାହରଣ ଦର୍ଶାଇ ମୋହନ ସରକାରଙ୍କ ଉପରେ ଆସ୍ଥା ପ୍ରକଟ କରିଛନ୍ତି। ଏପରି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ରାୟଗଡ଼ା ଜିଲ୍ଲା ଚନ୍ଦ୍ରପୁର ବ୍ଲକ ବିଜାପୁର ପଞ୍ଚାୟତର ବାଞ୍ଜିପୁଲ ଆଦିବାସୀ ଗ୍ରାମରେ। ଏହି ଗ୍ରାମବାସୀ ବିଜୁଳି କଣ ଜାଣନ୍ତି ନାହିଁ। ରାସ୍ତା ନଥିବାରୁ ପାଣି ନାଳରେ ପଶି ପାଦଚଲା ରାସ୍ତାରେ ଯିବା ଆସିବା କରିଥାନ୍ତି। ଏମାନେ ନାଳଘେରା ଜଙ୍ଗଲ ମଧ୍ୟରେ ଜୀବନ ଅତିବାହିତ କରୁଥିବା ଦେଖିବାକୁ ମିଳୁଛି। ଏଠାକୁ କୌଣସି ସରକାରୀ ବାବୁମାନଙ୍କର ପାଦ ପଡେ ନାହିଁ। ନିର୍ବାଚନ ଆସିଲେ ଭୋଟ ନେବା ଆଶାରେ ଗାଁକୁ ରାସ୍ତା, ନାଳକୁ ବ୍ରିଜ ଏବଂ ଗାଁରେ ବିଜୁଳି ଆଲୋକର ଆଶା ଦେଖାଇ ଭୋଟ ନେବାକୁ ନେତା ଆସିଥାନ୍ତି। ଭୋଟ ସରିଗଲେ ଧୂଆଁବାଣ କଥା ନେତାଙ୍କର ମନ ନ ଥାଏ କି ଦେଖା ମିଳି ନଥାଏ।



ଏହି ବାଞ୍ଜିପୁଲ ଗ୍ରାମରେ ପ୍ରାୟ ଶତାଧିକ ଲୋକ ଦୀର୍ଘଦିନରୁ ପରିବାର ନେଇ ବସବାସ କରୁଛନ୍ତି। ମେଡିକାଲ, ସ୍କୁଲ, ବ୍ଲକ, ପଞ୍ଚାୟତ, ବଜାର ଯିବାକୁ ହେଲେ ନାଳପାଣିରେ ପଶି ପାଦଚଲା ରାସ୍ତାରେ ପ୍ରାୟ ୨କିମି ଯିବାପରେ ଆରଡି ରାସ୍ତା ପଡେ। ବର୍ଷାଦିନେ ଛାତ୍ରଛାତ୍ରୀଙ୍କ ସମେତ ଗ୍ରାମବାସୀ ବହୁ କଷ୍ଟରେ ଜୀବନକୁ ବାଜି ଲଗାଇ ନାଳ ପାରି ହୋଇ ସ୍କୁଲ ଓ ବିଭିନ୍ନ କାର୍ଯ୍ୟରେ ଯାଇଥାନ୍ତି। ସ୍ୱାସ୍ଥ୍ୟଗତ କାରଣରୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯିବାକୁ ବହୁ ସମସ୍ୟା ଦେଖାଦେଇଥାଏ । ଏଭଳି ସ୍ଥିତିରେ ଦେଶ ସ୍ୱାଧୀନ ହେବାର ୭୮ବର୍ଷ ବିତିଯାଇଥିଲେ ବି ଏହି ବାଞ୍ଜିଲାପୁଲ ଆଦିବାସୀ ସ୍ୱାଧୀନ ହୋଇଥିବା ଅନୁଭବ କରି ପାରୁ ନାହାଁନ୍ତି। ଗତ ସରକାର ୨୪ବର୍ଷ ଶାସନ କରି ମା'କୁ ସମ୍ମାନ ଗାଁ କୁ ରାସ୍ତା ନାରା ଦେଇ ସ୍ୱାସ୍ଥ୍ୟ, ଶିକ୍ଷା ଓ ଗମନାଗମନ ପ୍ରତି ଗୁରୁତ୍ୱ ଦେଉଥିବାବେଳେ ବାଞ୍ଜିଲାପୁଲ ଗ୍ରାମ ଏହାର ସାବତ ପୁଅ ପାଲଟିଛି। ବହୁବାର ଗ୍ରାମବାସୀ ପ୍ରଶାସନ ନିକଟରେ ଆପତ୍ତି ଅଭିଯୋଗ କରିଥିଲେ ମଧ୍ୟ କର୍ଣ୍ଣପାତ କରୁ ନାହାଁନ୍ତି। ସରକାର ବାଞ୍ଜିଲାପୁଲ ଗ୍ରାମର ସମସ୍ୟାକୁ ସମାଧାନ କରିବାକୁ ଗ୍ରାମବାସୀ ସମେତ ନ୍ୟାୟବ ସରପଞ୍ଚ ଦାବି କରିଛନ୍ତି। ଯଦି ସରକାର ବାଞ୍ଜିଲାପୁଲ ଗ୍ରାମବାସୀଙ୍କ ନ୍ୟାୟୋଚିତ ଦାବୀ ପୁରଣ ନ କରନ୍ତି ଆଗାମି ଦିନରେ ପରିବାର ସହ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

## ଜଣାପଡୁନି କାରଣ, ମାଡ଼ି ଚାଲିଛି ରୋଗ

# ରାମଚନ୍ଦ୍ରପୁରରେ ୯୦% କିଡନୀ ରୋଗରେ ଆକ୍ରାନ୍ତ

ଉଦଳା, ୪।୯ (ସଂଚାର ବ୍ୟୁରୋ): ଜଣା ପଡୁନାହିଁ କାରଣ, ହେଲେ କାୟା ବିସ୍ତାର କରିଚାଲିଛି କିଡ୍‌ନୀଜନିତ ରୋଗ। ଏହି ରୋଗରର ଭୟାବହତା ଭିତରେ ପୁରା ଗ୍ରାମ ଶଙ୍କାଗ୍ରସ୍ତ। କିଏ ଖଟିଆ ଉପରେ ଶୋଇ ରହିଛି ତ ଆଉ କିଏ ହାତରେ ଆଶାବାଡ଼ି ଧରି ଚାଲୁଛି ! କାହାର ଶରୀର କ୍ଷୀଣ ଅବସ୍ଥାରେ ଅଛି ତ ପୁଣି କିଏ ଯୁବାବସ୍ଥାରେ ବି ଶଯ୍ୟାଶାୟୀ । ଗାଁକୁ ପଶିଲେ ପ୍ରତି ଘରେ ପ୍ରାୟ ଏପରି ଚିତ୍ର ଦେଖିବାକୁ ମିଳୁଛି। ମୟୂରଭଞ୍ଜ ଜିଲ୍ଲା ଉଦଳା ବ୍ଲକ ରାଢ଼ୋ ଗ୍ରାମପଞ୍ଚାୟତର ରାମଚନ୍ଦ୍ରପୁର ଗ୍ରାମରେ ଏଭଳି ଘଟଣା ଦେଖିବାକୁ ମିଳିଛି ।



ଏହି ଗାଁରେ ୪୦ରୁ ଅଧିକ ପରିବାର ବସବାସ କରନ୍ତି । ସେଥିମଧ୍ୟରୁ ୯୦ ପ୍ରତିଶତ ପରିବାରର ସଦସ୍ୟମାନେ ଏବେ କିଡ୍‌ନୀଜନିତ ରୋଗରେ ଆକ୍ରାନ୍ତ । କିଏ ୪ ମାସ ହେଲା ତ ପୁଣି କିଏ ବର୍ଷେ ହେ ହେଲା, ଆଉ କେତେଜଣ ବର୍ଷ ବର୍ଷ ଧରି ଏହି ରୋଗରେ ଆକ୍ରାନ୍ତ ହୋଇ ଏବେ ଶଯ୍ୟା ଯ୍ୟାଶାୟୀ ହୋଇଯାଇଛନ୍ତି । ସବୁକିଛି ଠିକ୍ ଥିବା ବେଳେ ହଠାତ୍ ଶରୀର ଅସୁସ୍ଥ ହୋଇପ ହୋଇପଡୁଛି । ତା' ପରେ ପରୀକ୍ଷା କରିବାରୁ ରୋଗ ସମ୍ପର୍କରେ ଜଣାପଡୁଛି ଏହି ରୋଗରେ ଆକ୍ରାନ୍ତ ଗ୍ରାମ ଗ୍ରାମର କେତେଜଣ ଯୁବକଙ୍କ ଅଳ୍ପ ବୟସରେ ମୃତ୍ୟୁ ମଧ୍ୟ ହୋଇଛି । ଆକ୍ରାନ୍ତମାନେ ଡାକ୍ତରଖାନାକୁ ଯାଇ ଔଷଧ ଆଣୁଥିବା ବେଳେ ଅନେକ ଔଷଧ ବାହାରୁ କିଣିବାକୁ ପଡୁଛି । ଅଧିକ ଅର୍ଥ ଦେଇ ଔଷଧ କିଣିବା ସମସ୍ତଙ୍କ ପାଇଁ ସମ୍ଭବପର ହୋଇପାରୁନ ଥିବାରୁ ଅନେକେ ଔଷଧ ଖାଇବା ବନ୍ଦ ମଧ୍ୟ କରିଦେଇଛନ୍ତି । ଏହି ଗ୍ରାମକୁ କୌଣସି ସରକାରୀ ଅଧିକାରୀ କିମ୍ବା ମେଡିକାଲ ଟିମ୍ ଯାଇ ନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି ।

ତେବେ କିଡନୀଜନିତ ରୋଗର କାରଣ ଅଦ୍ୟାବଧି ଜଣାପଡ଼ି ନ ଥିବାବେଳେ ଆଇରନ ଯୁକ୍ତ ପାଣି ଯୋଗୁ ରୋଗ ବ୍ୟାପୁଥିବା ଗ୍ରାମବାସୀ ଅନୁମାନ କରୁଛନ୍ତି । ପରିତାପର ବିଷୟ ଦୀର୍ଘବର୍ଷ ହେବ ଗ୍ରାମବାସୀ କିଡ୍‌ନୀଜନିତ ରୋଗରେ ଆକ୍ରାନ୍ତ ହେବା ସହ ଏହା ଗାଁରେ ବ୍ୟାପୁଥିଲେ ସୁଦ୍ଧା ଏଥିପ୍ରତି କାହାର ନଜର ନାହିଁ । ଏ ସମ୍ପର୍କରେ କପ୍ତିପଦା ଉପଖଣ୍ଡ ଚିକିତ୍ସା ଅଧିକାରୀ ଲକ୍ଷ୍ମୀକାନ୍ତ ପତିଙ୍କୁ ପଚାରିବାରୁ ସେ ଘଟଣାକୁ ଗୁରୁତର ସହିତ ଗ୍ରହଣ କରିଛନ୍ତି । ଖୁବ୍‌ଶୀଘ୍ର ରୋଗର କାରଣ ଖୋଜାଯିବ ଓ ଆକ୍ରାନ୍ତମାନଙ୍କୁ ଚିକିତ୍ସା ଯୋଗାଇ ଦିଆଯିବ ବୋଲି କହିଛନ୍ତି । ତେବେ ସ୍ୱାସ୍ଥ୍ୟ ବିଭାଗ ତୁରନ୍ତ ଏଥି ଏଥିପ୍ରତି ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।

## ପୋଲିସ ହାତରୁ ଅଭିଯୁକ୍ତର ଚମ୍ପଟ ଘଟଣା

# ଅବହେଳା ଚପାଇ ଦେବାକୁ ଉଦ୍ୟମ !

ଯାଜପୁର, ୪।୯ (ସଂଚାର ବ୍ୟୁରୋ): ଯାଜପୁର ଜିଲ୍ଲା ବିଂଝାରପୁର ଥାନାରେ ଆସାମୀ ଚମ୍ପଟ ହେବା ଘଟଣାକୁ ୫ ଦିନ ବିତିଥିଲେ ମଧ୍ୟ ଏଯାଏଁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନଥିବା ବେଳେ ନିଜର ଅବହେଳାକୁ ଚପାଇ ଦେବାକୁ ବିଂଝାରପୁର ପୁଲିସ ଉଦ୍ୟମ କରିଥିବାର ଅଭିଯୋଗ ହୋଇଛି।




ସୂଚନା ମୁତାବକ ଗତ ମାସ ୨୯ ତାରିଖରେ ଚୋରାମଦ ବିକ୍ରି କରୁଥିବା ଅଭିଯୋଗରେ ବିଂଝାରପୁର ମେଡିକାଲ ଛକ ଅଞ୍ଚଳର ବିଜୟ ବେହେରାଙ୍କ ପୁଅ ଆକାଶ(୧୯)ଙ୍କୁ ମାଂସଡା ଛକରୁ ଗିରଫ କରିଥିଲା। ହେଲେ ସେହି ଦିନ ଆସାମୀକୁ ଡାକ୍ତରୀ ପରୀକ୍ଷା କରାଯିବା ପରେ ଅଭିଯୁକ୍ତ ପୁଲିସ କବଜାରୁ ଚମ୍ପଟ ମାରିଥିଲା। ପରେ ପୁଲିସ ଅଭିଯୁକ୍ତକୁ ପୁନର୍ବାର ଯାଜପୁର ଟାଉନ ଅଞ୍ଚଳରୁ ଗିରଫ କରିଥିଲା। ତେବେ ପ୍ରଶ୍ନ ଉଠୁଛି ଅଭିଯୁକ୍ତ ଜଣକ ଖସିବା ପଛରେ ଅନ୍ୟକିଛି କାରଣ ଅଛି କି ,ଯଦି ନାହିଁ ଦାୟିତ୍ୱରେ ଥିବା କର୍ମଚାରୀଙ୍କ ବିରୋଧରେ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ତେବେ ବିଂଝାରପୁର ଥାନା କେସ ନଂ ୪୮୧/୨୪ ଆଧାରରେ ମଦ ବ୍ୟବସାୟୀ ଗିରଫ ହୋଇଥିବା ବେଳେ ଖସିଯିବା ପରେ ଘଟଣାକୁ ନେଇ ଦାୟିତ୍ୱରେ ଥିବା କନେଷ୍ଟବଳ ଓ ହୋମଗାର୍ଡଙ୍କ ଲିଖିତ ଅଭିଯୋଗକୁ ଆଧାର କରି ପୁନର୍ବାର କେସ ନଂ ୪୮୨/୨୪ ରୁଜୁ କରାଯାଇଛି। ଚୋରା ମଦ ବ୍ୟବସାୟରେ ବଟିକୁ ନେଇ ପୁଲିସ ଓ ବ୍ୟବସାୟୀଙ୍କ ତିକ୍ତତା ଯୋଗୁ ଉଦେଶ୍ୟ ମୂଳକ ଭାବେ ଗିରଫ କରାଯାଇଥିବା କୁହାଯାଉଛି। ଏହି ଘଟଣାରେ ଦାୟିତ୍ୱରେ ଥିବା କର୍ମଚାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ବଦଳରେ ପୁଲିସ ନୀରବତା ପ୍ରଶ୍ନବାଚୀ ସୃଷ୍ଟି କରୁଛି। ମିଳିଥିବା ସୂଚନା ଅନୁଯାୟୀ ୨୦୧୯ ମେ ମାସରେ ଉକ୍ତ ଥାନା ଫତେପୁର ଅଞ୍ଚଳର ଅଜୟ କୁମାର ଜେନା ପୁଲିସ କବଜାରୁ ଖସିଥିବା ଘଟଣାରେ ତତକାଳୀନ ଏସପି ଚରଣ ସିଂ ମୀନା ଦାୟିତ୍ୱରେ ଥିବା କର୍ମଚାରୀଙ୍କୁ ନିଲମ୍ବନ କରିବା ସହ ଅନ୍ୟ ସହଯୋଗୀ କର୍ମଚାରୀଙ୍କର ଅନ୍ୟତ୍ର ବଦଳି କରାଯାଇଥିଲା। ତେବେ କାହିଁକି ବର୍ତ୍ତମାନ ଏହି ଘଟଣାରେ ଜିଲ୍ଲା ପୁଲିସ ଏଯାଏଁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହିଁ ତାହା ସନ୍ଦେହ ସୃଷ୍ଟି କରିଛି। ତେବେ ଘଟଣାଟି ବିଚାରଧୀନ ଥିବା ବେଳେ ଘଟଣାର ଯାଞ୍ଚ କରାଯାଉଛି ଏବଂ ରିପୋର୍ଟ ଆସିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଯାଜପୁର ଏଡ଼ିପିଓ କହିଥିବା ସୂଚନା ରହିଛି।

## ଫାଇଲେରିଆ ଓ କୁଷ୍ଠରୋଗରୁ ମୁକ୍ତ ବ୍ୟକ୍ତିମାନଙ୍କୁ ଛତୁ ଚାଷ ସମ୍ପର୍କିତ ପ୍ରଶିକ୍ଷଣ

କଣାସ, ୪।୯ (ସଂଚାର ବ୍ୟୁରୋ): କଣାସ ବ୍ଲକ ଅର୍ନ୍ତଗତ ତ୍ରିଲୋଚନପୁର ଗ୍ରାମ ପଞ୍ଚାୟତ କାତପଡା ଗ୍ରାମରେ ଆଜି ଫାଇଲେରୀଆ ଓ କୁଷ୍ଠରୋଗରୁ ମୁକ୍ତ ହୋଇଥିବା ୨୦ଜଣ ରୋଗୀଙ୍କୁ ନେପ୍ରାସୋଶାଇଟି ପକ୍ଷରୁ ଛତୁ ଚାଷ କରି କିପରି ଜୀବିକା ନିର୍ବାହ କରିପାରିବେ ସେ ସଂପର୍କରେ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ କଣାସ ବ୍ଲକ ଉଦ୍ୟାନବିଭାଗ ଅଧିକାରୀ ତାଲିମୀ ଦେବା ସହିତ ସରକାର ବିଭିନ୍ନ ଯୋଜନାରେ କିପରି ନିଜକୁ ଅର୍ନ୍ତଭୁକ୍ତ କରିବାପାଇଁ ତାହା ଉପରେ ଆଲୋଚନା କରିଥିଲେ। ଏଥିରେ ନେପ୍ରାସୋଶାଇଟିର ଡାକ୍ତର ଗଗନବିହାରୀ ଆଚାର୍ଯ୍ୟ, ମନମୋହନ ମିଶ୍ର, ବ୍ଲକ ହେଲ୍ଥ୍ କୋଡିନେଟର ଅରୁଣ କୁମାର ଦାଶ, ସସ୍ମିତା ବରାଳ, ନେପ୍ରାସୋଶାଇଟିର ଦିଲ୍ଲୀପ କୁମାର ସେଠୀ, କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମେଡିକାଲ ଅଫିସର ଡାକ୍ତର ବିଶ୍ୱରଂଜନ ଜେନା ଯୋଗଦେଇଥିଲେ।



## ଓଡ଼ିଶାରେ ଗ୍ରାମୀଣ ଶିକ୍ଷାକୁ ପ୍ରୋତ୍ସାହିତ କରୁଛି ବେଦାନ୍ତ

# ୫୦ରୁ ଅଧିକ ସ୍କୁଲର ଛାତ୍ରଛାତ୍ରୀଙ୍କୁ ପାଠ୍ୟ କିଟ୍ ପ୍ରଦାନ

ସିଜିମାଲି, ୪।୯ (ସଂଚାର ବ୍ୟୁରୋ): ଓଡ଼ିଶାର ଦୁର୍ଗମ ଅଞ୍ଚଳରେ ଗୁଣାତ୍ମକ ଶିକ୍ଷାକୁ ପ୍ରୋତ୍ସାହିତ କରିବାର ପ୍ରତିଶ୍ରୁତି ଅନୁଯାୟୀ ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦନକାରୀ ବେଦାନ୍ତ ଆଲୁମିନିୟମ ଓଡ଼ିଶାର ଆଦିବାସୀ ଅଧ୍ୟୁଷିତ ରାୟଗଡ଼ା, କଳାହାଣ୍ଡି ଓ ଝାରସୁଗୁଡ଼ା ଜିଲ୍ଲାର କୁରାଲୋଇ ଓ ସିଜିମାଲି ଖଣି ଆଖପାଖ ଅଞ୍ଚଳର ୫୦ରୁ ଅଧିକ ବିଦ୍ୟାଳୟରେ ୪୦୦୦ରୁ ଅଧିକ ଛାତ୍ରଛାତ୍ରୀଙ୍କୁ ସ୍କୁଲ କିଟ୍ ବଣ୍ଟନ କରିଛି।

ପ୍ରତ୍ୟେକ ଅଧ୍ୟୟନ କିଟ୍‌ରେ ଗୋଟିଏ ସ୍କୁଲ ବ୍ୟାଗ୍, ଗୋଟିଏ ପାଣି ବୋତଲ, ଏକ ନୋଟ୍ ବୁକ୍, ଏକ ଜ୍ୟାମେଟ୍ରି ବକ୍ସ ଏବଂ ଅନ୍ୟାନ୍ୟ ପାଠ ଉପକରଣ ସାମଗ୍ରୀ ରହିଛି ଯାହା ଛାତ୍ରଛାତ୍ରୀଙ୍କ ଶିକ୍ଷାଗତ ଆବଶ୍ୟକତା ପୂରଣ କରିପାରିବ । ବେଦାନ୍ତ ଆଲୁମିନିୟମର ଏଭଳି ହସ୍ତକ୍ଷେପ ଫଳରେ ଛାତ୍ରଛାତ୍ରୀଙ୍କୁ ଏବେ ଅତ୍ୟାବଶ୍ୟକ ଅଧ୍ୟୟନ ସାମଗ୍ରୀ ଯୋଗାଇ ଦେବା ଫଳରେ ବିଦ୍ୟାଳୟରେ ଉପସ୍ଥାନ ଉଲ୍ଲେଖନୀୟ ଭାବେ ବୃଦ୍ଧି ପାଇଛି। ଉଲ୍ଲେଖଯୋଗ୍ୟ, ଗ୍ରାମାଞ୍ଚଳରେ କମ୍ପାନିର କାର୍ଯ୍ୟକଳାପ କୁ ଆଖି ଆଗରେ ରଖି ଥିବା ଅଞ୍ଚଳରେ ଶିକ୍ଷାଗତ ଉପଲବ୍ଧତା ବୃଦ୍ଧି କରିବା ପାଇଁ ବେଦାନ୍ତର ବ୍ୟାପକ ମିଶନର ଏକ ଅଂଶ ହେଉଛି ଏହି ପଦକ୍ଷେପ।



ସୂଚନାଯୋଗ୍ୟ, ବେଦାନ୍ତ ଆଲୁମିନିୟମ ଶିକ୍ଷା, ସ୍ୱାସ୍ଥ୍ୟସେବା, ସ୍ଥାୟୀ ଜୀବିକା, ଗ୍ରାମୀଣ ଭିତ୍ତିଭୂମି ଏବଂ ତୃଣମୂଳ ସ୍ତରର କ୍ରୀଡ଼ା ଓ ସଂସ୍କୃତି କ୍ଷେତ୍ରରେ ରଣନୈତିକ ପଦକ୍ଷେପ ମାଧ୍ୟମରେ ଗୋଷ୍ଠୀ ବିକାଶକୁ ତ୍ୱରାନ୍ୱିତ କରିବାକୁ ପ୍ରତିଶ୍ରୁତିବଦ୍ଧ। ଏହାବ୍ୟତୀତ କମ୍ପାନି ଏହାର ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ୟୁନିଟ୍ ମାଧ୍ୟମରେ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରିଥାଏ, ଗ୍ରାମୀଣ ଓଡ଼ିଶାରେ ମାଗଣା ଚିକିତ୍ସା ପରୀକ୍ଷା ଏବଂ ସ୍ୱାସ୍ଥ୍ୟ ସଚେତନତା ପାଇଁ ଏକ ଡୋର୍- ଷ୍ଟେପ୍ ସ୍ୱାସ୍ଥ୍ୟ ସେବା ଆୟୋଜନ କରିଥାଏ।

# ଠିକ ସମୟରେ ଆସୁନାହାନ୍ତି ଡାକ୍ତର, ରୋଗୀ ସେବା ବ୍ୟାହତ

ଜଗତସିଂହପୁର, ୪।୯ (ସଂଚାର ବ୍ୟୁରୋ): ଜଗତସିଂହପୁର ଜିଲ୍ଲାରେ ସ୍ୱାସ୍ଥ୍ୟ ସେବା ବିପର୍ଯ୍ୟସ୍ତ ଅବସ୍ଥାରେ। ଏଥିପାଇଁ ଲୋକେ ସାମାନ୍ୟ ରୋଗ ହେଲେ କଟକ ଦୌଡ଼ୁଛନ୍ତି। ହେଲେ ପାରାଦ୍ୱୀପ-ତିର୍ତ୍ତୋଲ, କୁଜଙ୍ଗ, ବାଲିକୁଦା-ଏରସମା ତଳିଆ ଅଞ୍ଚଳରୁ କଟକ ଦୂରତା ଅଧିକ ଥିବାରୁ ରୋଗୀ କଟକରେ ପହଞ୍ଚିବା ପୂର୍ବରୁ ଅନେକ ସମୟରେ ମୃତ୍ୟୁମୁଖରେ ପଡୁଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ସ୍ୱାସ୍ଥ୍ୟସେବା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ନଜର ଆସିଛି। ପ୍ରତ୍ୟେକ ଦିନ ସକାଳେ ରୋଗୀଙ୍କ ଲମ୍ବା ଧାଡ଼ି ଲାଗିଥିବା ସମୟରେ ନିର୍ଦ୍ଧାରିତ ସମୟର ପ୍ରାୟ ଦୁଇ ଘଣ୍ଟା ପରେ ମଧ୍ୟ ଡାକ୍ତର ନଆସିବାରୁ ରୋଗୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ରୋଗୀ ଓ ରୋଗୀଙ୍କ ସମ୍ପର୍କୀୟ ଅଭିଯୋଗ ଆଣିଛନ୍ତି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ମୋଟ ୧୨୩ ମଞ୍ଜୁରୀପ୍ରାପ୍ତ ଡାକ୍ତର ପଦବୀ ରହିଛି। ସେଥିମଧ୍ୟରୁ ୪୨ଜଣ ଡାକ୍ତର କାର୍ଯ୍ୟାରତ ଅଛନ୍ତି। ଏତେ ସଂଖ୍ୟାକ ଡାକ୍ତର ଚାହିଁଲେ ମେଡ଼ିକାଲରେ ରୋଗୀଙ୍କୁ ଉପଯୁକ୍ତ ଚିକିତ୍ସା ସେବା ଦେଇପାରନ୍ତେ। ଜିଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ବର୍ହି ବିଭାଗ ସକାଳ ୮ ଟାରୁ ଦିନ ୧ଟା ପର୍ଯ୍ୟନ୍ତ ନିୟମ




### ୧୨୩ ସ୍ଥାନରେ ଅଛନ୍ତି ୪୨ ଡାକ୍ତର

ରହିଥିବା ବେଳେ ଡାକ୍ତରମାନେ ୯ଟା ରୁ ୧୦ ଭିତରେ ମେଡିକାଲକୁ ଡ୍ୟୁଟିରେ ଆସୁଛନ୍ତି। ଯାହାଫଳରେ ଗୁରୁତର ରୋଗୀ ଉପଯୁକ୍ତ ଚିକିତ୍ସା ନପାଇବା କାରଣରୁ କଟକ ରେଫର କରିଦିଆଯାଉଛି। ଦୂର ଦୂରାନ୍ତରୁ ଆସୁଥିବା ରୋଗୀମାନଙ୍କୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ତେବେ ଏସମ୍ପର୍କରେ ରୋଗୀ କିମ୍ବା ରୋଗୀଙ୍କ ସମ୍ପର୍କୀୟ ବିଭିନ୍ନ ଅଭିଯୋଗର ପ୍ରତିବାଦର କିଛି ମୂଲ୍ୟ ରହୁନଥିବା ଜଣାପଡିଛି।

ଏହି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଲୋକଙ୍କୁ ଉପଯୁକ୍ତ ଚିକିତ୍ସା ସେବା ମିଳୁନଥିବା ବେଳେ ମେଡିକାଲରେ ନିଯୁକ୍ତ ଡାକ୍ତରମାନେ ବେଆଇନ ଭାବରେ ନିଜ ନିଜ ମଧ୍ୟରେ ପାଳିବାଣ୍ଟି ଦେଇ ସପ୍ତାହରେ ତିନି ଦିନ ଡ୍ୟୁଟି କରୁଥିବା ଜଣାପଡିଛି। ମାସକୁ ପୂର୍ଣ୍ଣ ଦରମା ପାଉଥିବା ଏହି ସରକାରୀ ଡାକ୍ତରମାନେ ପ୍ରତି ନର୍ସିଂହୋମ ଗୁଡିକରେ ଦିନ ୧୨ଟାରୁ ଦିନ ୧ଟା ପର୍ଯ୍ୟନ୍ତ ଡ୍ୟୁଟି ଥିଲା ବେଳେ ସେମାନେ ମୁଖ୍ୟ ଚିକିତ୍ସାଳୟ ଛାଡ଼ି ନର୍ସିଂହୋମରେ ଡ୍ୟୁଟି କରିବା ସହ ନର୍ସିଂହୋମରେ ରୋଗୀ ଦେଖୁଛନ୍ତି ବୋଲି ସୂଚନା ମିଳିଛି। ଦିନ ୧ଟା ରୁ ରାତି ୯ ପର୍ଯ୍ୟନ୍ତ ଡାକ୍ତରଙ୍କର ଡ୍ୟୁଟି ଥିଲେ ମଧ୍ୟ କେତେ ବେଳେ କେମିତି ଗୁରୁତର ରୋଗୀଙ୍କୁ ଦେଖିବା ଲାଗି ଫୋନ କଲ ଗଲେ ଆସନ୍ତି। ଏହାଫଳରେ ଜନସାଧାରଣ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ବଦଳରେ ଏହା ଏବେ ରେଫର ହସପିଟାଲ ପାଲଟିଛି। ଘରୋଇ ମେଡିକାଲର ମୋହ ଛାଡୁନଥିବା ଏହି ଡାକ୍ତର ଓ କର୍ମଚାରୀମାନେ ନିଜ ଡ୍ୟୁଟିରେ ଅଦଳବଦଳ କରିବା ସହିତ ଏଠାରେ ଏକଛତ୍ରବାଦୀ ଶାସନ ଚଳାଉଥିବା ଅଭିଯୋଗ ହେଉଛି। ଏସମ୍ପର୍କରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଏଡ଼ିଏମ୍ ସରୋଜ କୁମାର ଜେନାଙ୍କୁ ପଚାରିବାରୁ ସେ କୁହନ୍ତି ଡାକ୍ତର ଡ୍ୟୁଟି ଯାହାର ନଥିବ ସେମାନେ ନର୍ସିଂହୋମରେ କାମ କରୁଥିବେ ମୁଖ୍ୟ ଚିକିତ୍ସାଳୟରେ ଡ୍ୟୁଟିରେ ସକାଳ ୮ରୁ ଦିନ ୧ଟା ପର୍ଯ୍ୟନ୍ତ ଚିକିତ୍ସାଳୟରେ ଡ୍ୟୁଟି କରନ୍ତି। ଯେଉଁ ଡାକ୍ତରଙ୍କର ନାଇଟ୍ ଡ୍ୟୁଟି ଥିବ ସେମାନେ ଦିନ ବେଳା ନର୍ସିଂହୋମରେ ଡ୍ୟୁଟି କରୁଥିବେ ବୋଲି କହି ସମସ୍ତ ଅଭିଯୋଗକୁ ଖଣ୍ଡନ କରିଥିଲେ। ମୁଁ ଏହି ଜିଲ୍ଲାର ଲୋକ ଏବଂ ଡାକ୍ତର ଭାବେ ମୋତେ ନିଯୁକ୍ତି ମିଳିଛି ରୋଗୀଙ୍କ ପ୍ରତି ଅଧିକ ଯତ୍ନବାନ ରହିବ ବୋଲି ଏଡ଼ିଏମ୍ ଶ୍ରୀ ଜେନା କହିଛନ୍ତି ।

## ଆଧାର ସହ ମୋବାଇଲ ଲିଙ୍କ୍

# ସୁଭଦ୍ରା ଯୋଜନାର ଯନ୍ତ୍ରଣାରେ ଆବେଦନକାରୀ

ନୟାଗଡ଼, ୪।୯ (ସଂଚାର ବ୍ୟୁରୋ): ସୁଭଦ୍ରା ଯୋଜନା ପାଇଁ ଆଧାର କାର୍ଡ଼ ସାଙ୍ଗେ ଲିଙ୍କ ହେଉଛି ମୋବାଇଲ ନମ୍ବର। ଏଥିପାଇଁ ନୟାଗଡ଼ ସହରର ପ୍ରତ୍ୟେକ ବ୍ୟାଙ୍କରେ ଆବେଦନକାରୀଙ୍କ ଭିଡ଼ ଦେଖିବାକୁ ମିଳିଛି। ଏମିତି ବ୍ଲକ କାର୍ଯ୍ୟାଳୟ, ପୋଷ୍ଟ ଅଫିସ ଓ ପୌର ପରିଷଦ କାର୍ଯ୍ୟାଳୟରେ ମଧ୍ୟ ଆଧାର କାର୍ଡ଼ ସାଙ୍ଗେ ଲିଙ୍କ ହେଉଥିବାରୁ ଆବେଦନକାରୀ ସରକାରଙ୍କ ଘୋଷଣାରେ ବିମୋହିତ ହୋଇ ଘରୁ ସକାଳର ସୂର୍ଯ୍ୟ ଦେଖି ଆସୁଛନ୍ତି କିନ୍ତୁ ଜହ୍ନ ଦେଖି ଘରକୁ ଫେରୁଥିବା ଦେଖିବାକୁ ମିଳିଛି । ଯେଉଁଥି ପାଇଁ ଦିନଯାକ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି। ଠେଲାପେଲା ସାଙ୍ଗକୁ ଅସହ୍ୟ ଗୁଳୁଗୁଳିରେ ଅଣନିଶ୍ୱାସ ହୋଇ 'ସୁଭଦ୍ରା' ଯନ୍ତ୍ରଣାରେ ଛଟପଟ ହେଉଥିବା ନଜିର ରହିଛି। ଲମ୍ବା ଲାଇନରେ ଘଣ୍ଟା ଘଣ୍ଟା ପିଲା ଛୁଆ ଧରି ଠିଆ ହେବାକୁ ପଡୁଛି। ଏମିତି ପାନୀୟ ଜଳ କି ଅସ୍ଥାୟୀ ଶୌଚାଳୟର ମଧ୍ୟ ବ୍ୟବସ୍ଥା ହୋଇନଥିଲା । ଯାହାଫଳରେ ମହିଳା ଆବେଦନକାରୀମାନେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ବୁଧବାର ସାଢେ ୫ଟାରୁ ନୟାଗଡ଼ ବ୍ଲକ ପରିସରରେ ଲାଗିଥିଲା ଲମ୍ବା ଲାଇନ । ଅଫିସ ଖୋଲୁ ଖୋଲୁ ଭିଡ଼ ଭିତରେ ଅନ୍ୟ କର୍ମଚାରୀମାନେ ଅଫିସ ଭିତରକୁ ଯିବା ମୁସ୍କିଲ ହୋଇପଡ଼ିଥିଲା । କିଛି ମହିଳା ଆବେଦନ କରି ଆସିବାପରେ ଲମ୍ବା ଲାଇନରେ ଠେଲା ପେଲା ହୋଇଥିଲେ । ଯାହାଫଳରେ ଜଣେ ଆବେଦନକାରୀ ମହିଳା ବେହୋସ ହୋଇ ଉପର ମହଲାରୁ ତଳେ ପଡିଯାଇଥିଲେ । ସଙ୍ଗେ ସଙ୍ଗେ ବ୍ଲକ କର୍ମଚାରୀ ଓ ପୋଲିସ କର୍ମଚାରୀ ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ । କିନ୍ତୁ ଗହଳି ଲାଗି ରହିଥିଲା । ଯୋଜନାର ନିୟମ ଅନୁଯାଇ ଆଧାରକାର୍ଡରେ ଫୋନ୍ ନମ୍ବର ଲିଙ୍କ୍ ଏବଂ ବ୍ୟାଙ୍କ ପାସବୁକ୍‌ରେ ଆଧାର ଲିଙ୍କ୍ ବାଧ୍ୟତାମୂଳକ କରାଯାଇଛି।



ଏହି କାର୍ଯ୍ୟ ପାଇଁ ଏବେ ବ୍ୟାଙ୍କ, ପୋଷ୍ଟଅଫିସ୍, ବ୍ଲକ ଏବଂ ବିଭିନ୍ନ ଜନସେବା କେନ୍ଦ୍ରରେ ପ୍ରବଳ ଭିଡ ଦେଖିବାକୁ ମିଳିଛି । ନୟାଗଡ ଜିଲ୍ଲାର ଗାଁ ଠାରୁ ସହର ପର୍ଯ୍ୟନ୍ତ ସବୁଠି ଏଭଳି ଗହଳି ଦେଖିବାକୁ ମିଳିଛି । ତେବେ ଏକାଧିକ କାଉଣ୍ଟର ଖୋଲିବା ପାଇଁ ଦାବି କରିବା ସହ ଆସ୍ଥାୟୀ ଶୌଚାଳୟ ଓ ପାନୀୟ ଜଳର ବ୍ୟବସ୍ଥା କରିବା ପାଇଁ ଆବେଦନକାରୀ ମାନେ ଦାବି କରିଛନ୍ତି ।

## ଅଜଗର ଗିଳିଲା ଛେଳି



**ଖଣ୍ଡପଡ଼ା, ୪।୯ (ସଂଚାର ବ୍ୟୁରୋ):** ଭାପୁର ବ୍ଲକ ଅନ୍ତର୍ଗତ ଫତେଗଡ ପଞ୍ଚାୟତ ପାର୍ବତିପୁର ଗ୍ରାମର ବାଟିଆ ବେହେରା ସବୁଦିନ ପରି ବୁଧବାର ଦିନ ଛେଳି ଚରେଇବା ପାଇଁ ନିକଟସ୍ଥ ଜଙ୍ଗଲକୁ ଯାଇଥିଲା । ମଧ୍ୟାହ୍ନ ସମୟରେ ଜଙ୍ଗଲ ଭିତରୁ ଏକ ଅଜଗର ସାପ ବାହାରି ଆସି ଚରୁଥିବା ଏକ ଛେଳିକୁ କାମୁଡି ଝାଂପି ନେଇ ଗିଳି ଦେବାରୁ ଛେଳି ଚରାଳି ବାଟିଆ ବେହେରା ଏହା ଦେଖି ଗ୍ରାମକୁ ଆସି ଗ୍ରାମବାସୀଙ୍କୁ ଏ ବିଷୟ ଜଣେଇଥିଲା। ଗ୍ରାମବାସୀମାନେ ଜଙ୍ଗଲକୁ ଆସି ଦେଖନ୍ତି ଅଜଗର ସାପଟି ଛେଳିକୁ ଗିଳୁଛି । ତେଣୁ, ଗ୍ରାମବାସୀ ଭୟଭୀତ ହୋଇ ଗ୍ରାମକୁ ଫେରିଯାଇଥିଲେ।

## ୬୫ ଲକ୍ଷ ଟଙ୍କା ହଡପ ନେଇ ଥାନାରେ ଏତଲା

**ରାଇଘର, ୪।୯ (ସଂଚାର ବ୍ୟୁରୋ):** ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ତୁରୁଡ଼ିହି ଗ୍ରାମପଂଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ ସୁରେନ୍ଦ୍ର ଭତ୍ରାଙ୍କ ନାମରେ ୬୫ ଲକ୍ଷ ଟଙ୍କା ର ହଡପ କରିଥିବା ନେଇ ରାଇଘର ବିଡ଼ିଓ ଲକ୍ଷ୍ମୀ ସାଗର ମାଝୀ କୁନ୍ଦେଇ ଥାନାରେ ଏତଲା ଦେଇଛନ୍ତି। ସୁରେନ୍ଦ୍ର ଭତ୍ରା ତୁରୁଡ଼ିହି ଗ୍ରାମ ପଂଚାୟତ ର କାର୍ଯ୍ୟନିର୍ବାହୀ ଅଧିକାରୀ ଥିବା ସମୟରେ ଉନ୍ନୟନ ମୂଳକ କାର୍ଯ୍ୟ ହୋଇ ନଥିବା ବେଳେ କାମ ହୋଇଥିବା ଦର୍ଶାଇ ସରକାରୀ ଟଙ୍କା ଉଠାଇ ଥିବା ଅଭିଯୋଗ ହୋଇଥିଲା। ଅଭିଯୋଗ ଆଧାରରେ ଘଟଣା ର ତଦନ୍ତ କରି ସତ୍ୟାସତ୍ୟ ଜାଣିବା ପରେ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ବିରୋଧରେ ଥାନାରେ ଏତଲା ଦେଇଛନ୍ତି ବିଡ଼ିଓ। ଘଟଣା ର ବିସ୍ତୃତ ବିବରଣୀ କେମେରା ସମୁଖ ରେ ଦେବାକୁ ବିଡ଼ିଓ ଏବଂ ଥାନା ଅଧିକାରୀ ମନା କରିଦେଇଛନ୍ତି, ଓ ଅଭିଯୁକ୍ତଙ୍କ ମୋବାଇଲ ସ୍ୱିଚ ଅଫ ରହିଅଛି । କୁନ୍ଦାଇ ଥାନା ରେ କେଶ ନ ୮୬/୨୪ ରେ ମାମଲା ରୁଜ୍ଜୁ ହେବା ସହ ଧାରା ୪୦୯ ଅନୁସାରେ ତଦନ୍ତ କରୁଛି ପୋଲିସ।

# ଓଡ଼ିଶାରେ ପେସା ଆଇନ୍ କାର୍ଯ୍ୟକାରୀ କରାଯାଉ

**ଭୁବନେଶ୍ୱର, ୪।୯ (ସଂଚାର ବ୍ୟୁରୋ):** ଓଡ଼ିଶାରେ ପେସା ଆଇନ କାର୍ଯ୍ୟକାରୀତା ପାଇଁ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ୍ ଦାବି କରିଛନ୍ତି। ଏକ ପ୍ରେସ୍ ବିଜ୍ଞପ୍ତିରେ ସେ କହିଛନ୍ତି ଯେ ଭାରତ ସରକାରଙ୍କ ଦ୍ୱାରା ୧୯୯୬ ମସିହାରେ ପେସା ସମ୍ବିଧାନର ଭାଗ ୯କୁ ଅନୁସୂଚିତ ଅଞ୍ଚଳରେ ବିସ୍ତାର ବା କାର୍ଯ୍ୟକାରୀ କରିବା ପାଇଁ ଆଇନ୍ ପ୍ରଣୟନ କରାଯାଇଛି । ଏହି ଅନୁସୂଚିତ ଅଞ୍ଚଳକୁ ସମ୍ବିଧାନର ପଞ୍ଚମ ଅନୁସୂଚୀରେ ଉଲ୍ଲେଖ କରାଯାଇଛି। ଏହି ଅଞ୍ଚଳରେ ଆଦିବାସୀ ମାନଙ୍କୁ ସ୍ୱାୟତ୍ତ ଶାସନ ଅଧିକାର ଓ ପ୍ରାକୃତିକ ସମ୍ପଦ ପରିଚାଳନା, ଜମି ହସ୍ତାନ୍ତରଣ ଏବଂ ଆଦିବାସୀ ସଂସ୍କୃତି ସଂରକ୍ଷଣର ଅଧିକାର ପାଇଁ ପେସା ଆଇନ୍ ପ୍ରଣୟନ କରାଯାଇଥିଲା। ଏହାକୁ ବିଧାନସଭାରେ ଆଗତ କରାଯାଉ। ଏପର୍ଯ୍ୟନ୍ତ ଛତିଶଗଡ଼, ଆନ୍ଧ୍ରପ୍ରଦେଶ, ଝାଡ଼ଖଣ୍ଡ, ଗୁଜରାଟ, ମହାରାଷ୍ଟ୍ରରେ ପେସା ପାରିତ ହୋଇଛି।



ଆଦିବାସୀ ଅଧିକାର ଏବଂ ପ୍ରକୃତିକ ସମ୍ପଦର ସୁରକ୍ଷା ପାଇଁ ପେସା ଆଇନ୍‌କୁ କଡ଼ାକଡ଼ି କରିବାକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଦେଇଥିଲେ। ଓଡ଼ିଶାରେ ଏହା କାର୍ଯ୍ୟକାରୀ କରାଗଲେ ଆଦିବାସୀଙ୍କୁ ସଶକ୍ତ ଓ ସ୍ୱାୟତ୍ତ ଶାସନ ଅଧିକାର ମିଳିବ। ଏହିଭଳି ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଆଇନ୍‌କୁ ଲାଗୁ ନ କରି ଆଦିବାସୀ ଅଧିକାରକୁ ଦୀର୍ଘ ୨୭ ବର୍ଷ ଧରି ଶୋଷଣ କରାଯାଉଛି ଏବଂ ଗ୍ରାମସଭାକୁ ଦୁର୍ବଳ କରି ଦିଆଯାଇଛି।

ପେସା ଆଇନ୍‌କୁ ନେଇ ଅନୁସୂଚିତ ଜନଜାତି ବର୍ଗରେ ସଚେତନତା ଆଦୌ ନାହିଁ କହିଲେ ଚଳେ। ଏମିତିକି ଅନୁସୂଚିତ ଅଞ୍ଚଳ ଗୁଡ଼ିକରେ କାର୍ଯ୍ୟରତ ଅଧିକାରୀ ମାନେ ମଧ୍ୟ ଏ ନେଇ ଅନଭିଜ୍ଞ । ଏହି ଅନଭିଜ୍ଞତା ହିଁ ପେସାଆଇନ୍ କାର୍ଯ୍ୟକାରୀରେ ମୁଖ୍ୟ ବାଧା । ରାଜନୈତିକ ଇଚ୍ଛା ଶକ୍ତି ଅଭାବରୁ ପେସା ଆଇନ୍ କାର୍ଯ୍ୟକାରୀ ହୋଇପାରୁ ନାହିଁ। ସରକାର ତଥାକଥିତ ଉନ୍ନତି କରିବା ନାଁରେ ପେସା ଆଇନ୍‌କୁ ଅଣଦେଖା କରୁଛନ୍ତି। ବିଶେଷତଃ ଖଣିଜ ସମ୍ପଦ ଉତ୍ତୋଳନ କ୍ଷେତ୍ରରେ ପେସା ଆଇନ୍‌କୁ ପାଳନ କରାଯାଇ ନାହିଁ । ରାଜ୍ୟସରକାର ତୁରନ୍ତ ପେସା ଆଇନ୍‌କୁ ବିଧାନସଭାରେ ପାରିତ କରନ୍ତୁ । ଏହାର ମୌଳିକ ଉଦ୍ଦେଶ୍ୟ ସଶକ୍ତ ଗ୍ରାମସଭା ଯାହା ଦ୍ୱାରା ଆଦିବାସୀ ମାନଙ୍କୁ ପ୍ରାକୃତିକ ସମ୍ବଳ ଏବଂ ସ୍ୱାୟତ୍ତ ଶାସନ ନୀତି ପ୍ରଣୟନ କରିବା ପାଇଁ ସାମ୍ବିଧାନିକ ଅଧିକାର ପ୍ରଦାନ କରନ୍ତୁ ବୋଲି ଶ୍ରୀ କାଡାମ୍ ଦାବି କରିଛନ୍ତି।

### ଓଡିଶାରୁ ପ୍ରଥମ ଥର ଲାଗି ଡ୍ରାଗନ୍ ଫଳ ରପ୍ତାନୀ

# ପତାକା ଦେଖାଇ ଶୁଭାରମ୍ଭ କଲେ ଉପମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୪।୯ (ସଂଚାର ବ୍ୟୁରୋ):** ଆଜି ସକାଳେ ଭୁବନେଶ୍ୱରର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦର କାର୍ଗୋ ଟର୍ମିନାଲରୁ ପ୍ରଥମ ଥର ଲାଗି ଡ୍ରାଗନ ଫଳର ରପ୍ତାନୀ ହୋଇଛି। ବଲାଙ୍ଗିର ଜିଲ୍ଲାର ପାଟଣାଗଡ଼ରେ ହୋଇଥିବା ଡ୍ରାଗନ ଫଳ ଦୁବାଇ ରପ୍ତାନୀ ହେଇଛି । ପୂର୍ବରୁ ଢେଙ୍କାନାଳର ଆମ୍ବ, ବଲାଙ୍ଗିରର ପୋଟଳ ବିଦେଶକୁ ଯାଇସାରିଛି । ଏବେ ସରକାର ମଧ୍ୟ କୃଷି ଓ କୃଷକଙ୍କୁ ଗୁରୁତ୍ୱ ଦେଇ ଉଦ୍ୟାନ କୃଷିକୁ ଆପଣେଇବାକୁ ପରାମର୍ଶ ଦେଉଛନ୍ତି ।




ଉପମୁଖ୍ୟମନ୍ତ୍ରୀ ନିଜକୁ ଜଣେ ଗର୍ବିତ ଚାଷୀ ଭାବେ ପରିଚୟ ଦେଇ କହିଲେ ଯେ, କୋଭିଡ ସମୟରେ ନେଇଥିବା ନିଷ୍ପତ୍ତି ଆଜି ଫଳପ୍ରସୂ ହୋଇଛି ଏବଂ ଆଜି ଇଣ୍ଡିଗୋ କାର୍ଗୋ ଯୋଗେ ୪ କୁଇଣ୍ଟାଲ ଡ୍ରାଗନ ଫଳ ଦୁବାଇକୁ ରପ୍ତାନୀ କରାଯାଇଛି । ରାଜନୀତି କରିବା ଭିତରେ ବି ସେ ଚାଷ କାର୍ଯ୍ୟ ଜାରି ରଖିଥିଲେ । ଡ୍ରାଗନ ଫଳର ଚାହିଦା ବିଦେଶରେ ବହୁତ ଅଧିକ । ଏହି ଡ୍ରାଗନ ଫଳ ଚାଷ ସମ୍ପୂର୍ଣ୍ଣ ରୂପେ ଜୈବିକ ପ୍ରକ୍ରିୟାରେ ହୋଇଛି । ଯାହାଦ୍ୱାରା ଫଳର ପୌଷ୍ଟିକ ତତ୍ତ୍ୱ ଅକ୍ଷୁଣ୍ଣ ରହିବା ସହ ଅନ୍ୟ ରାସାୟନିକ ସାର ଦେଇ ଉତ୍ପାଦନ ହେଉଥିବା ଫଳ ତୁଳନାରେ ଅଧିକ ଦିନ ସତେଜ ରହିବ । ଡ୍ରାଗନ ଫଳ ସ୍ୱାସ୍ଥ୍ୟ ପକ୍ଷେ ଖୁବ ହିତକାରୀ । ଏହାର ସେବନ ଦ୍ୱାରା ଶରୀରରେ କ୍ୟାନ୍‌ସର୍, ଡାଇବେଟିସ, କୋଷ୍ଠକାଠିନ୍ୟ ଭଳି ବେମାରିର ସମସ୍ୟା ରହିବ ନାହିଁ ବୋଲି ଶ୍ରୀ ସିଂହଦେଓ କହିଥିଲେ ।

ରାଜ୍ୟ ସରକାରଙ୍କ ତରଫରୁ ଉଦ୍ୟାନ କୃଷି ନିମନ୍ତେ ପ୍ରୋତ୍ସାହନ ଯୋଗାଇ ଦିଆଯାଉଛି । ସେଥିରେ କ୍ଷେତ ପୋଖରୀ, ସୁଗମ ଜଳସେଚନ ବ୍ୟବସ୍ଥା, ଡିବିଟି ମାଧ୍ୟମରେ ସବସିଡ୍ ପ୍ରଦାନ ଇତ୍ୟାଦି ଏହିସବୁ ପ୍ରୋତ୍ସାହନରେ ଅନ୍ତର୍ଭୁକ୍ତ ଅଟେ। ଦିନକୁ ଦିନ ଚାହିଦା ବଢୁଥିବାରୁ ଆଜିର ଦିନରେ ଉଦ୍ୟାନ କୃଷିକୁ ଅଧିକ ଗୁରୁତ୍ୱ ଦିଆଯାଉଛି ଓ ଚାଷୀମାନେ ଖୁବ୍ କମ୍ ସମୟ ମଧ୍ୟରେ ଅଳ୍ପ ଖର୍ଚ୍ଚରେ ଲାଭବାନ୍ ମଧ୍ୟ ହେଇପାରୁଛନ୍ତି । ତେଣୁ ସରକାର ମଧ୍ୟ ସେହି ଅନୁରୂପ ଯୋଜନା ସବୁ ଖୁବଶୀଘ୍ର ପ୍ରଣୟନ କରିବେ । ଆଗାମୀ ଦିନରେ ଓଡିଶାରୁ ଉନ୍ନତ ମାନର କୃଷି ଉତ୍ପାଦ ବଡ଼ ଆକାରରେ ବିଦେଶକୁ ରପ୍ତାନୀ କରାଯିବା ଲକ୍ଷ୍ୟ ରହିଛି ବୋଲି କୃଷି ଓ କୃଷକ ସଶକ୍ତିକରଣ ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ କହିଥିଲେ ।

ଏହି ରପ୍ତାନିର ଶୁଭାରମ୍ଭ ପୂର୍ବରୁ ଶ୍ରୀ ସିଂହଦେଓ ନଡ଼ିଆ ଭାଙ୍ଗି, ପତାକା ଦେଖାଇ ରପ୍ତାନୀ ପ୍ରକ୍ରିୟା ଆରମ୍ଭ କରିଥିଲେ । ଉଦ୍ୟାନ କୃଷି ନିର୍ଦ୍ଦେଶକ ଶ୍ରୀ ନିଖିଲ ପଓ୍ୱନ କଲ୍ୟାଣଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ବରିଷ୍ଠ ଅଧିକାରୀ ଓ 'ଆପେଡ଼ା' ଓ 'ପାଲାଡିୟମ୍'ର ସୀତାକାନ୍ତ ମଣ୍ଡଳ, ବିଶ୍ୱଜିତ ବେହେରା, ଦେବରାତି ଘଟକଳ ସାର୍ଥକ ଦର୍ଶନ, ଶ୍ରୀତମ ପାଣିଗ୍ରାହୀ, ବିଭୂତି, ବିକାଶ ପିଲାଇ ପ୍ରମୁଖ ଉପସ୍ଥିତ ଥିଲେ ।

# ଅନ୍ୟ ରାଜ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛି ଗୁଜରାଟ

**ଭୁବନେଶ୍ୱର, ୪।୯ (ସଂଚାର ବ୍ୟୁରୋ):** ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡକ୍ଟର ପି.କେ ମିଶ୍ର କୃଷି-ଆର୍ଥିକ ଗବେଷଣା କେନ୍ଦ୍ର (ଏଇଆରସି), ସର୍ଦ୍ଦାର ପଟେଲ ବିଶ୍ୱବିଦ୍ୟାଳୟ, ବଲ୍ଲଭ ବିଦ୍ୟାନଗର, ଗୁଜରାଟର ପ୍ରତିଷ୍ଠାଦିବସ କାର୍ଯ୍ୟକ୍ରମକୁ ଆଜି ସମ୍ବୋଧିତ କରି ଗତ ୨୫ ବର୍ଷ ମଧ୍ୟରେ ଗୁଜରାଟର କୃଷି କ୍ଷେତ୍ରର ଉଲ୍ଲେଖନୀୟ ପରିବର୍ତ୍ତନ ଉପରେ ଆଲୋକପାତ କରି ଜୀବିକା ଭିତ୍ତିକ ଅର୍ଥବ୍ୟବସ୍ଥାରୁ ରାଜ୍ୟ ଏକ ବିବିଧ ଏବଂ ବଜାର ଭିତ୍ତିକ ଅର୍ଥବ୍ୟବସ୍ଥାରେ ପରିଣତ ହୋଇଛି ବୋଲି କହିଛନ୍ତି । ଗୁଜରାଟର କୃଷିଭିତ୍ତିକ ସଫଳତା ଅନ୍ୟ ଭାରତୀୟ ରାଜ୍ୟମାନଙ୍କ ପାଇଁ ଏକ ଆଦର୍ଶ ଭାବରେ କାର୍ଯ୍ୟ କରୁଛି ବୋଲି ସେ ଜୋର ଦେଇ କହିଛନ୍ତି ।

ଦୀର୍ଘକାଳୀନ ଉତ୍ପାଦନ ଓ ପରିବେଶର ସୁରକ୍ଷା ପାଇଁ ଦୀର୍ଘସ୍ଥାୟୀ କୃଷି ପଦ୍ଧତିର ଆବଶ୍ୟକତା ଉପରେ ଡକ୍ଟର ମିଶ୍ର ଗୁରୁତ୍ୱାରୋପ କରିଛନ୍ତି। ସେ ମୃତ୍ତିକା ପରୀକ୍ଷଣ, ସଂରକ୍ଷଣ ଚାଷ ଭଳି ରଣନୀତି ଏବଂ କୃଷି କାର୍ଯ୍ୟକୁ ସର୍ବୋତ୍ତମ ସ୍ତରରେ ପହଞ୍ଚାଇବା ପାଇଁ ରିମୋଟ୍ ସେନ୍ସିଂ, ଜିପିଏସ୍, ଡ୍ରୋନ୍ ଏବଂ ଏଆଇ ଭଳି ଉନ୍ନତ ଜ୍ଞାନକୌଶଳ ଆପଣାଇବାକୁ ପରାମର୍ଶ ଦେଇଛନ୍ତି। ଏହାବ୍ୟତୀତ କୃଷି ବର୍ଜ୍ୟରୁ ଅକ୍ଷୟ ଶକ୍ତି ଓ ଜୈବ ଶକ୍ତି ଉତ୍ପାଦନ ପାଇଁ ସେ ପ୍ରୋତ୍ସାହିତ କରିଛନ୍ତି।

ଜଳବାୟୁ ପରିବର୍ତ୍ତନ ଆହ୍ୱାନ ସମ୍ପର୍କରେ ଅବତାରଣା କରି ଡକ୍ଟର ମିଶ୍ର ସବୁଜ ଗୃହ ବାଷ୍ପ ନିର୍ଗମନ ହ୍ରାସ କରିବା ଏବଂ କୃଷକମାନଙ୍କ ପାଇଁ ଠିକ୍ ସମୟରେ ପାଣିପାଗ ପରାମର୍ଶ ଦେବା ପାଇଁ ଜଳବାୟୁ-ସ୍ମାର୍ଟ ଅଭ୍ୟାସ ଅବଲମ୍ବନ ପାଇଁ ଆହ୍ୱାନ ଦେଇଛନ୍ତି। ଗୁଜରାଟର କୃଷି ଏବଂ ଆନୁସଙ୍ଗିକ କ୍ଷେତ୍ର କିପରି ଭାରତର ଜାତୀୟ ହାର ୫.୭ ପ୍ରତିଶତ ତୁଳନାରେ ୯.୭ ପ୍ରତିଶତ ସିଏଜିଆର ହାରରେ ବୃଦ୍ଧି ପାଇଛି ସେ ବିଷୟରେ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଆଲୋକପାତ କରିଛନ୍ତି ।



ଡକ୍ଟର ମିଶ୍ର ଦୁଗ୍ଧ ଉତ୍ପାଦନ କ୍ଷେତ୍ରରେ ଗୁଜରାଟର ସଫଳ ସମବାୟ ମଡେଲକୁ ପ୍ରଶଂସା କରିଛନ୍ତି, ଯାହା କୃଷି ଜାତ ଦ୍ରବ୍ୟର ମୂଲ୍ୟ ବୃଦ୍ଧି କରିଛି ଏବଂ ଉଦ୍ୟାନ କୃଷି କ୍ଷେତ୍ରର ବିକାଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି ।

ଗୁଜରାଟକୁ ଲାଗି ଆରବ ସାଗରର ୧୬୦୦ କିଲୋମିଟର ସମୁଦ୍ର ଉପକୂଳ ଥିବାରୁ ରାଜ୍ୟର ମତ୍ସ୍ୟ ବିକାଶର ସମ୍ଭାବନା ଉପରେ ଡକ୍ଟର ମିଶ୍ର ଗୁରୁତ୍ୱାରୋପ କରିଛନ୍ତି । ସେ ବିକଶିତ ଗୁଜରାଟ ୨୦୪୭ ସଂକଳ୍ପ ବିଷୟରେ ଉଲ୍ଲେଖ କରିଥିଲେ । ଡ. ପି.କେ ମିଶ୍ର ଜଳସମ୍ପଦ ପରିଚାଳନା, ଜଳସେଚନ କ୍ଷେତ୍ର ବୃଦ୍ଧି ଏବଂ ବିପଣନ ସଂସ୍କାର ଭଳି ଅନେକ ନୀତିଗତ ପଦକ୍ଷେପ ଉପରେ ଆଲୋକପାତ କରିଥିଲେ ଯାହା ଅମଳ ଏବଂ ମୂଲ୍ୟ ବିପଦକୁ ହ୍ରାସ କରିବାରେ ସହାୟକ ହୋଇଥିଲା ।

ଏହି କାର୍ଯ୍ୟକ୍ରମରେ ଡ. କିରିଟ୍ ସେଲାଟ ଓ ଅନ୍ୟମାନଙ୍କ ଦ୍ୱାରା ସମ୍ପାଦିତ "ଭବିଷ୍ୟତ କୃଷି - ବିକଶିତ ଭାରତ" ଶୀର୍ଷକ ପୁସ୍ତକ ଉନ୍ମୋଚନ କରାଯାଇଥିଲା। ଏହି ପୁସ୍ତକରେ ୨୦୪୭ ସୁଦ୍ଧା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିକଶିତ ଭାରତ ପରିକଳ୍ପନା ସହିତ ଯୋଡ଼ି ହୋଇ ଭାରତୀୟ କୃଷିକ୍ଷେତ୍ରରେ ଉପଲବ୍ଧି, ସମସ୍ୟା ଏବଂ ଆହ୍ୱାନଗୁଡ଼ିକର ସମାଧାନ ଅନୁସନ୍ଧାନ କରାଯାଇଛି।

ଅନ୍ୟ ବିଶିଷ୍ଟ ବ୍ୟକ୍ତିମାନଙ୍କ ମଧ୍ୟରେ ସର୍ଦ୍ଦାର ପଟେଲ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡକ୍ଟର ନିରଞ୍ଜନ ପଟେଲ, ଗୁଜରାଟ ସରକାରଙ୍କ ପୂର୍ବତନ ମୁଖ୍ୟ ଶାସନ ସଚିବ ଶ୍ରୀ ପିକେ ଲହେରୀ; ଗୁଜରାଟର ପୂର୍ବତନ କୃଷି ସଚିବ ତଥା ଏନସିସିଏସଡିର ଅଧ୍ୟକ୍ଷ ଡକ୍ଟର କିରିଟ ଶେଲାଟ; ଡିଆରଡିଓର ପୂର୍ବତନ ମହାନିର୍ଦ୍ଦେଶକ ଡକ୍ଟର କେଶବ ଡି ନାଏକ, ଜୁନାଗଡ଼ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଡକ୍ଟର ଏଆର ପାଠକ; ସର୍ଦ୍ଦାର ପଟେଲ ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ଡ. ଭାଇଲାଲ ଭାଇ ପଟେଲ ଏବଂ ବିଭିନ୍ନ ଅନୁଷ୍ଠାନର ଅଧ୍ୟାପକ ଉପସ୍ଥିତ ଥିଲେ।

# ଛାତ୍ର ସଂସଦ ନିର୍ବାଚନ ଦାବିରେ ବିଧାନସଭା ଘେରିଲା ଛାତ୍ର କଂଗ୍ରେସ

**ଭୁବନେଶ୍ୱର, ୪।୯ (ସଂଚାର ବ୍ୟୁରୋ):** ଆଜି ଓଡ଼ିଶା ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ଉଦିତ୍ ନାରାୟଣ ପ୍ରଧାନଙ୍କ ନେତୃତ୍ୱରେ ଛାତ୍ର ସଂସଦ ନିର୍ବାଚନ ସପକ୍ଷରେ ବିଧାନସଭା ଘେରାଉ କାର୍ଯ୍ୟକ୍ରମ କରାଯାଇଥିଲା। ଶ୍ରୀ ପ୍ରଧାନ ତାଙ୍କ ବକ୍ତବ୍ୟରେ କହିଛନ୍ତି ଯେ ଛାତ୍ର ସଂସଦ ନିର୍ବାଚନ ବନ୍ଦ କରି ସରକାର ନେତୃତ୍ୱ ସୃଷ୍ଟି କରିବାପାଇଁ ଚାହୁଁ ନାହାନ୍ତି। ଛାତ୍ରମାନେ ହେଉଛନ୍ତି ଆଗାମୀ ଦିନରେ ଭବିଷ୍ୟତ। ଭବିଷ୍ୟତର ପୀଢ଼ିକୁ ଏ ସରକାର ଅଣଦେଖା କରିବାକୁ ଚେଷ୍ଟା କରୁଛନ୍ତି। ବିଗତ ସରକାର ଛାତ୍ର ସଂସଦ ନିର୍ବାଚନ ବନ୍ଦ କରାଯାଇଥିଲା। ଏ ନେଇ ବିଜେପି ସରକାରରେ ଏହାର ପୁନରାବୃତ୍ତି କରାଯାଇଛି। ଏଥିରୁ ସ୍ପଷ୍ଟ ଅନୁମେୟ ଉଭୟ ବିଜେପି ଏବଂ ବିଜେଡ଼ି ଛାତ୍ରଛାତ୍ରୀ ମାନଙ୍କୁ ଗଣତାନ୍ତ୍ରିକ ଅଧିକାରରୁ ବଂଚିତ ରଖିବାପାଇଁ ଷଡଯନ୍ତ୍ର ଚଳାଇଛନ୍ତି। ତଥାପି ସରକାର ଏଭଳି ଷଡଯନ୍ତ୍ରକୁ ଓଡ଼ିଶା ପ୍ରଦେଶ କଂଗ୍ରେସ କେବେବି ବରଦାସ୍ତ କରିବ ନାହିଁ। ପୂର୍ବତନ ଛାତ୍ର କଂଗ୍ରେସ ସଭାପତି ତଥା ଭୁବନେଶ୍ୱର ଲୋକସଭାର କଂଗ୍ରେସ ପ୍ରାର୍ଥୀ ୟାସିର ନୱାଜ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ରେଭେନ୍ସା ବିଶ୍ୱବିଦ୍ୟାଳର ନାମ ପରିବର୍ତ୍ତନ ପାଇଁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଯେଉଁ ହୀନ ପ୍ରୟାସ କରୁଛନ୍ତି ଏହା ଅତ୍ୟନ୍ତ ନିନ୍ଦନୀୟ। ଓଡ଼ିଶା ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ଶ୍ରୀ ପ୍ରଧାନ ତାଙ୍କ ବକ୍ତବ୍ୟରେ ମଧ୍ୟ ରେଭେନ୍ସା ବିଶ୍ୱବିଦ୍ୟାଳୟର ନାମ ପରିବର୍ତ୍ତନ ପ୍ରତିପ୍ରେକ୍ଷୀରେ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ସମାଲୋଚନା କରିଛନ୍ତି। ଆଗାମୀ ଦିନରେ ରାଜ୍ୟ ସରକାର ଯଦି ଛାତ୍ର ଛାତ୍ରୀମାନଙ୍କର ନାର୍ଯ୍ୟ ହକ ଦାବିରେ କୌଣସି ବାଧା ସୃଷ୍ଟି କରନ୍ତି ତାହାହେଲେ ଓଡ଼ିଶା ପ୍ରଦେଶ ଛାତ୍ର କଂଗ୍ରେସ ଚୁପ ବସିବ ନାହିଁ ବୋଲି ଶ୍ରୀ ପ୍ରଧାନ ତାଙ୍କ ବିବୃତିରେ କହିଛନ୍ତି। ଆଜିର ଏହି ଘେରାଉ କାର୍ଯ୍ୟକ୍ରମରେ ଭୁବନେଶ୍ୱର ଲୋକସଭା ସାଂସଦ ପ୍ରାର୍ଥୀ ୟାସିର ନୱାଜ, ନିହାର ରଞ୍ଜନ ବେହେରା, ଗଣେଶ ଦାଶ, ଲିପିକା ପାତ୍ର, ଭାଗ୍ୟଶ୍ରୀ ମହାନ୍ତି, ଲକ୍ଷ୍ମୀପ୍ରିୟା ନାୟକ, ସୁନିଲ କୁମାର ସାହୁ, ମିର୍ଜା ଇସଲାମ, ନିଆଜୁଲ ଇସଲାମ, ମହମ୍ମଦ ତାଇସୁନ, ସାହାରୁଖ ଖାନ, ଆଦିତ୍ୟ ରାଶି, ଚନ୍ଦନ ସାହୁ, ଆରିୟନ ଦାସ, ସୌମ୍ୟ ରଞ୍ଜନ ବରାଳ, ରାଜେଶ ଦାସ, ମହମ୍ମଦ ଇସଲାମ ପ୍ରମୁଖ ଯୋଗଦେଇଥିଲେ।




# ଖଇରବାଦ ଅଙ୍ଗନୱାଡ଼ି କେନ୍ଦ୍ରରେ ବ୍ୟାପକ ଦୁର୍ନୀତି

### ◆ ପିଲାଙ୍କ ଜୀବନ ସହ ଖେଳିଲେ ଯନ୍ତ୍ରୀ ◆ ଅଭିଯୋଗ ଆଣିଲେ ପୂର୍ବତନ ସରପଞ୍ଚ

**କେନ୍ଦ୍ରାପଡ଼ା, ୪।୯ (ସଂଚାର ବ୍ୟୁରୋ):** ସ୍କୁଲରେ ପାଠ ପଢ଼ିବେ ମଧ୍ୟାହ୍ନ ଭୋଜନ କରି ଘରକୁ ଆସିବେ ଛାତ୍ର ଛାତ୍ରୀ ।କିନ୍ତୁ ଏଠି ସ୍କୁଲରୁ ଘରକୁ ଆସିବା ପରିବର୍ତ୍ତେ ମେଡିକାଲ ଯେ ନଯିବେ ପିଲାମାନେ ତାହା କିଏ କହିବ। କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ଗୁଲନଗର ଗ୍ରାମ ପଞ୍ଚାୟତ ଖଇରବାଦ ଗ୍ରାମରେ ନୂତନ ଭାବେ ତିଆରି ହୋଇଥିବା ଅଙ୍ଗନୱାଡି କେନ୍ଦ୍ର ଏବେ ଦୟନୀୟ ସ୍ଥିତିରେ। କାରଣ ମାସ କେତେଟା ଯାଇନି କାନ୍ଥରୁ ସିମେଣ୍ଟ ଛଡିଲାଣି ତ ଟାଇଲ ଫାଟି ଆଁ ହେଲାଣି ।ସବୁଯାକ ଟାଇଲ ଫାଟି ମେଲା ହୋଇଯାଇଛି ।ଏଠି କଥା ଉଠୁଛି ସରକାର ଯେଉଁଠି ପିଲାମାନଙ୍କ ପଢ଼ା ପାଇଁ ଏତେ ପଇସା ଖର୍ଚ୍ଚ କରୁଛନ୍ତି କିନ୍ତୁ ବାସ୍ତବରେ ତାହା ସଫଳ ହୋଇପାରୁନାହିଁ । ଯାହାର ଜଲ୍‌ୱନ୍ତ ଉଦାହରଣ ଖଇରବାଦରେ ଦେଖିବାକୁ ମିଳିଛି । ଏହି ଅଙ୍ଗନବାଡି କେନ୍ଦ୍ରରେ ମହାଦୁର୍ନୀତି ହୋଇଥିବାର ଗନ୍ଧ ସ୍ପଷ୍ଟ ବାରି ହେଉଛି ।ଏହି ଅଙ୍ଗନବାଡି କେନ୍ଦ୍ରକୁ ଆସୁଥିବା ପିଲାମାନଙ୍କ ଗୋଡ଼ ଟାଇଲରେ ବାଜି ଖଣ୍ଡିଆ ହେବାର ମଧ୍ୟ ନଜିର ରହିଛି । ଯୁଆଡେ ଦେଖିବେ ଟାଇଲ ଦବିକି ଫାଟି ଯାଇଛି ଫଳରେ ଶିଶୁ ମାନେ ବସି ପାଠ ପଢି ପାରୁନାହାନ୍ତି ତଳେ । । ଅଭିଭାବକ ମାନେ ଅଙ୍ଗନୱାଡି ଛାଡିବା ପାଇଁ ଭୟବିତ୍ତ ହେଉଥିବା ବେଳେ କେତେ ଶିଶୁ ଆସିବାକୁ ଡରିଲେଣି କାରଣ କେତେବେଳେ କୋଉ ପିଲାର କଣ ହେବ କିଏବା କହିବ । ଖଇରବାଦ ଏବଂ ସୁଜାନଗର ଗ୍ରାମର କୁନି କୁନି କୋମଳମତି ବହୁ ଶିଶୁ ମାନେ ଏହି ସ୍କୁଲ ରେ ପାଠ ପଢ଼ନ୍ତି । କିନ୍ତୁ ଅଙ୍ଗନୱାଡି ଅବସ୍ଥା ସମ୍ପୂର୍ଣ୍ଣ ଭାବେ ବିପର୍ଯ୍ୟସ୍ତ, କାନ୍ଥରୁ ଅତଡ଼ା ଅତଡ଼ା ପ୍ଲାଷ୍ଟର ଖସୁଥିବା ବେଳେ ଚୁନ ଗୁଡାକ କାନ୍ଥରୁ ଧୋଇଗଲାଣି । କେନ୍ଦ୍ରାପଡ଼ା ବ୍ଲକ ଯନ୍ତ୍ରୀ ଏବଂ ଠିକାଦାର ମିଳିତ ମଧୁଚନ୍ଦ୍ରିକାରେ ଖଇରବାଦ ଅଙ୍ଗନୱାଡି କେନ୍ଦ୍ରକୁ ପୁରା ଲୁଟ ହୋଇଛି । ଖଇରବାଦ ଅଙ୍ଗନୱାଡି ଦିଦି ଏହି ଦୁର୍ନୀତି ଉପରେ କେନ୍ଦ୍ରାପଡ଼ା ବ୍ଲକ ଏବଂ ଗୁଲନଗର ସରପଞ୍ଚଙ୍କୁ ଲିଖିତ ଅଭିଯୋଗ ଦେଇଥିଲେ ମଧ୍ୟ କେହି ଖାତିର କରୁନାହାନ୍ତି ବୋଲି ଅଙ୍ଗନୱାଡି ଦିଦି ଅଭିଯୋଗ କରିଛନ୍ତି । ସ୍ଥାନୀୟ ଅଭିଭାବକ ମାନେ ଅସନ୍ତୋଷ ପ୍ରକାଶ କରିବା ସହିତ ଶିଶୁ ମାନଙ୍କ ପାଇଁ ଚିନ୍ତାରେ ଅଛନ୍ତି । ଏଭଳି ଯନ୍ତ୍ରୀ ଏବଂ ଠିକାଦାର ଯିଏ କି ପିଲାଙ୍କ ଜୀବନ ସହ ଖେଳ ଖେଳୁଛି ତାଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବା ସହ ଅଙ୍ଗନୱାଡିର ପୁନଃରୁଦ୍ଧାର ଓ ମରାମତି ପାଇଁ ଦାବି କରିଛନ୍ତି ଗ୍ରାମବାସି ।




# କ୍ୟାଟରିଂ ବ୍ୟବସାୟକୁ ଉଦ୍ୟୋଗର ମାନ୍ୟତା ମିଳୁ

**ଭୁବନେଶ୍ୱର, ୪।୯ (ସଂଚାର ବ୍ୟୁରୋ):** ଖୋର୍ଦ୍ଧା ଜିଲ୍ଲା କେଟରେର୍ସ ଆସୋସିଏସନ୍‌ର ଆଜି ବାର୍ଷିକ ସାଧାରଣ ସଭା ସହ ସାଧାରଣ ନିର୍ବାଚନ ସମ୍ପନ୍ନ ହୋଇଛି। ଉକ୍ତ ସଭାରେ ଖୋର୍ଦ୍ଧା ଜିଲ୍ଲା ର ୧୫୦ ରୁ ଉର୍ଦ୍ଧ କ୍ୟାଟରିଂ ବ୍ୟବସାୟୀ ଉପସ୍ଥିତ ରହି ବିଭିନ୍ନ ସମସ୍ୟା ଓ ତା ର ଯଥାବିଧି ସମାଧାନ ଉପରେ ଆଲୋକପାତ କରିଥିଲେ। କ୍ୟାଟରିଂ ଆସୋସିଏସନ୍ ଅଫ ଓଡ଼ିଶା ର ଅଧକ୍ଷ, ଅନୁପ କୁମାର ବାଗାଇ, ସଭାପତି, ବିନୟ ଭୂଷଣ ପଟ୍ଟନାୟକ ଓ ସମ୍ପାଦକ, ଦେବୀ ପ୍ରସାଦ ରଥ ପ୍ରମୁଖ ଅତିଥି ରୂପେ ଉପସ୍ଥିତ ଥିଲେ। କ୍ୟାଟରିଂ ବ୍ୟବସାୟକୁ ଉଦ୍ୟୋଗ ର ମାନ୍ୟତା ଦେବା ପାଇଁ ସଂଘ ର ସଭ୍ୟମାନେ ଦାବି ଜଣାଇଥିଲେ। ସମ୍ମାନୀୟ ଅତିଥି ରୂପେ ଓସଏମଇ, ର ସାଧାରଣ ସମ୍ପାଦକ ସାତ୍ତ୍ୱିକ ସ୍ୱାଇଁ ଓ ଶମ୍ଭୁନାଥ ପଟ୍ଟନାୟକ ଉପସ୍ଥିତ ରହିଥିଲେ। ଆଗାମୀ ଦୁଇ ବର୍ଷ ପାଇଁ ସଂଘର କାର୍ଯ୍ୟକର୍ତ୍ତା ନିର୍ବାଚନ ରେ ଅଶ୍ୱିନୀ କୁମାର ମହାପାତ୍ର ସଭାପତି, ତଥା ସୁଶାନ୍ତ କୁମାର ଦାସ ଓ ଦୀପକ କୁମାର ସିଂହ ଉପ ସଭାପତି, ବୃନ୍ଦାବନ ମିଶ୍ର ସାଧାରଣ ସମ୍ପାଦକ, ରବୀନ୍ଦ୍ର କୁମାର ପାତ୍ର କାର୍ଯ୍ୟକାରୀ ସମ୍ପାଦକ, ଶ୍ରୀକାନ୍ତ ପଟ୍ଟନାୟକ ଓ ସଞ୍ଜୟ କୁମାର ପଣ୍ଡା ଯୁଗ୍ମ ସମ୍ପାଦକ, ନିଶିଥ କୁମାର ସାହୁ କୋଷାଧ୍ୟକ୍ଷ ରୂପେ ସର୍ବ ସମ୍ମତି କ୍ରମେ ନିର୍ବାଚିତ ହୋଇଛନ୍ତି। ସଂଘର ଉପଦେଷ୍ଟା ରୂପେ ପ୍ରବୋଧ କୁମାର ଦାସ ଓ ସୁଶାନ୍ତ କୁମାର ମିଶ୍ର କାର୍ଯ୍ୟ ତୁଲାଇବେ। ସଭା ଶେଷରେ ବରିଷ୍ଠ ସଭ୍ୟ ଗୁରୁ ପ୍ରସାଦ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ରାଜ୍ୟପାଳଙ୍କୁ ଦାବିପତ୍ର ଦେଲେ ବେସରକାରୀ କଲେଜ ପ୍ରତିନିଧି

**ଭୁବନେଶ୍ୱର, ୪।୯ (ସଂଚାର ବ୍ୟୁରୋ):** ଓଡ଼ିଶାର ସମସ୍ତ ବେସରକାରୀ ଅନୁଦାନ ଓ ଅଣଅନୁଦାନ (+୨ ଓ +୩) ମହାବିଦ୍ୟାଳୟ ତଥା ସଂସ୍କୃତ ଶିକ୍ଷାନୁଷ୍ଠାନମାନଙ୍କର ପରିଚାଳନା କମିଟି ଦ୍ୱାରା ତା ୦୧.୬.୨୦୦୮ରିଖ ରୁ ତା ୩୦.୧୧.୨୦୧୩ରିଖ ମଧ୍ୟରେ ନିଯୁକ୍ତି ପାଇଥିବା ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀମାନଙ୍କ ତରଫରୁ ସଂଘର ସଭାପତି ଡ. ଦେବବିଜୟ ମିଶ୍ର, ଡ. ବିଭୂପ୍ରସାଦ ମିଶ୍ର, ତପନ କୁମାର ତରେଇ ଏବଂ ଦମୟନ୍ତୀ ଷଣ୍ଢ ପ୍ରମୁଖ କର୍ମକର୍ତ୍ତାମାନେ ଆଜି ରାଜଭବନରେ ମାନ୍ୟବର ରାଜ୍ୟପାଳ ଶ୍ରୀଯୁକ୍ତ ରଘୁବର ଦାସଙ୍କୁ ଭେଟି ବିଗତ ଦିନରେ ଘଟିଯାଇଥିବା ନୂତନ ଅନୁଦାନ ନୀତି ସମ୍ପର୍କରେ ଆଲୋଚନା ସହିତ (୦୧.୦୬.୨୦୦୮ ରୁ ତା ୩୦.୧୧.୨୦୧୩) ସରକାରୀ ଅନୁଦାନ (ଜି.ଆଇ.ଏ.) ପରିସରଭୁକ୍ତ କରିବା ଦାବିପତ୍ର ପ୍ରଦାନ କରିଥିଲେ । କେଉଁ କାରଣ ପାଇଁ ଦୀର୍ଘ ୧୭ ବର୍ଷରୁ ଉର୍ଦ୍ଧ୍ୱ ମହାବିଦ୍ୟାଳୟ ମାନଙ୍କରେ କାର୍ଯ୍ୟ କରିଆସୁଥିବା କର୍ମଚାରୀମାନେ ସରକାରୀ ଅନୁଦାନରୁ ବଞ୍ଚିତ ହୋଇଛନ୍ତି ସେ ବିଷୟରେ ମହାମହିମ ରାଜ୍ୟପାଳ ଅବଗତ ହେଲେ । ଅନୁଦାନ ନୀତି ସମ୍ପର୍କରେ ବଞ୍ଚିତ କର୍ମଚାରୀମାନଙ୍କର ସମସ୍ୟାର ସମାଧାନ କରିବା ପାଇଁ ସେ ବିଭାଗୀୟ ଅଧିକାରୀଙ୍କୁ ଜଣାଇବେ ବୋଲି ଦୃଢ ପ୍ରତିଶ୍ରୁତି ପ୍ରଦାନ କରିଥିଲେ। ମାନ୍ୟବର ରାଜ୍ୟପାଳଙ୍କ ସହିତ ସଂଘର ଆଲୋଚନା ସକରାତ୍ମକ ଥିଲା, ତେଣୁ ଶୀଘ୍ର ଏହାର ସମାଧାନ ହେବ ବୋଲି ସଂଘର ସମସ୍ତ ସଭ୍ୟସଭ୍ୟା ଆଶାବାଦୀ ଅଛନ୍ତି ।



# ରେଭେନ୍ସା ନାମ ପରିବର୍ତ୍ତନ ମନ୍ତବ୍ୟ ପ୍ରତିବାଦରେ ଦସ୍ତଖତ ସଂଗ୍ରହ ଅଭିଯାନ

**କଟକ, ୪।୯ (ସଂଚାର ବ୍ୟୁରୋ):** ରେଭେନ୍ସା ବିଶ୍ୱବିଦ୍ୟାଳୟର ନାମ ପରିବର୍ତ୍ତନ ପାଇଁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଦେଇଥିବା ମନ୍ତବ୍ୟକୁ ବିରୋଧ କରି ଏଆଇଡ଼ିଏସଓ ପକ୍ଷରୁ ରେଭେନ୍ସା ବିଶ୍ୱବିଦ୍ୟାଳୟ ଫାଟକ ସମ୍ମୁଖରେ ପ୍ରତିବାଦ କରାଯିବା ସହ ମାନ୍ୟବର ରାଷ୍ଟ୍ରପତି ମହୋଦୟାଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିବା ପାଇଁ ଏକ ସ୍ମାରକ ପତ୍ରରେ ଦସ୍ତଖତ ସଂଗ୍ରହ ଆରମ୍ଭ କରାଯାଇଛି । କେନ୍ଦ୍ର ଶିକ୍ଷାମନ୍ତ୍ରୀ ତାଙ୍କର ମନ୍ତବ୍ୟ ପ୍ରତ୍ୟାହାର କରିବା, ରେଭେନ୍ସାରେ ଆବଶ୍ୟକ ଅଧ୍ୟାପକ, ଶିକ୍ଷାକର୍ମଚାରୀ ନିଯୁକ୍ତି ଦେବା ସହ ଆବଶ୍ୟକ ଭିତ୍ତିଭୂମି ଯୋଗାଇ ଦେବା ପାଇଁ ଏହି ସ୍ମାରକ ପତ୍ରରେ ଦାବି କରାଯାଇଛି । ଏଆଇଡିଏସଓ ଓଡିଶା ରାଜ୍ୟ ପରିଷଦର ସଂପାଦକ ତଥା ରେଭେନ୍‌ସା ଛାତ୍ର ସଂସଦର ପୂର୍ବତନ ସଂପାଦକ ସିଦ୍ଧାର୍ଥ ରଥ, ସଂଗଠନର ଉପ-ସଭାପତି ଭାଗ୍ୟରବି ଦାସ, ସଂପାଦକ ମଣ୍ଡଳୀ ସଦସ୍ୟ ବିନୋଦ ସେଠୀ, ସଂଗଠନର କଟକ ଜିଲ୍ଲା କମିଟି ସଭାପତି ଇଶା ଧର, ସଂପାଦକ ତରୁଣସେନ ନାୟକ, ଉପସଭାପତି ଶିବାନୀ ସାହୁ, ଛାତ୍ରନେତା ଶୁଭସ୍ମିତା ସାହୁ, ଜ୍ୟୋସ୍ନାରାଣୀ ଦାସ, ଅମରେନ୍ଦ୍ର ନାୟକ, ମୁସ୍କାନ ତବସୁମ, ସତ୍ୟବ୍ରତ ମୁଦୁଲି ପ୍ରମୁଖ ନେତୃତ୍ୱ ନେଇଥିଲେ ।




# ଲଗାମଛଡା ଅପବ୍ୟବହାର: ସରିଯିବ ଖଣି

**ଭୁବନେଶ୍ୱର,୪।୯(ତଥ୍ୟ):** ଓଡିଶାରେ ମହଜୁଦ ଥିବା ଖଣିଜ ସମ୍ପଦର ଲଗାମଛଡା ଅପବ୍ୟବହାର କରାଗଲେ ତାହା ଅଳ୍ପବର୍ଷ ଭିତରେ ଜଙ୍ଗଲ ସମ୍ପଦ ଭଳି ଉଜୁଡି ଯାଇପାରେ। ଏହାକୁ ଆଖିଆଗରେ ରଖି ଖଣିଜ ସମ୍ପଦର ଚୋରା କାରବାର ଏବଂ ବିଦେଶକୁ ରପ୍ତାନି ଉପରେ କଟକଣା ଜାରି କରାଯିବାର ଆବଶ୍ୟକତା ରହିଛି ବୋଲି ପରିବେଶବିତ୍‌ମାନେ ମତ ଦେଉଛନ୍ତି। ଅନ୍ୟ ପକ୍ଷରେ ଖଣିଜ ସାମଗ୍ରୀର ଉତ୍ତୋଳନ, ବିକ୍ରୟଣ ଓ ଖଣି ନିଲାମ ଆଦି ଯୋଗୁଁ ଓଡିଶା ସରକାର ବର୍ଷକୁ ପାଖାପାଖି ୫୦ହଜାର କୋଟି ଟଙ୍କା ଖଣି ରାଜସ୍ୱ ପାଉଛନ୍ତି। ତେବେ ଯେତେ ପରିମାଣର ଖଣିଜ ସାମଗ୍ରୀରୁ ରାଜସ୍ୱ ମିଳୁଛି ତାହା ଅପେକ୍ଷା ଢେର ଅଧିକ ପରିମାଣର ଖଣିଜ ସମ୍ପଦ ଲୁଟ୍ ହେଉଥିବା କଥା ଜଷ୍ଟିସ ଏମ୍ ବି ଶାହା କମିଶନଙ୍କ ରିପୋର୍ଟରୁ ସୂଚନା ମିଳିଥିଲା।

ଦେଶର ସର୍ବାଧିକ କୋଇଲା ଓଡିଶାରେ ମହଜୁଦ ରହିଛି। ରାଜ୍ୟରେ ପାଖାପାଖି ୯୦ହଜାର ନିୟୁତ ଟନ୍ କୋଇଲା ମହଜୁଦ ଥିବା ଏପର୍ଯ୍ୟନ୍ତ ଆକଳନ କରାଯାଇଛି। ଓଡିଶାରୁ କୋଇଲା ନେଇ ଅନେକ ରାଜ୍ୟର କଳା କାରଖାନା ଚାଲୁଛି। ସେହିଭଳି ବୃଷ୍ଟିପାତର ଅନିୟମିତତା ଏବଂ ଉପରମୁଣ୍ଡରେ ପ୍ରବାହିତ ନଦୀଜଳକୁ ଅବରୋଧ କରାଯିବା ଆଦି କାରଣରୁ ଜଳବିଦ୍ୟୁତ୍ ଉତ୍ପାଦନ ହ୍ରାସ ପାଉଥିବାବେଳେ ତାପଜ ବିଦ୍ୟୁତ୍ ଏବେ ରାଜ୍ୟର ଚାହିଦା ମେଣ୍ଟାଇବା ସହିତ ଅନ୍ୟ ରାଜ୍ୟକୁ ରପ୍ତାନି କରିବା ପାଇଁ ପ୍ରମୁଖ ଉତ୍ସ ହୋଇଛି। ଅବଶ୍ୟ ତାପଜ ବିଦ୍ୟୁତ୍ କେନ୍ଦ୍ର, କୋଇଲା ଖଣି ଓ ଅନ୍ୟାନ୍ୟ କଳ କାରଖାନାରେ ବ୍ୟବହାର କରାଯାଉଥିବା କୋଇଲା ଯୋଗୁଁ ରାଜ୍ୟରେ ବାୟୁ, ଜଳ ଓ ମୃତ୍ତିକା ପ୍ରଦୂଷଣ ସମସ୍ୟା ବୃଦ୍ଧି ପାଉଛି। ଓଡିଶାରେ ମହଜୁଦ ଥିବା ଲୁହାପଥର, ମାଙ୍ଗାନିଜ୍, କ୍ରୋମାଇଟ୍, ବକ୍ସାଇଟ୍, ଚିନାମାଟି, ବିରଳମୃତ୍ତିକା ଆଦି ଉପରେ ଅନେକଙ୍କ ନଜର ରହିଛି। ଓଡିଶାରେ ସୁନା ଖଣିର ସନ୍ଧାନ ମିଳିଥିବା ପରିପ୍ରେକ୍ଷୀରେ ଏହା ଦଖଲ କରିବାଲାଗି ବି ଉଦ୍ୟମ ଆରମ୍ଭ ହୋଇଯାଇଛି।



ସର୍ବଶେଷ ସରକାରୀ ଆକଳନ ମୁତାବକ ଓଡିଶାରେ ପାଖାପାଖି ଏକ ଲକ୍ଷ ନିୟୁତ ଟନ୍ ଲୁହାପଥର, ୩ହଜାର ନିୟୁତ ଟନ୍ ବକ୍ସାଇଟ୍, ୩୦୦ ନିୟୁତ ଟନ୍‌ରୁ ଅଧିକ କ୍ରୋମାଇଟ୍ ମହଜୁଦ ରହିଛି। ଏହାଛଡା ପ୍ରାୟ ୨୦୦ ନିୟୁତ ଟନ୍ ମାଙ୍ଗାନିଜ୍, ୧୭୫ ନିୟୁତ ଟନ୍ ନିକେଲ, ୩୦୦ ନିୟୁତ ଟନ୍ ଚିନାମାଟି, ୨୫ ନିୟୁତ୍ ଟନ୍ ଗ୍ରାଫାଇଟ୍ ମଧ୍ୟ ରହିଛି।

ଓଡିଶାରେ ଆଜବେଷ୍ଟସ, ବେସ୍ ମେଟାଲ, ଲିଗ୍ନାଇଟ୍, କୋବାଲ୍ଟ, ଡୋଲୋମାଇଟ୍, ଫାୟାର କ୍ଲେ, ଚୂନପଥର, ଟିଣ ପଥର, ଭାନାଡିୟମ ଠାରୁ ଆରମ୍ଭ କରି ପ୍ରଚୁର ପରିମାଣର ମୂଲ୍ୟବାନ୍ ରତ୍ନପଥର ମଧ୍ୟ ଉପଲବ୍ଧ ହେଉଛି। ଓଡିଶା ପାଇଁ ପ୍ରକୃତି ନଦୀ, ସମୁଦ୍ର, ପାହାଡ, ପର୍ବତ ସମେତ ବଣ, ଜଙ୍ଗଲ ଓ ଖଣି ଖାଦାନ ଭଳି ବିପୁଳ ସମ୍ଭାର ସଜାଇ ରଖିଥିଲେ ବି ଏଗୁଡିକର ଉତ୍ପାଦନ ଭିତ୍ତିକ ଉପଯୋଗ କରି ରାଜ୍ୟ ଅର୍ଥନୀତିକୁ ଯେତେ ପରିମାଣର ସମୃଦ୍ଧ କରାଯିବା କଥା ତାହା ଏଯାବତ୍ ହୋଇପାରି ନାହିଁ। ଅର୍ଥନୀତି ବିଶାରଦମାନେ କହୁଛନ୍ତି ଯେ ବିଦେଶୀ ଓ କର୍ପୋରେଟ ଜଗତର ଅଧିକ ପୁଞ୍ଜି ବିନିଯୋଗ କରାଯିବା ଫଳରେ ପୁଞ୍ଜି ଲଗାଣକାରୀ ସଂସ୍ଥାମାନେ ଓଡିଶାର ପ୍ରାକୃତିକ ସମ୍ପଦରୁ ଭରପୂର ଫାଇଦା ଉଠାଉଥିବାବେଳେ ଖଣିଜ ସମ୍ପଦ ଭରା ଅଞ୍ଚଳରେ ଲୋକମାନେ ସ୍ୱାସ୍ଥ୍ୟ, ଶିକ୍ଷା, କୃଷି ଆଦି କ୍ଷେତ୍ରରେ ଢେର ପଛରେ ପଡିଛନ୍ତି ଏବଂ ଏହିସବୁ ଜିଲ୍ଲାଗୁଡିକରେ ଅପପୁଷ୍ଟି, ରକ୍ତହୀନତା ଆଦି ସମସ୍ୟା ଲାଗି ରହିଛି।

SANCHAR
ସଂଚାର

**ଜୀବନ ଅମୃତ ଅନୁଚିନ୍ତା**

ତ୍ୟାଗ-ତମକୁ ଯେତେବେଳେ ତୁମ ପରିବାର, ଜ୍ଞାତି କୁଟୁମ୍ବ, ବନ୍ଧୁବାନ୍ଧବ, ଅଭିଜିତ ଜନସମ୍ପତ୍ତି, କ୍ଷମତା, ପ୍ରତିପତ୍ତି, ଖ୍ୟାତି, ଯଶସମ୍ମାନ, ପ୍ରତିଷ୍ଠା ସବୁ ଛାଡ଼ି ଚାଲିଯିବେ, ପରିଶେଷରେ ରହିବି ମୁଁ ଗୋବିନ୍ଦ, ତୁମର ଚିର ସହଚର ହୋଇ।

# ସୁପ୍ରିମକୋର୍ଟ ଉପରେ ଆସ୍ଥା

ମଦ ନୀତି ନିର୍ଦ୍ଧାରଣରେ ଦୁର୍ନୀତି ଅଭିଯୋଗରେ ଗିରଫ ବିଆରଏସ ନେତ୍ରୀ କେ କବିତାଙ୍କୁ ସୁପ୍ରିମକୋର୍ଟ ଜାମିନ ପ୍ରଦାନ ପରେ ଏହାକୁ ସମାଲୋଚନା କରିଥିଲେ ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ ରେବନ୍ତ ରେଡ୍ଡୀ। ସୁପ୍ରିମକୋର୍ଟ ଏଥିରେ ପ୍ରତିକ୍ରୟା ପ୍ରକାଶ କରିବା ପରେ ରେବନ୍ତ କ୍ଷମା ପ୍ରାର୍ଥନା କରିବା ସହ ଦେଶର ନ୍ୟାୟିକ ବ୍ୟବସ୍ଥା ଉପରେ ତାଙ୍କର ସମ୍ପୂର୍ଣ୍ଣ ଆସ୍ଥା ଏବଂ ବିଶ୍ୱାସ ଅଛି ବୋଲି ସ୍ପଷ୍ଟିକରଣ ଦେଇଛନ୍ତି। ସୁପ୍ରିମକୋର୍ଟଙ୍କ ରାୟକୁ ସମାଲୋଚନା କରି ସେ ଅସବିଧାରେ ପଡ଼ିଥାନ୍ତେ। କୌଣସି ପ୍ରକାରେ ସେ ଏଥିରୁ ବର୍ତ୍ତିଗଲେ। ଏହା କେବଳ ଗୋଟିଏ ଘଟଣା ନୁହେଁ। ଅନେକ ସମୟରେ ରାଜନେତାମାନେ ତାଙ୍କ ସପକ୍ଷରେ ରାୟ ନଗଲେ କୋର୍ଟଙ୍କୁ ସମାଲୋଚନା କରିବାର ନଜିର ରହିଛି। ଅଦାଲତ ବିଶେଷ କରି ସୁପ୍ରିମକୋର୍ଟ କୌଣସି ରାଜନୈତିକ ଦଳ ଦ୍ୱାରା ପ୍ରଭାବିତ ବା ପରିଚାଳିତ ହୁଅନ୍ତି ନାହିଁ। ଜନମତ ଚାପରେ ପଡ଼ି କୋର୍ଟ କେବେ କୌଣସି ନିଷ୍ପତ୍ତି ନିଅନ୍ତି ନାହିଁ। ଦେଶର ସମ୍ବିଧାନ ସୁରକ୍ଷା ଏବଂ ସମସ୍ତଙ୍କୁ ନ୍ୟାୟ ପ୍ରଦାନ ହେଉଛି ନ୍ୟାୟିକ ବ୍ୟବସ୍ଥାର ମୂଳ ଲକ୍ଷ୍ୟ। କେତେବେଳେ କେମିତି ଏଥିରେ ତ୍ରୁଟି ବିଚ୍ୟୁତି ହୋଇପାରେ। କିନ୍ତୁ ସାମଗ୍ରୀକ ଭାବେ କୋର୍ଟ ସବୁ ବେଳେ ନିରପେକ୍ଷ। କୋର୍ଟ ରାୟ ପ୍ରଦାନ ବେଳେ ସାକ୍ଷ୍ୟ ପ୍ରମାଣ ଏବଂ ସାମ୍ବିଧାନିକ ବ୍ୟବସ୍ଥା ଉପରେ ନଜର ରଖିଥାଆନ୍ତି। ଅନେକ ସମୟରେ କିଛି ଲୋକ ଅଭିଯୋଗ କରନ୍ତି ଯେ, ସୁପ୍ରିମକୋର୍ଟ କେନ୍ଦ୍ର ସରକାରଙ୍କୁ ସୁହାଇବା ଭଳି ନିଷ୍ପତ୍ତି ନେଉଛନ୍ତି। ଅଯୋଧ୍ୟା ମାମଲା ହେଉ ଅଥବା ସିଏଏ, ହିଣ୍ଡେନବର୍ଗ ମାମଲା ହେଉ ଅଦାଲତଙ୍କ ରାୟ ସରକାରଙ୍କ ସପକ୍ଷରେ ଯାଇଛି। ଏହା ଅର୍ଥ ନୁହେଁ ଯେ, କୋର୍ଟ ସରକା ବା ଶାସକ ଦାର ସୁରକ୍ଷାଦାତା ପାଲଟିଛି। ଅନେକ ସମୟରେ ସୁପ୍ରିମକୋର୍ଟଙ୍କ ରାୟ କେନ୍ଦ୍ର ସରକାରଙ୍କ ବିପକ୍ଷରେ ମଧ୍ୟ ଯାଇଛି। କେ କବିତାଙ୍କୁ ଜାମିନ ପ୍ରଦାନର ଯଥାର୍ଥତା ଅନୁଭବ କରି ସୁପ୍ରିମକୋର୍ଟ ତାଙ୍କୁ ଜେଲରୁ ମୁକଳାଇଛନ୍ତି। ସିବିଆଇ ଏ ଯାବତ ତାଙ୍କ ବିରୋଧରେ ଅଭିଯୋଗର ପ୍ରାମଣ ଉପସ୍ଥାପନ କରି ନାହିଁ। ଏଭଳି ପରିସ୍ଥିତିରେ କେବଳ ସନ୍ଦେହକୁ ଭିତ୍ତି କରି କାହାକୁ ଅଧିକ ଦିନ ଜେଲରେ ରଖିବା ମାନବାଧିକାର ଉଲ୍ଲଙ୍ଘନ। ମଦ ଦୁର୍ନୀତି ମାମଲାରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲଙ୍କୁ ଇଡି ମାମଲାରେ ଜାମିନ ମିଳିବା ପରେ ସିବିଆଇ ତାଙ୍କୁ ଗିରଫ କରିଛି। ତେଣୁ ନିକଟ ଭବିଷ୍ୟତରେ ସେ ଜେଲରୁ ମୁକୁଳିବା ଆଶା କ୍ଷୀଣ।ପୂର୍ବରୁ ଇଡି ମାମଲାରେ ତାଙ୍କୁ ତଳ କୋର୍ଟ ଜାମିନ ପ୍ରଦାନ କରିବା ପରେ ଦିଲ୍ଲୀ ହାଇକୋର୍ଟ ଏହା ଉପରେ ରୋକ ଲଗାଇଥିଲେ। ତଳ କୋର୍ଟର ଜାମିନ କାର୍ଯ୍ୟକାରୀ ନହୋଇନପାରିବା ଏକ ଚିନ୍ତାର ବିଷୟ ବୋଲି ଉଲ୍ଲେଖ କରି ପ୍ରାୟ ଦେଢ଼ ଶହ ଆଇନଜୀବୀ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏଥିରେ କିଛି ଅସୁବିଧା ନାହିଁ। କିନ୍ତୁ ସୁପ୍ରିମକୋର୍ଟ ପ୍ରଧାନ ବିଚାରପତିଙ୍କୁ ଏ ସମ୍ପର୍କରେ ପତ୍ର ଲେଖିବା ଅପେକ୍ଷା ଆଇନଜୀବୀ ମାନେ ଏହା ଉପରେ କୋର୍ଟରେ ଆଇନଗତ ଲଢ଼େଇ ଲଢ଼ିବା ଉଚିତଥିଲା। ପତ୍ର ଲେଖିବା ଏକ ରାଜନୈତିକ କାର୍ଯ୍ୟ ଭଳି ମନେ ହେଉଛି। ନ୍ୟାୟ ବ୍ୟବସ୍ଥା ସମସ୍ତ ପ୍ରକାର ଦଳୀୟ ରାଜନୀତିରୁ ଊର୍ଦ୍ଧ୍ୱରେ। ଏହାକୁ ଚାପଗ୍ରସ୍ତ କରିବାକୁ ପ୍ରୟାସ ନିନ୍ଦନୀୟ। ଯଦି କେଜରିୱାଲ ବାସ୍ତବରେ ଅଭିଯୁକ୍ତ ତେବେ ତାଙ୍କୁ ସାଧାରଣ କଏଦୀଙ୍କ ଭଳି ଆଇନ ସମ୍ମତ ଉପାୟରେ ଲଢ଼ିବାକୁ ପଡ଼ିବ। ମୁଖ୍ୟମନ୍ତ୍ରୀ ବୋଲି ତାଙ୍କୁ ସ୍ୱତନ୍ତ୍ର ଦୃଷ୍ଟିରେ ଦେଖାଯାଇପାରିବ ନାହିଁ। ଗଣତନ୍ତ୍ରର ଚାରିଟି ସ୍ତମ୍ଭ ମଧ୍ୟରୁ ନ୍ୟାୟପାଳିକା ହେଉଛି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ଗଣତନ୍ତ୍ର ଏବଂ ସମ୍ବିଧାନର ସୁରକ୍ଷା ନ୍ୟାୟପାଳିକା ହାତରେ ନ୍ୟସ୍ତ। ଭାରତରେ ଅନେକ ସମୟରେ ନ୍ୟାୟପାଳିକା ବା ସୁପ୍ରିମକୋର୍ଟଙ୍କ ହସ୍ତକ୍ଷେପ ଫଳରେ ସାଧାରଣ ଲୋକଙ୍କ ଗଣତାନ୍ତ୍ରିକ ଏବଂ ସାମ୍ବିଧାନିକ ଅଧିକାର ସୁରକ୍ଷିତ ହୋଇପାରିଛି। କିନ୍ତୁ ଏବେ ନ୍ୟାୟପାଳିକା ଉପରେ ରାଜନୈତିକ ଚାପ ବୃଦ୍ଧି ପାଉଥିବା ଅନୁଭବ କରାଯାଉଛି। ଏହା ଏକ ବିପଜ୍ଜନକ ସ୍ଥିତି ସୃଷ୍ଟି କରିପାରେ। ନିକଟରେ ଦେଶର 600 ଆଇନଜୀବୀ ସୁପ୍ରିମକୋର୍ଟର ପ୍ରଧାନବିଚାରପତିଙ୍କୁ ପତ୍ର ଲେଖି ନ୍ୟାୟପାଳିକା ଉପରେ ଚାପ ସୃଷ୍ଟି ନେଇ ଉଦବେଗ ପ୍ରକାଶ କରିବା ସହିତ ଏହାର ପ୍ରତିକାର ବ୍ୟବସ୍ଥା କରିବାକୁ ନିବେଦନ କରଥିଲେ। ବିଶେଷ କରି ଦୁର୍ନୀତି ମାମଲାରେ ନ୍ୟାୟାଳୟ ଉପରେ ଚାପ ସୃଷ୍ଟି ନିମନ୍ତେ ବରାବର ଉଦ୍ୟମ ହେଉଛି। କିଛି ନେତା, ମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଦୁର୍ନୀତି ଅଭିଯୋଗରେ ଗିରଫ ହେଉଥିବା ବେଳେ ଏହାକୁ ରାଜନୈତିକ ଷଡ଼ଯନ୍ତ୍ର ଆଖ୍ୟା ଦିଆଯାଇ ସମ୍ପୃକ୍ତ ନେତାଙ୍କୁ ମୁକୁଳାଇବାକୁ ନ୍ୟାୟାଳୟ ଉପରେ ଚାପ ପକାଯାଉଛି। ବିରୋଧୀ ଦଳର ଅଭିଯୋଗରୁ ଏଭଳି ମନେ ହେଉଛି ସତେ ଯେମିତି ଦେଶରେ ଜରୁରୀ ପରିସ୍ଥିତି ଜାରି ହୋଇଛି ଏବଂ ମିଶାରେ କେଜରିୱାଲ ତଥା ଅନ୍ୟ ନେତାଙ୍କୁ ଗିରଫ କରାଯାଇଛି। ବାସ୍ତବ କଥା ହେଲା ମଦ ଦୁର୍ନୀତି ମାମଲାର ତଦନ୍ତ କରୁଥିବା ସିବିଆଇ କେଜରିୱାଲଙ୍କ ବିରୋଧରେ ଠୋସ ପ୍ରମାଣ ପାଇଥିବାରୁ ତାଙ୍କୁ ଗିରଫ କରିଛି। ଏହା ଏକ ଅପରାଧିକ ମାମଲା। ଏହା ପଛରେ ରାଜନୈତିକ ଷଡ଼ଯନ୍ତ୍ରର ସୁଯୋଗ ନାହିଁ। ଇଡି ପକ୍ଷରୁ କେଜରିୱାଲଙ୍କୁ ଏହି ମାମଲାରେ ଜେରା ପାଇଁ 9 ଥର ସମନ ଜାରି କରାଯାଇଥିଲା। କିନ୍ତୁ ଜଣେ ମୁଖ୍ୟମନ୍ତ୍ରୀ ହୋଇ ମଧ୍ୟ ସେ ଆଇନ ବ୍ୟବସ୍ଥା ପ୍ରତି ସମ୍ମାନ ପ୍ରଦର୍ଶନ କଲେ ନାହିଁ ଏବଂ ଇଡି ଆଗରେ ହାଜର ହେଲେ ନାହିଁ। ତେଣୁ ତାଙ୍କୁ ଗିରଫ କରିବା ବ୍ୟତିତ ଅନ୍ୟ ପନ୍ଥା ନଥିଲା। ମୁଖ୍ୟମନ୍ତ୍ରୀ ବୋଲି ତାଙ୍କୁ ଦୁର୍ନୀତି ଅଭିଯୋଗରୁ ମାଫ କରାଯିବ, ସେଭଳି ଆଶା କରିବା ଅନୁଚିତ। ଆଇନ ଆଖିରେ ସମସ୍ତେ ସମାନ। ଯଦି କେଜରିୱାଲ ନିର୍ଦ୍ଦୋଷ ହୋଇଥିବେ ତେବେ କୋର୍ଟ ତାଙ୍କୁ ଦୋଷମୁକ୍ତ କରିବେ। ବିନା ପ୍ରମାଣରେ କୋର୍ଟ ତାଙ୍କୁ ଦଣ୍ଡିତ କରିପାରିବ ନାହିଁ। ଯଦି ତାଙ୍କ ବିରୋଧରେ ଅଭିଯୋଗର ପ୍ରାଥମିକ ପ୍ରମାଣ ନାହିଁ, ତେବେ କୋର୍ଟ ତାଙ୍କୁ କାହିଁକି ଜାମିନ ପ୍ରଦାନ କରୁନାହାଁ? ନିଶ୍ଚିତ ଭାବେ ତାଙ୍କ ବିରୋଧରେ ଅଭିଯୋଗର ପ୍ରମାଣ କୋର୍ଟ ଅନୁଭବ କରିଛନ୍ତି। ଏବେ ଅଦାଲତ ନିଷ୍ପତ୍ତି ନେବେ କେଜରିୱାଲ ଦୋଷୀ ନା ନିର୍ଦ୍ଦୋଷ। ଏଥିରେ ରାଜନୀତିର ଆଉ ସୁଯୋଗ ନାହିଁ। କିନ୍ତୁ କଂଗ୍ରେସ ନେତୃତ୍ୱରେ ମିଳିତ ବିରୋଧୀ ଦଳ ଏହାକୁ ଏକ ରାଜନୈତିକ ଏବଂ ନିର୍ବାଚନୀ ପ୍ରସଙ୍ଗ କରି ଏଥିରୁ ରାଜନୈତିକ ଫାଇଦା ହାସଲ ଲାଗି ଉଦ୍ୟମ କରୁଛନ୍ତି। ଏକଥା ସତ ଯେ, କେଜରିୱାଲ ଏ ପର୍ଯ୍ୟନ୍ତ ଦୋଷୀ ସାବ୍ୟସ୍ତ ହୋଇ ନାହାଁନ୍ତି। କିନ୍ତୁ ସେ ଏବେ ଜଣେ ଅଭିଯୁକ୍ତ। କୋର୍ଟର କାଠଗଡ଼ାରେ ଠିଆ ହୋଇଛନ୍ତି। ତାଙ୍କ ସମର୍ଥନରେ ବିରୋଧୀ ଦଳ ରାଜରାସ୍ତାକୁ ଓହ୍ଲାଇବା ଦୁର୍ଭାଗ୍ୟଜନକ। ବିରୋଧୀ ଦଳ କୋର୍ଟ ଉପରେ ଭରସା ରଖିବା ଉଚିତ। ରାସ୍ତାରେ ଚିତ୍କାର କରି ଜଣେ ଅଭିଯୁକ୍ତଙ୍କ ମୁକ୍ତି ନିମନ୍ତେ ନ୍ୟାୟାଳୟ ଉପରେ ଚାପ ପକାଇବାକୁ ଉଦ୍ୟମ କରିବା ଦୁର୍ଭାଗ୍ୟଜନକ। କେବଳ କେଜରିୱାଲଙ୍କ ଗିରଫ ପ୍ରସଙ୍ଗ ନୁହେଁ, ଯେତେବେଳେ ବି ଯେଉଁ ନେତା ବନ୍ଧା ହୋଇଛନ୍ତି, ତାଙ୍କ ସମର୍ଥନରେ ରାଜରାସ୍ତାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏଥିନେଇ ଦେଶର 600 ଆଇନଜୀବୀ ପ୍ରଧାନ ବିଚାରପତିଙ୍କ ନିକଟକୁ ପତ୍ର ଲେଖି ଉଦବେଗ ପ୍ରକାଶ କରିବାର ଯଥାର୍ଥତା ରହିଛି। ଏହାକୁ ହାଲୁକାଭାବେ ଗ୍ରହଣ କରାଯିବା ଅନୁଚିତ। ବିରୋଧୀ ଦଳ ଏହା ଉପରେ ଆତ୍ମସମୀକ୍ଷା କରିବା ଉଚିତ। ନେତାମାନେ ନିଜକୁ ସାଧାରଣ ଲୋକଙ୍କଠାରୁ ଉଚ୍ଚ ବା ବିଶେଷାଧିକାର ପ୍ରାପ୍ତ ବୋଲି ବିଚାର କରିବା ଉଚିତ ନୁହେଁ। ସାଧାରଣ ଲୋକଟିଏ ଚୋରୀ କଲେ ତାକୁ ଯେପରି ପୋଲିସ ଗିରଫ କରୁଛି, ଜଣେ ମୁଖ୍ୟମନ୍ତ୍ରୀଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗ ଆସିଲେ ତାଙ୍କ ପ୍ରତି ମଧ୍ୟ ସମାନ ଆଭିମୁଖ୍ୟ ଗ୍ରହଣ କରାଯିବା ଉଚିତ। ଅପରାଧିକ ମାମଲାକୁ ରାଜନୈତିକ ରଙ୍ଗ ଦେବା ଏକ ଷଡ଼ଯନ୍ତ୍ର। ଏହାକୁ ନ୍ୟାୟାଳୟ ଉପରେ ଚାପ ପ୍ରୟୋଗର କୌଶଳ ବୋଲି ବିଚାର କରାଯାଇପାରେ।

## ସମ୍ପାଦକଙ୍କୁ ପତ୍ର

### ରାଜଧାନୀର ଟ୍ରାଫିକ ଅବ୍ୟବସ୍ଥା

ମହାଶୟ,

ରାଜଧାନୀର କଳେବର ଯେତିକି ବଢ଼ୁଛି, ଏହାର ବିଭିନ୍ନ ସମସ୍ୟା ମଧ୍ୟ ସେତିକି ବଢ଼ୁଛି। ସବୁଠାରୁ ବଡ଼ ସମସ୍ୟା ହେଲା ଟ୍ରାଫିକ ଅବ୍ୟସ୍ଥା। ଜୟଦେବ ବିହାରରୁ ନନ୍ଦନକାନ ପର୍ଯ୍ୟନ୍ତ ରାସ୍ତା ଅବସ୍ଥା ନକହିଲେ ଭଲ। ଯିଏ ଥରେ ସନ୍ଧ୍ୟାରେ ଏହି ରାସ୍ତା ଦେଇ ଯାଇଛି ସେ ଜାଣିଛି ଏହି ରାସ୍ତାରେ ଯନ୍ତ୍ରଣା କେତେ। ଆସନ୍ତା ପାର୍ବଣରେ ରାଜଧାନୀରେ ସମ୍ଭାବ୍ୟ ଟ୍ରାଫିକ ସମସ୍ୟା ଦୂର କରିବାକୁ ପଦକ୍ଷେପ ନେବାକୁ କମିଶନରେଟ ପୋଲିସକୁ ଅନୁରୋଧ।

ଗୁରୁପ୍ରସାଦ ମହାନ୍ତି, ବାପୁଜୀ ନଗର, ଭୁବନେଶ୍ୱର

# 'ଗୁରୁ' ସୃଷ୍ଟିର ଶ୍ରେଷ୍ଠ ସମ୍ପଦ

**ଛାତ୍ର ଇଂ.ରାଜଶେଖର ଲାହା**

"ସମାଜ ମୋତେ କରିଛି ବଡ଼ ସୁଝିବି ଋଣ ନହୋଇ ଜଡ଼
ସାର୍ ଡ. ଅଚ୍ୟୁତ ସାମନ୍ତ"

ବିଶ୍ୱ ନିୟନ୍ତାଙ୍କ ବିଚିତ୍ର ସୃଷ୍ଟି। କେତେବେଳେ କାହାଦ୍ୱାରା କରାଯିବ ସିଏ ନିଜେ ହିଁ ନିୟନ୍ତ୍ରଣ କରନ୍ତି। କିଏ ନିଜର ସ୍ୱାର୍ଥ ପାଇଁ ଜୀବନସାରା ସନ୍ତୁଳି ହୋଇ ସୁଖ ଖୋଜୁଥାଏ ତ ଅନ୍ୟ କିଏ ଜଗତର ହିତ ପାଇଁ ନିଜର ସର୍ବସ୍ୱକୁ ଜଳାଞ୍ଜଳି ଦେଇଥାଏ। କିଛି ଲୋକ ଜନ୍ମରୁ ଭାଗ୍ୟବାନ, କାହାକୁ ଭାଗ୍ୟକୁ ଲଦି ଦିଆଯାଇଥାଏ ତ ଅନ୍ୟ କିଏ କଠିନ ପରିଶ୍ରମ କରି ଅନ୍ୟର ଭାଗ୍ୟ ତିଆରି କରିଥାନ୍ତି। ଗୁରୁ ହୋଇ ଅଜ୍ଞାନ ଅନ୍ଧାରରୁ ଜ୍ଞାନର ଆଲୋକ ଆଡ଼କୁ ପଥ ପ୍ରଦର୍ଶନ କରାଉଥିବା ସେହି ମହାନ ବ୍ୟକ୍ତିତ୍ୱ ହେଉଛନ୍ତି ଆମ ସାର୍ ଡଃ. ଅଚ୍ୟୁତ ସାମନ୍ତ। ଲକ୍ଷ ଲକ୍ଷ ପିଲାଙ୍କ ଉଜ୍ଜ୍ୱଳ ଭବିଷ୍ୟତ ନିର୍ମାଣ କରିବା ପାଇଁ ବଜ୍ରଶପଥ ନେବା ସହିତ ଏଥିପାଇଁ ନିଜକୁ ସମର୍ପଣ କରି ଅହରହ ଉଦ୍ୟମ ଜାରି ରଖିଛନ୍ତି। କଲରାବାଙ୍କରେ ଭୂମିଷ୍ଠ ଏହି ଉଜ୍ଜ୍ୱଳ ନକ୍ଷତ୍ର ବହୁ ପ୍ରତିକୂଳ ପରିସ୍ଥିତି ଦେଇ ଗତି କରିଛନ୍ତି। ପିଲାଦିନୁ ବାପାଙ୍କୁ ହରେଇ ଥିବାର ଦୁଃଖ, ଚଳଣିରେ ବହୁ ବାଧାବିଘ୍ନକୁ ଖାତିରି ନକରି ଜୀବନର ଲକ୍ଷ୍ୟ ପଥରେ ଆଗେଇ ସଫଳ ହୋଇଛନ୍ତି। ଦୀପଟିଏ ପ୍ରଜ୍ୱଳିତ ହେବା ସମୟରେ ସଞ୍ଜ ସଳିତାଟି ନିଜେ ତିଳତିଳ ହୋଇ ଦଗ୍ଧିଭୂତ ହୋଇ ଅନ୍ୟକୁ ଆଲୋକ ଦେଖାଇଥାଏ। ଘୃତ ଅଥବା ତୈଳର ପ୍ରୋତ୍ସାହନ ତାକୁ ଉଜ୍ଜଳରୁ ଉଜ୍ଜଳତର ଆଡକୁ ପ୍ରେରଣା ଦେଇଥାଏ। ମା' ନୀଳିମା ରାଣୀଙ୍କ ପ୍ରେରଣାରେ ସାମନ୍ତ ସାର୍ ପ୍ରଦୀପଟିଏ ନୁହେଁ ଉଜ୍ଜଳ ଜ୍ୟୋତିଷ୍କଟିଏ ହୋଇ ଏ ମାଟିର ଶିକ୍ଷା ଆକାଶରେ ଉଦୀୟମାନ ହୋଇଛନ୍ତି। ନବେ ଦଶକରେ ସୃଷ୍ଟି ହୋଇଥିବା କ୍ଷୁଦ୍ର ଅନୁଷ୍ଠାନଟି ଆଜି ଦୁଇ ଦୁଇଟି ଡିମ୍ଡ ବିଶ୍ୱବିଦ୍ୟାଳୟରେ ପରିଣତରେ ରୂପାନ୍ତରିତ ହୋଇ ଶିକ୍ଷାକାଶରେ ଏକ ମାଇଲ ଖୁଣ୍ଟ ସ୍ଥାପନ କରି ପାରିଛି। କିମସ୍ ଭଳି ଏକ ଅତ୍ୟାଧୁନିକ ଚିକିତ୍ସା ବିଜ୍ଞାନ କେନ୍ଦ୍ର କେବଳ ରୋଗୀସେବା ନୁହେଁ ଡାକ୍ତର, ନର୍ସ ସୃଷ୍ଟି କରୁଥିବା ଏକ ମଣିଷ ତିଆରି କାରଖାନାରେ ରୂପାନ୍ତରିତ ହୋଇପାରିଛି।

ଆଜି ଦେଶ ବିଦେଶର ଲକ୍ଷାଧିକ ପିଲା ଏଠାରୁ ଶିକ୍ଷା ସମାପ୍ତ କରି ବିଶ୍ୱ କଲ୍ୟାଣରେ ଲାଗିଛନ୍ତି। ଏହି ଅନୁଷ୍ଠାନ ପାଇଁ ଆମ ମାଟିର ଲକ୍ଷାଧିକ ପରିବାର ଆଜି ରୋଜକାର କରି ସମ୍ମାନେ ବଂଚୁଛନ୍ତି। ଦୀପ ଭଳି ଜଳି ଏସମାଜକୁ ଆଲୋକିତ କରୁଛନ୍ତି ମୋ ଗୁରୁ ସାର୍ ଡ଼.ଅଚ୍ୟୁତ ସାମନ୍ତ। ରସାୟନ ବିଜ୍ଞାନରେ ଅଧ୍ୟାପନା କାଯର୍ୟ ଆରମ୍ଭ କରିଥିବା ଜୀବନ ଅଧ୍ୟାପକ ହୋଇ ରହିଯାଇଥିଲେ ବୋଧେ ପରିସର ସୀମିତ ହୋଇଯାଥାନ୍ତା। ମାତ୍ର ଜଗତ କଲ୍ୟାଣ ଯାହାର ଲକ୍ଷ୍ୟ, ଶିକ୍ଷାର କିରଣ ବୁଣିବା ପାଇଁ ଯିଏ ପ୍ରେରିତ ସିଏ ସୀମିତ ହୋଇ ରହିଥାନ୍ତେ କିପରି? ବିଶ୍ୱର ବିଭିନ୍ନ ପ୍ରାନ୍ତରୁ ଉଚ୍ଚ ଶିକ୍ଷା ନିମନ୍ତେ ଆଗେଇ ଆସୁଛନ୍ତି ଅନେକ ବିଦ୍ୟାର୍ଥୀ। ଶିକ୍ଷା କ୍ଷେତ୍ରରେ ଅନ୍ତର୍ଜାତୀୟ ସ୍ତରୀୟ ଶିକ୍ଷାନୁଷ୍ଠାନ କିଟ୍‌ରେ ନିଜର ଭବିଷ୍ୟତ ଜୀବନ ଗଢିବାକୁ ଅନେକ ଇଚ୍ଛାବ୍ୟକ୍ତ କରିଥାନ୍ତି। ନିଜକୁ କିଟିଆନ୍ ଭାବେ ତିଆରି କରି, ଅନେକ ସୁନାମଧନ୍ୟ, ଅଗ୍ରଣୀ ଅନୁଷ୍ଠାନରେ ନିଜ ନିଜ କ୍ଷେତ୍ରରେ ପାରଦର୍ଶିତା ଅର୍ଜନକରି ଅନୁଷ୍ଠାନକୁ ଗୌରବାନ୍ୱିତ କରୁଛନ୍ତି। ବଣର ମଲ୍ଲୀ ବଣରେ ଫୁଟି ମଉଳି ଗଲେ କେହି ତାର ମହନୀୟ ସୁଗନ୍ଧକୁ ଜାଣିପାରି ନ ଥାନ୍ତି; ମାତ୍ର ତାକୁ ଚିହ୍ନି ଠାକୁରଙ୍କ ପୂଜାରେ ଲଗାଉଥିବା ଲୋକ ମହାନ। ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଅବହେଳିତ ଅବସ୍ଥାରେ ଥିବା ଜନଜାତି ପିଲାଙ୍କୁ ଉଦ୍ଧାର କରି ଶିକ୍ଷାଦାନ କରି ସେମାନଙ୍କର ଜୀବନ ଜୀବିକାର ମୋଡ଼ ବଦଳେଇ ଦେଇଛନ୍ତି। କିସ୍ ଏକ ମାତ୍ର ଅନୁଷ୍ଠାନ ଯେଉଁଠାରେ ତିରିଶ ହଜାର ଛାତ୍ରଛାତ୍ରୀ କେଜି ଠାରୁ ପିଜି ପଯର୍ୟନ୍ତ ନିଃଶୁଳ୍କ ପାଠ ପଢ଼ିଥାନ୍ତି। ଶିକ୍ଷା ପରେ ନୂତନ ଦିଗନ୍ତକୁ ଯିବାକୁ ପ୍ରେରଣା ଯୋଗାଇଛନ୍ତି। କେବଳ ଶିକ୍ଷା ନୁହେଁ ସେମାନଙ୍କ ମଧ୍ୟରେ ଲୁକ୍କାୟିତ ଥିବା ଅନ୍ତର୍ନିହିତ ଗୁଣାବଳୀକୁ ପ୍ରସ୍ଫୁଟିତ କରିବା ପାଇଁ ଯତ୍ନବାନ। କ୍ରିଡ଼ାର ପ୍ରସାର ନିମନ୍ତେ ସର୍ବଦା ଚେଷ୍ଟିତ। କ୍ରୀଡ଼ାବିତ୍‌ଙ୍କୁ ପ୍ରୋତ୍ସାହିତ କରାଇବା, ସେମାନଙ୍କ ମଧ୍ୟରେ ଥିବା କ୍ରିଡ଼ାନୈପୁଣ୍ୟକୁ ଜାତୀୟ, ଅର୍ନ୍ତଜାତୀୟ ସ୍ତରରେ ଉପସ୍ଥାପିତ ଅନେକ ଆର୍ନ୍ତଜାତିକ କ୍ରିଡ଼ାକୁ କିଟ୍‌ର କ୍ରୀଡ଼ାଙ୍ଗନରେ ଉପସ୍ଥାପନ କରିବାରେ ତାଙ୍କର ଭୂମିକା ଅବିସ୍ମରଣୀୟ। କରୋନା କବଳରେ ନିଜର ପିତା-ମାତାଙ୍କୁ ହରେଇ ଅନାଥ ଶିଶୁଙ୍କୁ ଆପଣାର କରି ନେବାରେ ସେ ଅନ୍ୟ ପାଇଁ ଉଦାହରଣ ହୋଇଛନ୍ତି। ଅନେକ ବାପା-ମା'କୁ ହରେଇଥିବା ସନ୍ତାନମାନଙ୍କର ଗୁରୁଦାୟିତ୍ୱ ସେ ନିଜ ହାତକୁ ନେଇଛନ୍ତି। ନିଜେ ଅବିବାହିତ ହୋଇ ମଧ୍ୟ ବାପା-ମା' ଉଭୟଙ୍କର ଭାରକୁ ନିଜ କାନ୍ଧରେ ବୋହି ସେମାନଙ୍କୁ ସମାଜରେ ମଣିଷ ଭଳି ମଣିଷଟିଏ ଗଢ଼ିତୋଳିବାର କାଯର୍ୟ ଜାରି ରଖିଛନ୍ତି। ଅଧୁନା ଅନେକ ସହରର ଚାକଚକ୍ୟ ମଧ୍ୟରେ ରହି ନିଜର ଗାଁ, ମା, ମାଟି ସାଥି ସହୋଦରକୁ ଭୁଲିଯାନ୍ତି। ଏହାର ବ୍ୟତିକ୍ରମ ସାମନ୍ତ ସାର୍ ସମ୍ମାନସ୍ପଦ ପଦପଦବୀରେ ଥାଇ, ଅନେକ ଗୁରୁଦାୟିତ୍ୱରେ ଜଡ଼ିତ ଥିଲେ ମଧ୍ୟ ଜନ୍ମମାଟିକୁ ଭଲ ପାଉଥିବା ଦରଦୀ ମଣିଷଟିଏ।


ଗୁରୁ ଦିବସ ଉପଲକ୍ଷେ

ନିଜ ଗାଁରେ ସହରର ସମସ୍ତ ସୁବିଧା, ନିଜର ଗ୍ରାମକୁ ଦେଶର ପ୍ରଥମ ସ୍ମାର୍ଟ ଭିଲେଜ୍ ଭାବେ ଗଢି ତୋଳିବା, ପିଲାମାନେ ଏହି ଗ୍ରାମରେ ପଢିବା ପାଇଁ ଓଡ଼ିଆ ଓ ଇଂରାଜୀ ମାଧ୍ୟମ ବିଦ୍ୟାଳୟ ସ୍ଥାପନ, ସାଥି ସହକର୍ମୀଙ୍କୁ ଅନାବିଳ ଭାବେ ଭଲପାଇବା, ସେମାନଙ୍କର ଦୁଃଖସୁଖରେ ସାମାଜିକ କାଯର୍ୟରେ ସାମିଲ ହେବା ତାଙ୍କର ଜନମମାଟିକୁ ଭଲପାଇବାକୁ ସୂଚାଉଛି।

ଡଃ. ଅଚ୍ୟୁତ ସାମନ୍ତ ସାର୍ ଜଣେ ବ୍ୟକ୍ତି ନୁହନ୍ତି ଗୋଟିଏ ଅନୁଷ୍ଠାନ। ଏତେଗୁଡ଼ିଏ ଅନୁଷ୍ଠାନର ପ୍ରାଣପ୍ରତିଷ୍ଠାତା ସମାୟାନୁବର୍ତ୍ତିତା ତାଙ୍କ ଠାରୁ ଶିକ୍ଷଣୀୟ। କମ୍ କଥାରେ ସାରଗର୍ଭକ କଥା କହି ଅନ୍ୟମାନଙ୍କ ହୃଦୟ ଜିତିଥାନ୍ତି। ସରଳ, ନିରାଡମ୍ବର, ସାଧାରଣ ଜୀବନଚଯର୍ୟା, ପରକୁ ଆପଣାର କରିବାର ଗୁଣ, ପର ଦୁଃଖରେ ଦୁଃଖୀ ଏହି ବ୍ୟକ୍ତି ଜଣକ ନିଜର ଦାୟିତ୍ୱବୋଧ, କର୍ତ୍ତବ୍ୟପରାୟଣତାରେ ସଦାସର୍ବଦା ତତ୍ପର। ଜଣେ ସମଦର୍ଶୀ ସମୟାନୁବର୍ତ୍ତୀ, ଛାତ୍ରବତ୍ସଳ, ଦୂରଦ୍ରଷ୍ଟା, ଦିଗ୍ଦ୍ରଷ୍ଟା, ସଫଳ ବ୍ୟକ୍ତି ଭାବେ ନିଜକୁ ପ୍ରତିପାଦିତ କରିଛନ୍ତି। ସମୟ ସ୍ରୋତରେ ଗତିଶୀଳ ହୋଇ ସଫଳତାର ଶୀର୍ଷ ସ୍ପର୍ଶ କରିଥିଲେ ମଧ୍ୟ ଅତୀତକୁ କେବେ ଭୁଲିନାହାନ୍ତି। ଅତୀତ କଥାକୁ ଭୁଲି ନଯାଇ, କୃତଘ୍ନ ନହୋଇ କୃତଜ୍ଞ ରହିବା ପାଇଁ ପରାମର୍ଶ ପ୍ରେରଣାଦାୟୀ। ଏହିଭଳି ଜଣେମହାନ ଗୁରୁ ଡଃ. ଅଚ୍ୟୁତ ସାମନ୍ତ ସାର୍‌ଙ୍କୁ କୋଟି କୋଟି ପ୍ରଣାମ। ଯଥାର୍ଥରେ ଗୁରୁ ଯେ ମଳୟ ପବନ। କାଠକୁ କରନ୍ତି ଚନ୍ଦନ। ଗୁରୁ ଏକ ଆଲୋକବର୍ତ୍ତିକା, ଗୁରୁ ସୃଷ୍ଟିର ଶ୍ରେଷ୍ଠ ସମ୍ପଦ।

**ମୋ: ୯୩୩୭୭୭୦୭୭୭**

# ସ୍ୱଚ୍ଛନ୍ଦ ବନାମ ସୁରକ୍ଷା



**ପ୍ରଣତୀ ପଟ୍ଟନାୟକ**

ବିକାଶ ଏବଂ ସୁରକ୍ଷା ଦୁଇଟି ଭିନ୍ନ ପ୍ରସଙ୍ଗ। ବିକାଶ ତୁଳନାରେ ସୁରକ୍ଷା ଅଧିକ ଜରୁରୀ। ବିକାଶ ବିଳମ୍ବିତ ହେଲେ ଚଳିବ, କିନ୍ତୁ ସୁରକ୍ଷା ବ୍ୟବସ୍ଥାରେ ଦୁର୍ବଳତା ଏବଂ ତ୍ରୁଟି କଦାପି କୌଣସି ପରିସ୍ଥିତିରେ ଗ୍ରହଣୀୟ ନୁହେଁ। ଏହାର ଉଦାହରଣ ହେଉଛି ଭାରତୀୟ ରେଳବାଇ। ବିଗତ କିଛି ବର୍ଷ ଭିତରେ ଭାରତୀୟ ରେଳବାଇର ବିକାଶ ହୋଇଛି। କିନ୍ତୁ ରେଳଯାତ୍ରୀଙ୍କ ସୁରକ୍ଷା ଶତ ପ୍ରତିଶତ ସମ୍ଭବ ହୋଇନାହିଁ। ଗତ ବର୍ଷ ଓଡ଼ିଶାର ବାହାନଗା ବଜାର ଷ୍ଟେସନ ନିକଟରେ ହୋଇଥିବା ଭୟାବହ ଦୁର୍ଘଟଣାକୁ କେହି ଭୁଲି ନଥିବେ। ଏଥିରେ ପାଖାପାଖି ୩ ଶହ ବ୍ୟକ୍ତିଙ୍କ ଜୀବନ ଯାଇଥିଲା। ଏହା ପରେ ମଧ୍ୟ ନିୟମିତ ବ୍ୟବଧାନରେ ଛୋଟ ବଡ଼ ରେଳ ଦୁର୍ଘଟଣା ହେଉଛି। ଏହା ନିଶ୍ଚିତ ଭାବେ ଉଦବେଗର ବିଷୟ। ଭାରତୀୟ ରେଳବାଇ ହେଉଛି ବିଶ୍ୱର ବୃହତ୍ତମ ରେଳ ନେଟୱର୍କ। ଭାରତରେ ପ୍ରତିଦିନ ଯେତିକି ଲୋକ ଯାତାୟତ କରନ୍ତି ତାହା ଅଷ୍ଟ୍ରେଲିଆ ମହାଦେଶର ଲୋକସଂଖ୍ୟାଠାରୁ ଅଧିକ। ପ୍ରତି ମୁହୂର୍ତ୍ତରେ ଭାରତରେ ଟ୍ରେନରେ ଯେତିକି ଲୋକ ଥାଆନ୍ତି, ତାହା ୟୁରୋପର ଅନେକ ଦେଶର ଜନସଂଖ୍ୟାଠାରୁ ଅଧିକ। ଭାରତୀୟ ଅର୍ଥନୀତିର ଏହା ହେଉଛି ମେରୁଦଣ୍ଡ। ବିନା ଟ୍ରେନର ଦେଶର ଅର୍ଥନୀତି ଚିନ୍ତା କରାଯାଇପାରେନା। ପ୍ରତିଦିନ ଟ୍ରେରେ କେବଳ ଲୋକ ଯିବା ଆସିବା କରନ୍ତିନି, ହଜାର ହଜାର ଟନ ମାଲ ପରିବହନ ହୋଇଥାଏ। ଶିଳ୍ପ, କୃଷି, ବାଣିଜ୍ୟ ସବୁ କିଛି ରେଳବାଇ ଉପରେ ନିର୍ଭର କରେ। ଟନ ଟନ ଖଣିଜ ସାମଗ୍ରୀ ଟ୍ରେନରେ ପରିବହନ ହୋଇଥାଏ। ଏହା ଦ୍ୱାରା ଶିଳ୍ପ ସଂସ୍ଥା ଚାଲିଥାଏ। ଖାଦ୍ୟ ଏବଂ ଶିଳ୍ପ ଜାତ ସାମଗ୍ରୀ ପରିବହନ ହୋଇଥାଏ। ଗତ କିଛି ବର୍ଷ ଭିତରେ ଭାରତରେ ରେଳସେବାର ବ୍ୟାପକ ସଂସ୍କାର ହୋଇଛି। ଅତି ଅଗମ୍ୟ ସ୍ଥାନକୁ ମଧ୍ୟ ଟ୍ରେନ ଚଳାଚଳ ହେଉଛି। ଉତ୍ତର ପୂର୍ବାଞ୍ଚଳକୁ ଏବେ ରେଳ ସଂଯୋଗ ହୋଇପାରିଛି। ଫଳରେ ରେଳ ଯାତ୍ରୀଙ୍କ ସଂଖ୍ୟା ମଧ୍ୟ ବହୁଗୁଣ ବୃଦ୍ଧି ପାଇଛି। ଟ୍ରେନ ସଂଖ୍ୟା ମଧ୍ୟ ବହୁଗୁଣ ବୃଦ୍ଧି ପାଇଛି। ତଦନୁଯାୟୀ ଟ୍ରେନ ଲାଇନର ସମ୍ପ୍ରସାରଣ ଏବଂ ଆଧୁନୀକୀକରଣ ହୋଇଛି ସତ, କିନ୍ତୁ ଏହା ପର୍ଯ୍ୟାପ୍ତ ନୁହେଁ। ଷ୍ଟେସନ ସଂଖ୍ୟା ମଧ୍ୟ ବୃଦ୍ଧି ପାଇଛି। କିନ୍ତୁ ଦୁର୍ଭାଗ୍ୟର ବିଷୟ ହେଲା ଟ୍ରେନ ଯାତ୍ରୀଙ୍କ ସୁରକ୍ଷା ପ୍ରତି ସେତିକି ଧ୍ୟାନ ଦିଆଯାଉନି ଯାହା ନିହାତି ଜରୁରୀ। ଅନେକ ସମୟରେ ମନୁଷ୍ୟକୃତ ତ୍ରୁଟି ବା ଅବହେଳା ଯୋଗୁ ଟ୍ରେନ ଦୁର୍ଘଟଣା ଯୋଗୁ ଅନେକ ଧନଜୀବନ ନଷ୍ଟ ହେଉଛି। ଗତ ବର୍ଷ ଓଡ଼ିଶାର ବାଲେଶ୍ୱର ଜିଲ୍ଲା ବାହାନଗା ବଜାର ଷ୍ଟେସନ ନିକଟରେ କରମଣ୍ଡଳ ଏକ୍ସପ୍ରେସ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏଥିରେ ପାଖାପାଖି ୩ଶହ ଟ୍ରେନ ଯାତ୍ରୀଙ୍କ ଜୀବନ ଚାଲିଯାଇଥିଲା। ୫୦୦ରୁ ଅଧିକ ଆହତ ହୋଇଥିଲେ। ରେଳବାଇର ଶହ ଶହ କୋଟି ଟଙ୍କା କ୍ଷତି ହୋଇଥିଲା। ଭାରତୀୟ ରେଳବାଇ ଇତିହାସରେ ଏହା ଅନ୍ୟତମ ଭୟଙ୍କର ଦୁର୍ଘଟଣା ଭାବେ ବିବେଚିତ ହେଉଛି। ସିଗନାଲ ତ୍ରୁଟିରୁ ଏହି ଦୁର୍ଘଟଣା ହୋଇଥିଲା। ସ୍ଥାନୀୟ ଷ୍ଟେସନ ମାଷ୍ଟର ଏବଂ ଅନ୍ୟ କର୍ମଚାରୀଙ୍କ ଦାୟିତ୍ୱହୀନତା ଯୋଗୁ ଏହି ଦୁର୍ଘଟଣା ହୋଇଥିଲା। ଏଥିଲାଗି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ସତ, ମାତ୍ର ୩ ଶହ ଲୋକଙ୍କ ଜୀବନ ଆଉ ଫେରିଆସିବନି। ନିକଟରେ ପଶ୍ଚିମବଙ୍ଗର ଦାର୍ଜିଲିଂ ଜିଲ୍ଲାରେ ଏଭଳି ଏକ ଟ୍ରେନ ଦୁର୍ଘଟଣା ହୋଇଛି। କାଞ୍ଚନଜଙ୍ଘା ଏକ୍ସପ୍ରେସକୁ ପଛରୁ ଏକ ମାଲବାହୀ ଟ୍ରେନ ଧକ୍କା ଦେବା ଫଳରେ ୯ଜଣ ପ୍ରାଣ ହରାଇଛନ୍ତି। ପ୍ରାଥମିକ ତଦନ୍ତ ରିପୋର୍ଟ ଅନୁଯାୟୀ ମାଲବାହୀ ଟ୍ରେନର ଡ୍ରାଇଭର ସିଗନାଲକୁ ନମାନି ଆଗକୁ ଟ୍ରେନ ଚଳାଇବା ଫଳରେ ଏଭଳି ଦୁର୍ଘଟଣା ହେଲା। ସୌଭାଗ୍ୟକୁ ଏକ୍ସପ୍ରେସ ଟ୍ରେନର ପଛ ୨ଟି ଡବାରେ କେହି ଯାତ୍ରୀ ନଥିଲେ। ଏହା ପାର୍ସଲ କୋଚ ଥିଲା। ଯଦି ପଛ ୨ଟି ଡବାରେ ଯାତ୍ରୀ ଥାଆନ୍ତେ ତେବେ ଶବ ଗଣିବା କଷ୍ଟ ହୋଇଥାଆନ୍ତା। ଯଦି ମାଲବାହୀ ଟ୍ରେନ ପରିବର୍ତ୍ତେ ଏକ ଯାତ୍ରୀବାହୀ ଟ୍ରେନ ପଛରୁ ଧକ୍କା ଦେଇଥାଆନ୍ତା ତେବେ ଏହା ବାହାନଗା ଟ୍ରେନ ଦୁର୍ଘଟଣାକୁ ଟପିଯାଇଥାଆନ୍ତା। ନିୟମିତ ବ୍ୟବଧାନରେ ଏଭଳି ଦୁର୍ଘଟଣା ହେଉଛି। ଅଧିକାଂଶ ଦୁର୍ଘଟଣା ସିଗନାଲ ବ୍ୟବସ୍ଥାରେ ତ୍ରୁଟି କିମ୍ବା ଡ୍ରାଇଭରଙ୍କ ଭୁଲ ଯୋଗୁ ହେଉଛି। ଏହା ଅକ୍ଷମଣୀୟ। ଭାରତୀୟ ରେଳବାଇରେ ସର୍ବାଧିକ କର୍ମଚାରୀ ନିଯୁକ୍ତ ହୋଇଛନ୍ତି। ସେମାନଙ୍କୁ ଉପଯୁକ୍ତ ତାଲିମ ମଧ୍ୟ ଦିଆଯାଉଛି। ଏହା ସତ୍ତ୍ୱେ ଦୁର୍ଘଟଣା ଘଟିବା ଦୁର୍ଭାଗ୍ୟଜନକ। ତେଣୁ ରେଳବାଇରେ କର୍ମଚାରୀ ନିଯୁକ୍ତି ବେଳେ ବିଶେଷ କରି ଡ୍ରାଇଭର ନିଯୁକ୍ତି ବେଳେ ଅଧିକ ସତର୍କତାର ଆବଶ୍ୟକତା ରହିଛି। ଅନେକ ସମୟରେ ଟ୍ରେନ ଲାଇନରେ ତ୍ରୁଟି ଯୋଗୁ ଟ୍ରେନ ଲାଇନଚ୍ୟୁତ ହେଉଛି। ଏହାକୁ ରୋକିବାକୁ ଅଧିକ ସତର୍କତାର ଆବଶ୍ୟକତା ରହିଛି। ରେଳବାଇରେ ବହୁ ଦକ୍ଷ ଇଞ୍ଜିନିୟର ଏବଂ ଲକ୍ଷ ଲକ୍ଷ ଠିକା ଶ୍ରମିକ ଅଛନ୍ତି। ସେମାନଙ୍କ ଦକ୍ଷତା ସନ୍ଦେହ ଊର୍ଦ୍ଧ୍ୱରେ। କିନ୍ତୁ ସେମାନଙ୍କୁ ଅଧିକ ନିଷ୍ଠାର ସହ କାର୍ଯ୍ୟ କରିବାକୁ ପଡ଼ିବ। ଅନେକ ସମୟରେ ପ୍ରାକୃତିକ ବିପର୍ଯ୍ୟୟ ହେତୁ ଟ୍ରେନ ଲାଇନ କ୍ଷତିଗ୍ରସ୍ତ ହେଉଛି। ଏଥିପ୍ରତି ସତର୍କ ରହିବାକୁ ପଡ଼ିବ। ମରାମତି କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ କରିବାକୁ ପଡ଼ିବ। କେବଳ ଟ୍ରେନର ଗତି ବଢ଼ାଇଦେଲେ ବା ଅତ୍ୟାଧୁନୀକ ଟ୍ରେନ ଚଳାଚଳ ବ୍ୟବସ୍ଥା କରିଦେଲେ ହେବ ନାହିଁ। ଘଣ୍ଟାକୁ ୧୨୦ କିମି ପରିବର୍ତ୍ତେ ୬୦ କିମି ବେଗରେ ଟ୍ରେନ ଚାଲିଲେ ନିହାତି ଅସୁବିଧା ନାହିଁ। କିନ୍ତୁ ଯାତ୍ରୀମାନେ ନିର୍ଦ୍ଧାରିତ ଲକ୍ଷ୍ୟରେ ନିରାପଦରେ ପହଞ୍ଚିବା ଜରୁରୀ। ଅନେକ ଲୋକଙ୍କ ଜୀବନ ଜୀବିକା ରେଳବାଇ ଉପରେ ନିର୍ଭର କରିଥାଏ। ପ୍ରତିଦିନ ଲକ୍ଷ ଲକ୍ଷ ଲୋକ ଟ୍ରେନରେ ନିଜ କାର୍ଯ୍ୟକ୍ଷେତ୍ରକୁ ଯାଇଥାଆନ୍ତି। ଅନେକ ଛାତ୍ର ମଧ୍ୟ ନିୟମିତ ଟ୍ରେନରେ ଯାତ୍ରା କରନ୍ତି। ସେମାନଙ୍କ ନିରାପତ୍ତା ରେଳବାଇର ଦାୟିତ୍ୱ। ଏହାକୁ ଗୁରୁତ୍ୱର ସହ ନିଆଯିବା ଉଚିତ। ଟ୍ରେନ ସଂଖ୍ୟା ବଢ଼ିଛି ସତ, ମାତ୍ର ଏବେ ବି ଜନସଂଖ୍ୟା ଦୃଷ୍ଟିରୁ ଏହା ପର୍ଯ୍ୟାପ୍ତ ବୋଲି କୁହାଯାଇପାରିବ ନାହିଁ। ତେଣୁ ଟ୍ରେନ ସଂଖ୍ୟା ବୃଦ୍ଧି ସହ ଯାତ୍ରୀଙ୍କ ସ୍ୱଚ୍ଛନ୍ଦ ପ୍ରତି ଦୃଷ୍ଟି ଦେବାକୁ ପଡ଼ିବ। ଷ୍ଟେସନ ସଂଖ୍ୟା ବଢ଼ିବା ସ୍ୱାଗତଯୋଗ୍ୟ, କିନ୍ତୁ ଦୂରଗାମୀ ଟ୍ରେନର ରହଣୀ ସୀମିତ କରିବାକୁ ପଡ଼ିବ। ଟ୍ରେନରେ ଯେପରି ଲୁଟପାଟ ହେଉଛି ତାହାକୁ ରୋକିବାକୁ ରେଳ ସୁରକ୍ଷା ବାହିନୀକୁ ଅଧିକ ସତର୍କ ହେବାକୁ ପଡ଼ିବ। କାରଣ ଭାରତୀୟ ରେଳରବାଇ ଅନେକଙ୍କ ପାଇଁ ଜୀବନ ରେଖା। ଏହାକୁ ଅବହେଳା କରାଯାଇପାରିବ ନାହିଁ। ନିକଟରେ ରେଳ ଟ୍ରାକରେ ଥିବା ଏକ ପଥର ବା ବଡ଼ ସିମେଣ୍ଟ ଖଣ୍ଡରେ ମାଡ଼ ହୋଇ ଟ୍ରେନ ଲାଇନଚ୍ୟୁତ ହୋଇଛି। ସୌଭାଗ୍ୟକୁ ଏଥିରେ କେହି ମୃତାହତ ହୋଇନଥିଲେ। ଏହା ଏକ ଅନ୍ତର୍ଘାତୀ କାର୍ଯ୍ୟ ଭଳି ମନେ ହେଉଛି। ଗତ ମାସ ୨୪ରେ ବନ୍ଦେ ଭାରତ ଏକ୍ସପ୍ରେସକୁ ଲାଇନଚ୍ୟୁତ କରିବା ଲାଗି ମଧ୍ୟ ପ୍ରୟାସ କରାଯାଇଥିଲା। ଏକ ଆତଙ୍କବାଦୀ ସଙ୍ଗଠନ ଏଭଳି କାର୍ଯ୍ୟ କରିଥିଲା। ପାକିସ୍ତାନର ଏକ ଆତଙ୍କୀ ସଙ୍ଗଠନ ଭାରତରେ ଟ୍ରେନ ଲାଇନଚ୍ୟୁତ କରିବାକୁ ନିଜ ସଦସ୍ୟମାନଙ୍କୁ ଆହ୍ୱାନ କରିଛି। ଏହା ଏକ ଚିନ୍ତାଜନକ ବିଷୟ। ଭାରତରେ ହଜାର ହଜାର କିମି ରେଳ ଲାଇନ ରହିଛି। ସବୁଠି ସବୁ ବେଳେ ସୁରକ୍ଷା ପ୍ରଦାନ କରିବା ଅସମ୍ଭବ। ଏଥିପାଇଁ କବଚ ସିଷ୍ଟମ ହେଉଛି ସବୁଠାରୁ ଭରସାଯୋଗ୍ୟ ବ୍ୟବସ୍ଥା। ସୁଖର କଥା, ଏବେ ଭାରତ ସରକାର ସମଗ୍ର ଦେଶରେ କବଚ ବ୍ୟବସ୍ଥାକୁ ମିଶନ ମୋଡରେ କାର୍ଯ୍ୟକାରୀ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏହା ଦ୍ୱାରା ଦୁର୍ଘଟଣାକୁ ଶତ ପ୍ରତିଶତ ରୋକାଯାଇନପାରିଲେ ମଧ୍ୟ ଅନେକାଂଶରେ ରୋକାଯାଇପାରିବ। ଏଥିଲାଗି ଯେତେ ଖର୍ଚ୍ଚ ହେଲେ ବି ସେଥିରେ କିଛି ଅସୁବିଧା ନାହିଁ। କାରଣ ରେଳବିକାଶ ସହ ଯାତ୍ରୀ ଏବଂ ରେଳବାଇର ସମ୍ପତ୍ତିକୁ ସୁରକ୍ଷା ପ୍ରଦାନ କରାଯିବା ଅଧିକ ଜରୁରୀ। ଭାରତ ସରକାର ଅଧିକରୁ ଅଧିକ ବନ୍ଦେ ଭାରତ ଏକ୍ସପ୍ରେସ ଏବଂ ଅମ୍ରିତ ଭାରତ ଏକ୍ସପ୍ରେସ ଚଳାଚଳ ନିମନ୍ତେ ଘୋଷଣା କରିଛନ୍ତି। ଏସବୁ ନୂତନ ଟ୍ରେନ ଚଳାଚଳ ଆରମ୍ଭ ପୂର୍ବରୁ କବଚ ବ୍ୟବସ୍ଥାକୁ କାର୍ଯ୍ୟକାରୀ କରାଯିବା ଜରୁରୀ। ସେହିପରି ସିଗନାଲ ବ୍ୟବସ୍ଥାର ଉନ୍ନତିକରଣ, ରେଳ କର୍ମଚାରୀଙ୍କୁ ଆଧୁନୀକ ତାଲିମ ଏବଂ ରେଳ ଟ୍ରାକର ସୁରକ୍ଷା ନିମନ୍ତେ ନିୟମିତ ଯାଞ୍ଚ ତଥା ମରାମତି ଜରୁରୀ। ବର୍ଷା ଦିନେ ଅନେକ ସ୍ଥାନରେ ରେଳ ଟ୍ରାକ ଧୋଇଯାଇ ଦୁର୍ଘଟଣାର ଆଶଙ୍କା ସୃଷ୍ଟି କରିଥାଏ। ଏସବୁ ଯୁଦ୍ଧକାଳୀନ ଭିତ୍ତିରେ ମରାମତି ନିମନ୍ତେ ସ୍ୱତନ୍ତ୍ର ତାଲିମପ୍ରାପ୍ତ କର୍ମଚାରୀଙ୍କୁ ନିଯୁକ୍ତି ପ୍ରଦାନ କରାଯିବା ଉଚିତ। ରେଳବାଇର ଆଧୁନୀକୀକରଣ ଏବଂ ଯାତ୍ରୀଙ୍କ ସ୍ୱଚ୍ଛନ୍ଦ ପ୍ରତି ଦୃଷ୍ଟି ଦେବା ଅପେକ୍ଷା ସୁରକ୍ଷାକୁ ପ୍ରାଥମିକତା ଦିଆଯିବା ଉଚିତ।

**ବାଲିକୁଦା, ଜଗତସିଂହପୁର**

# ସମୟର ସ୍ରୋତରେ ଗୁରୁ-ଶିଷ୍ୟ

**ରାକେଶ କୁମାର ବାରିକ**

ଗୁରୁ ବ୍ରହ୍ମା, ଗୁରୁ ବିଷ୍ଣୁ, ଗୁରୁ ଦେବ ମହେଶ୍ୱର
ଗୁରୁ ସାକ୍ଷାତ୍ ପରଂବ୍ରହ୍ମ ତସ୍ମୈଶ୍ରୀ ଗୁରବେ ନମଃ

ଗୁରୁ ସେ କେବେ ପାଠ ଶିକ୍ଷା ଦିଅନ୍ତି ତ କେବେ ସମାଜରେ ବଂଚିବାକୁ ଶିଖାନ୍ତି, କେବେ ସେ ଲହୁଣୀ ପରି କୋମଳତ କେବେ ସେ ଛାଟ ଧରି ଅନୁସନ୍ଧାନ କରିବାକୁ ଧୁରନ୍ଧର। ସେ ଅନ୍ୟ କେହି ନୁହେଁ ଜୀବନର ପ୍ରତ୍ୟେକଟି ସୋପାନ ।ହା ବିନା ଅଧୁରା ସେ ହିଁ ଗୁରୁ। ଗୁରୁ ବ୍ରହ୍ମା, ବିଷ୍ଣୁ, ମହେଶ୍ୱରଙ୍କ ସହ ତୁଳନୀୟ। ପରଂବ୍ରହ୍ମଙ୍କ ସହ ତୁଳନୀୟ ହେଉଛନ୍ତି ଗୁରୁ। ଭାରତ ବର୍ଷରେ ଗୁରୁଙ୍କ ସ୍ଥାନ ଶ୍ରେଷ୍ଠତ୍ୱରେ । ଭାରତୀୟ ସଂସ୍କୃତି ଗୁରୁବାଦ ଉପରେ ପ୍ରତିଷ୍ଠିତ । ଧରାପୃଷ୍ଠରେ ସ୍ୱତନ୍ତ୍ର ଆସନର ଅଧିକାରୀ ହେଉଛନ୍ତି ଗୁରୁ। ଜ୍ଞାନର ଗ୍ରନ୍ଥାଘର ହେଉଛନ୍ତି ଗୁରୁ। ଗୁ ଅର୍ଥ ଅନ୍ଧାର, ରୁ ଅର୍ଥ ଆଲୋକ ଅର୍ଥାତ ଶିଷ୍ୟର ଅଜ୍ଞାନ ରୂପକ ଅନ୍ଧାକାରକୁ ଦୂରୀଭୁତ କରି ଜ୍ଞାନ ରୂପକ ଆଲୋକକୁ ବିକଶିତ କରେ ସେ ହିଁ ସଦ୍‌ଗୁରୁ। ଭାରତୀୟ ସଂସ୍କୃତିରେ ଗୁରୁ ମାନଙ୍କ ସ୍ଥାନ ସର୍ବୋଚ୍ଚରେ। ସୁସ୍ଥ ସମାଜର ବିକାଶରେ ଯାହାର ମୁଖ୍ୟ ଭୂମିକା ଥାଏ ସେ ହିଁ ଗୁରୁ। ସୃଷ୍ଟିର ଆରମ୍ଭରୁ ଗୁରୁ ଶବ୍ଦର ମହତ୍ୱ ଆମ ସମାଜରେ ରହି ଆସିଅଛି। ଶିଶୁ ପାଇଁ ତା ପିତାମାତା ହେଉଛନ୍ତି ପ୍ରଥମ ଗୁରୁ।

ଗୁରୁଙ୍କ ସ୍ଥାନ ସର୍ବୋଚ୍ଚରେ, ପ୍ରାଚୀନ ଭାରତରେ ଗୁରୁମାନେ ମହାଜ୍ଞାନୀ ଥିଲେ। ପୁରାଣ ମାନଙ୍କରେ ଗୁରୁଙ୍କ ସ୍ଥାନ ଉଚ୍ଚରେ ଥିବାର ପ୍ରମାଣ ମିଳେ। ଆବହମାନ କାଳରେ ମନୁଷ୍ୟ ନିଜ ଜୀବନକୁ ଚାରୋଟି ଆସନରେ ବିଭକ୍ତ କରିଥିଲା। ବ୍ରହ୍ମଚାର୍ଯ୍ୟ, ଗାର୍ହ୍ୟସ୍ଥ, ଯତିବ୍ରତ ଏବଂ ବାନପ୍ରସ୍ଥ । ବାନପ୍ରସ୍ଥରେ ପିଲାମାନେ ଗୁରୁଗୃହରେ ରହି ଶିକ୍ଷାଗ୍ରହଣ କରୁଥିଲେ। ସେହି ସମୟରେ ସେମାନଙ୍କୁ ସକଳ ପ୍ରକାରର ଶିକ୍ଷା , ଶାସ୍ତ୍ର ଶିକ୍ଷା, ଯୁଦ୍ଧ ବିଦ୍ୟା ଆଦି ସମସ୍ତ ଦରକାରୀ ଶିକ୍ଷା ଦିଆଯାଉଥିଲା। ସେହି ପବିତ୍ର ସ୍ଥାନରୁ ନିଜ ଜୀବନ ଧାରଣ ପାଇଁ ଉପଯୁକ୍ତ ମାର୍ଗ ଚୟନ କରି ଶିଷ୍ୟ ନିଜକୁ ସୁଦୃଢ଼ କରି ଗଢି ତୋଳୁଥିଲା। ଗୁରୁଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ନଜ ଜୀବନକୁ ସେ ଏକ ସ୍ୱତନ୍ତ୍ର ସ୍ଥାନରେ ପ୍ରତିପାଦିତ କରୁଥିଲା। ଗୋଟେ ସ୍ଥାନରେ ଗରିବ ହେଉ ବା ରାଜାଙ୍କ ପୁତ୍ର ସମସ୍ତେ ଏକତ୍ରିତ ହୋଇ ଶିକ୍ଷା ଗ୍ରହଣ କରୁଥିଲା। ଶିକ୍ଷାର ବନ୍ଧନରେ ସମସ୍ତେ ନିଜକୁ ଗୁରୁଙ୍କ ପାଖରେ ସମର୍ପିତ କରୁଥିଲା। ଗୁରୁ ଆଶ୍ରମରେ ରହି ଗୁରୁଙ୍କ ସେବା କରି ସେମାନେ ଶିକ୍ଷା ଗ୍ରହଣ କରୁଥିଲେ। ଗୁରୁଙ୍କୁ ଶିଷ୍ୟ ମାନେ ଭକ୍ତି ଦ୍ୱାରା ସନ୍ତୁଷ୍ଟ କରୁଥିଲେ। ଆଶ୍ରମର ପ୍ରତ୍ୟେକ ବିଦ୍ୟାର୍ଥୀ ଅରଣ୍ୟକୁ ଯାଇ ଫଳମୂଳ, ଜାଳେଣି ସଂଗ୍ରହ କରିବା ସହ, ଭିକ୍ଷା ବୃତି ମଧ୍ୟ କରୁଥିଲେ , ଯାହା ସେମାନଙ୍କୁ ଚରିତ୍ର ଗଠନରେ ସାହାଯ୍ୟ କରିବା ସହ, ସ୍ୱାବଲମ୍ବୀ କରିବାରେ ସହାୟକ ହେଉଥିଲା। ସେମାନଙ୍କୁ ଆଦର୍ଶବାଦୀ କରୁଥିଲା। ଏହି ଗୁରୁ ଆଶ୍ରମରୁ ଶିକ୍ଷା ଗ୍ରହଣ କଲାପରେ ଗୁରୁଦକ୍ଷିଣା ଦେଇ ନିଜ ନିଜ ଘରକୁ ଫେରି ଯାଉଥିଲା। ପୁରାଣରେ ଗୁରୁ ପଶୁରାମ, ଦ୍ରୋଣ, ବିଶ୍ୱାମିତ୍ର, ବଶିଷ୍ଠ, ଶୁକ୍ରାଚାର୍ଯ୍ୟ, ସାନ୍ଦୀନି, ଦୁର୍ବାସା ଆଦି ଗୁରୁଙ୍କ ଅବଦାନ ବିଶେଷ ଭାବରେ ଉଲ୍ଲଖିତ କରାଯାଇଛି। ଆରୁଣୀ, ଏକଲବ୍ୟ, ଭୃଗୁ , ନଚିକେତା, ଉପମନ୍ୟୁ ଆଦି ଅନେକ ଶିଷ୍ୟ ନିଜ ଗୁରୁ ଭକ୍ତି ।ଇଁ ଅମର ହୋଇ ଯାଇଛନ୍ତି। ଆଗକାଳରେ ଗୁରୁଶିଷ୍ୟର ସମ୍ପର୍କ ଅତି ଉଚ୍ଚକୋଟିରେ ଥିଲା। ଗୁରୁ ଆଶ୍ରମରେ ରହିବା ସମୟରେ ଶିଷ୍ୟ ମାନଙ୍କୁ ନିଜ ପିତାମାତାଙ୍କ ଭଳି ଗୁରୁ ମାନଙ୍କ ଠାରୁ ସ୍ନେହ ଶ୍ରଦ୍ଧା ମିଳୁଥିଲା। ଜୀବନ ଜୀଇବାର ରାସ୍ତା ଗୁରୁ ମାନେ ନିଜ ଶିଷ୍ୟ ମାନଙ୍କୁ ଶିଖାଉଥିଲେ। ଶିଷ୍ୟ ମାନେ ଗୁରୁଙ୍କ ଦ୍ୱାରା ଦିଆଯାଇଥିବା ସମସ୍ତ କାର୍ଯ୍ୟ ସୁଚାରରୂପେ କରୁଥିଲେ। ଗୁରୁ ମାନେ ଶିଷ୍ୟ ମାନଙ୍କ ସହ ଆତ୍ମୀୟ ଭାବେ ମିଶୁଥିଲେ। ଏକଲବ୍ୟ , ଆରୁଣୀଙ୍କ ଗୁରୁଭକ୍ତି ଆମ ପାଇଁ ପ୍ରେରଣା। ଏକଲବ୍ୟ ନିଜ ଗୁରୁଙ୍କୁ ଗୁରୁଦକ୍ଷିଣା ଦେବାକୁ ଯାଇ ନିଜ ଡାହାଣ ହାତର ବୃଦ୍ଧା ଆଙ୍ଗୁଠିକୁ କାଟି ଦେଇଥିଲେ। ଗୁରୁଙ୍କ ସମ୍ମାନର୍ଥେ ସେମାନେ ନିଜ ଜୀବନ ଯଳାଂଜଳି ଦେବାକୁ ପଛଘୁଂଚା ଦେଉ ନଥିଲେ। ଗୁରୁଶିଷ୍ୟର ସମ୍ପର୍କ ଏକ ଅତୁଟ ବନ୍ଧନ।

ଭାରତବର୍ଷରେ ଗୁରୁ ମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଆମ ଦେଶରେ ପ୍ରତିବର୍ଷ ଆଷାଢ ପୂର୍ଣ୍ଣିମାକୁ ଗୁରୁ ପୂର୍ଣ୍ଣିମା ରୂପେ ପାଳନ କରାଯାଉଛି। ତେବେ ଭାରତର ଦ୍ୱୀତିୟ ରାଷ୍ଟ୍ରପତି ତଥା ପ୍ରଥମ ଉପରାଷ୍ଟ୍ରପତି ଡକ୍ଟର ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ଜନ୍ମ ଦିବସକୁ ସାରା ଭାରତରେ ଗୁରୁ ଦିବସ ରୂ ।ଳନ କରାଯାଏ। ଯେତେବେଳେ ସଭ୍ୟ ସମାଜ ଅସଭ୍ୟତା ଆଡକୁ ଗତିକରେ, ସେତେବେଳେ ଏହି ବିଦରୁ ସମାଜକୁ ଉଦ୍ଧାର କରିବା ପାଇଁ ଅନେକ ସିଦ୍ଧ ପୁରୁଷ ଜନ୍ମ ଗ୍ରହଣ କରନ୍ତି, ତାଙ୍କ ମଧ୍ୟରୁ ଜଣେ ଥିଲେ ସଦଗୁରୁ ରାଧାକ୍ରିଷ୍ଣନ। ୧୮୮ ମସିହା ସେପ୍ଟେମ୍ବର ମାସ ୫ ତାରିଖରେ ମାନ୍ଦ୍ରାଜର ତିରୁତାଣୀ ଗ୍ରାମରେ ସେ ଜନ୍ମ ଗ୍ରହଣ କରିଥିଲେ। ଛାତ୍ର ମାନଙ୍କ ସହ ସେ ଆତ୍ମୀୟ ଭାବରେ ମିଶୁଥିଲେ। ବିଶ୍ୱର ସର୍ବଶ୍ରେଷ୍ଠ ଦାର୍ଶନିକ ରାଧାକ୍ରିଷ୍ଣନ୍ ଛାତ୍ରଛାତ୍ରୀଙ୍କ ପାଇଁ ଓ ସମସ୍ତ ଗୁରୁଙ୍କ ପାଇଁ ପ୍ରେରଣା ଥିଲେ। ସେ ଥିଲେ ଗୁରୁଣାଂ ଗୁରୁ । ସମସ୍ତଙ୍କ ଆଦର୍ଶ ଭାବରେ ସେ ପରିଗଣିତ ହୋଇଥିଲେ।

ତେବେ ଆଜିର ସମାଜରେ ରାଧାକ୍ରିଷ୍ଣନଙ୍କ ଭଳି ଗୁରୁ ଆଉ ଦେଖିବାକୁ ମିଳୁ ନାହାନ୍ତି। ସମୟର ସ୍ରୋତରେ ଏହି ଅତୁଟ ବନ୍ଧନ ଆଉ ଦେଖିବାକୁ ମିଳୁନାହିଁ। ସତରେ ଯେମିତି କାହାର ନଜର ଲାଗିଯାଇଛି। ସେହି ଅମୃତ ବନ୍ଧନ ରେ ଫାଟ ସୃଷ୍ଟି ହେବାକୁ ଲାଗିଲାଣି। ତେବେ ସେହି ଫାଟ ବିଳୟ ହେବା ଆଗରୁ ସଜାଗ ହେବାକୁ ସମୟ ଆସିଲାଣି। ସେଥିପାଇଁ ଦାୟୀ ଆମେ ସମସ୍ତେ। ଆଧୁନିକତାର ବାସ୍ନା ଆମକୁ କଳୁଷିତ କରିବାକୁ ବସିଛି। ଆଗ କାଳରେ ପିଲାମାନେ ଏକାଠି ରହି ଗୁରୁ ଆଶ୍ରମରେ ଅଧ୍ୟୟନ କରୁଥିଲେ। ପିଲାଙ୍କ ମଧ୍ୟରେ ଭେଦଭାବ ନଥିଲା , ସମସ୍ତେ ଗୁରୁ ଆଶ୍ରମରେ ଏକାଠି ରହୁଥିଲେ। ଉଚ୍ଚ-ନୀଚ, ଧନୀ-ଗରିବ ଆଦି ଦେଖାଯାଉ ନଥିଲା। ମାତ୍ର କାଳକ୍ରମେ ଭାରତ ବର୍ଷରେ ଏହି ସବୁ ସମସ୍ୟା ଯେପରି ଘର କରି ବସିଛି। ଯାହାର ଅଧିକା ପଇସା ସେ ଭଲ ସ୍କୁଲ, କଲେଜରେ ପାଠ ପଢୁଛି, ମାତ୍ର ଯାହାର ଅଭାବ ତାକୁ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ସରକାରୀ ବିଦ୍ୟାଳୟ ଥିଲେ ମଧ୍ୟ ବେସରକାରୀ ଶିକ୍ଷାନୁଷ୍ଠାନ ପ୍ରତି ଅଭିଭାବକ ଆକୃଷ୍ଟ ହେଉଛନ୍ତି। ଏମିତିକି ସରକାରୀ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଅଧ୍ୟାପକ ମାନେ ନିଜର ପିଲାମାନଙ୍କୁ ବେସରକାରୀ ଶିକ୍ଷାନୁଷ୍ଠାନରେ ପାଠ ପଢାଉଛନ୍ତି। ପିଲାମାନଙ୍କୁ ଉପଯୁକ୍ତ ଶିକ୍ଷା ଦିଆଯାଉ ନାହିଁ। ସେଥିପାଇଁ ଶିକ୍ଷକ-ଶିକ୍ଷୟତ୍ରୀ ମାନେ ଦାୟୀ। ସେଥିପାଇଁ ସରକାରୀ କ୍ଷେତ୍ରରେ ତତ୍ପରତା ଦେଖାଇବା ଅପରିହାର୍ଯ୍ୟ। ଶିକ୍ଷାର ବ୍ୟବସାୟୀକରଣ ଆଉ ଏକ ସମସ୍ୟା । ଆଧୁନିକ ଭାରତରେ ଶିକ୍ଷା ନିଜର ମହତ୍ୱକୁ ହରାଇଛି , ଦ୍ୱାରା ଗୁରୁ , ଶିଷ୍ୟର ସମ୍ପର୍କରେ ଫାଟ ସୃଷ୍ଟି ହେଉଛି। କୋଚିଂ ସେଂଟର ନାମରେ ଶିକ୍ଷକ ମାନେ ପିଲାଙ୍କଠୁ ଅଧିକ ପଇସା ନେଉଛନ୍ତି। ଏପରିକି ଅନେକ ସ୍ଥାନରେ ଦେଖାଯାଉଛି ଇସା ନଦେଲେ ଅଧ୍ୟାପକ ମାନେ ପିଲାମାନଙ୍କୁ ଠିକରେ ପାଠ ପଢାଉ ନାହାନ୍ତି। ।ହା ଏକ ଉତ୍କଟ ସମସ୍ୟା। ପରୀକ୍ଷାରେ ପାସ କରାଇବା ପାଇଁ ପିଲାଙ୍କ ଠାରୁ ଲାଂଚ ନେଉଛନ୍ତି। ଏପରି ଅନେକ ସମସ୍ୟା ଦେଖାଯାଉଛି। ଏଭଳି ପରିସ୍ଥିତି ମଧ୍ୟ ଉପୁଜିଲାଣି ଉଭୟ ଶିକ୍ଷକ ଓ ଛାତ୍ର ମିଶି ବିଭନ୍ନ ଅପରାଧ ମାନେ ମଧ୍ୟ କରୁଛନ୍ତି। କେତେକାଂଶରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ଗୁରୁ ମାନେ ଅଦସ୍ତର ଶିକାର ହେଉଛନ୍ତି। ଯାହାକି ଏକ ଜଟିଳ ସମସ୍ୟା ହୋଇ ଠିଆ ହୋଇଛି। ଗୁରୁ ଓ ଶିଷ୍ୟ ମଧ୍ୟରେ ସମନ୍ୱୟର ଅଭାବ କ୍ରମଶଃ ଶିକ୍ଷାର ଅଧପତନଃ ଆଡକୁ ଗତି କରୁଛି। ତେବେ ପ୍ରଶ୍ନ ଉଠୁଛି ଏଥିପାଇଁ ଦାୟୀ କିଏ? ଆମ ଶିକ୍ଷା ବ୍ୟବସ୍ଥା ନା ଉଭୟ ଗୁରୁଶିଷ୍ୟ। ତେବେ ଗୁରୁ, ଶିଷ୍ୟ ମଧ୍ୟରେ ଉତମ ସମ୍ପର୍କ ଏହି ଅବ୍ୟବସ୍ଥାକୁ ଦୂରିଭୁତ କରିପାରିବ। ଗୁରୁ ଓ ଶିଷ୍ୟ ପରସ୍ପର ପରିପୂରକ ହେବାର ଆବଶ୍ୟକତା ରହିଛି। ଶିକ୍ଷକ ମାନଙ୍କୁ ମଧ୍ୟ ଏଥିପ୍ରତି ଦୃଷ୍ଟି ଦେବାର ଆବଶ୍ୟକତା ରହିଛି, କାରଣ ପିଲାଟି ଯଦି ସତ୍‌ଶିକ୍ଷା ପାଇବ ସେ ମଧ୍ୟ ଭବିଶ୍ୟତ ବଂଶଧାର ପାଇଁ ଆଦର୍ଶ ହୋଇପାରିବ। ଆମ ସମାଜରେ ଆଜିବି ଅନେକ ମହାନ ଗୁରୁ ଅଛନ୍ତି। ତେବେ ରାଧାକ୍ରିଷ୍ଣନଙ୍କ ପରି ଗୁରୁଙ୍କ ଭୂମିକା ଆମ ପାଇଁ ଅପରିହାର୍ଯ୍ୟ।

ଭାଗବତରେ ଅତିବଡୀ ଜଗନ୍ନାଥ ଦାସ ଲେଖିଛନ୍ତି-
ମନ ତୋହର ନିଜ ଗୁରୁ ,
ଉଦ୍ଧବ କେତେତୁ ପଚାରୁ।

ଅର୍ଥାତ ମନ ଆମ ସମସ୍ତଙ୍କ ନିଜ ଗୁରୁ, କାରଣ ଆମ ମନ , ଆମ ଚେତନା ହିଁ ଆମକୁ ସତ୍ ମାର୍ଗ ଦେଖାଏ। ମନୁଷ୍ୟକୁ ଭଲମନ୍ଦ, ଲାଭକ୍ଷତିର ବିଚାର ହେଇ ମନ ଠାରୁ ହିଁ ମିଳିଥାଏ। ତାମାତା ଶିଶୁଟିର ପ୍ରଥମ ଗୁରୁ, ଶିଶୁର ଚରିତ୍ରକୁ ସୂଚାର ରୂପେ ଗଢି ତୋଳିବାରେ ସେମାନେ ପ୍ରମୁଖ ଭୂମିକା ଗ୍ରହଣ କରିଥାନ୍ତି। ଭାରତୀୟ ସଂସ୍କୃତି ଗୁରୁବାଦର ପ୍ରତୀକ। ସତ୍ୟ ଓ ନିଷ୍ଠା ଗୁରୁ ଶିଷ୍ୟର ସମ୍ପର୍କରେ ଶୁଦ୍ଧତା ବଜାୟ ରଖିବାରେ ପ୍ରମୁଖ ଭୂମିକା ଗ୍ରହଣ କରେ।

ଗୁରୁ ଇଶ୍ୱରଙ୍କ ସମକକ୍ଷ। ଗୁରୁ ଚିର କାଳ ନମସ୍ୟ। ଆମ ଶାସ୍ତ୍ର ସର୍ବଦା ଗୁରୁଙ୍କୁ ପୂଜା କରି ଆସିଛି। ଶିକ୍ଷାର ମୂଳରେ ଗୁରୁଙ୍କ ଅବଦାନ ଯଥେଷ୍ଟ ରହିଥାଏ। ଦୈନନ୍ଦିନ ଜୀବନରେ ଗୁରୁଙ୍କ ଆଦର୍ଶ ଆମପାଇଁ ନିହାତି ଆବଶ୍ୟକ। ତେବେ ସମୀକ୍ଷାର ସମୟ ଆସିଛି। ଆମକୁ ଗୁରୁଶିଷ୍ୟ ପରମ୍ପରାକୁ ଉଜ୍ଜୀବିତ କରିବାକୁ ପଡିବ। ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାର ଯୁଗରେ ଆମ ପରମ୍ପରାକୁ ଶ୍ରେଷ୍ଠତ୍ୱରେ ପହଁଚାଇବାକୁ ପଡିବ। ଏହି ବନ୍ଧନକୁ ଅତୁଟ ରଖିବାକୁ ପଡିବ। ଆମ ବିଦଗାମୀ ସମାଜକୁ ସଦ୍‌ଗୁରୁର ଆବଶ୍ୟକତା ରହିଛି। ଆମକୁ ମାର୍ଜିତ ହେବାକୁ ପଡିବ। ଗୁରୁ-ଶିଷ୍ୟର ପରମ୍ପରାକୁ ଆହୁରି ସୁଦୃଢ଼ କରିବାକୁ ପଡିବ। ଆମ ଦେଶର କଲ୍ୟାଣ ପାଇଁ , ଦେଶକୁ ବିଶ୍ୱ ଦରବାରରେ ସଦୃଢ଼ ଭାବରେ ଆମକୁ ପରିଚିତ କରିବାକୁ ପଡିବ। ତେବେ ସେଥିପାଇଁ ରାଧାକ୍ରିଷ୍ଣନଙ୍କ ଭଳି ଗୁରୁର ଆବଶ୍ୟକତା ରହିଛି।

**ମୋବାଇଲ୍: ୬୩୭୧୯୮୨୮୦୬**

## ବ୍ରୁନେଇ ଗସ୍ତ ପରେ ସିଙ୍ଗାପୁରରେ ମୋଦି

ସିଙ୍ଗାପୁର, ୪।୯: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବ୍ରୁନେଇ ଗସ୍ତ ସାରି ସିଙ୍ଗାପୁରରେ ଆସି ପହଞ୍ଚିଛନ୍ତି। ଏହି ଅବସରରେ ସିଙ୍ଗାପୁରସ୍ଥିତ ପ୍ରବାସୀ ଭାରତୀୟଙ୍କ ପକ୍ଷରୁ ମୋଦିଙ୍କୁ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଗସ୍ତ ଅବସରରେ ପ୍ରଧାନମନ୍ତ୍ରୀ ମୋଦି ସିଙ୍ଗାପୁର ପ୍ରଧାନମନ୍ତ୍ରୀଙ୍କୁ ଭେଟି ବିଭିନ୍ନ ଦ୍ୱିପାକ୍ଷିକ ପ୍ରସଙ୍ଗ ନେଇ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି। ସିଙ୍ଗାପୁର ଭାରତ ଏକ ପ୍ରମୁଖ ବାଣିଜ୍ୟିକ ସହଯୋଗୀ ରାଷ୍ଟ୍ର। ଉଭୟ ଦେଶ ମଧ୍ୟରେ ଆର୍ଥିକ ଏବଂ ବାଣିଜ୍ୟ ସହଯୋଗ ବୃଦ୍ଧି ଲାଗି ଏକାଧିକ ଚୁକ୍ତି ସ୍ୱାକ୍ଷରିତ ହେବାର କାର୍ଯ୍ୟକ୍ରମ ରହିଛି। ବ୍ରୁନେଇ ସହ ମଧ୍ୟ ମୋଦିଙ୍କ ଗସ୍ତ ବେଳେ ଅନେକ ଦ୍ୱିପାକ୍ଷିକ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ପ୍ରଧାନମନ୍ତ୍ରୀ ମୋଦି ବ୍ରୁନେଇ ସୁଲତାନଙ୍କୁ ଭେଟି ଭାରତ ଓ ବ୍ରୁନେଇ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କ ବୃଦ୍ଧି ନେଇ ନୂଆଦିଲ୍ଲୀ ଆଗ୍ରହୀ ବୋଲି କହିଛନ୍ତି।

## ମେଲୋଡ଼ିବେଳେ ଭୁଶୁଡ଼ି ପଡ଼ିଲା ଛାତ

ପାଟନା, ୪।୯: ବିହାରର ଏକ ଛାତ ଭୁଶୁଡ଼ି ଏକାଧିକ ଲୋକ ଆହତ ହୋଇଛନ୍ତି। ଶହ ଶହ ଲୋକ ଏକ ଟିଣ ଛାତ ଉପରେ ବଶି ମେଲୋଡ଼ି ଦେଖିବା ସମୟରେ ଏହି ଅଘଟଣ ଘଟିଛି। ଫଳରେ ଏକାଧିକ ଲୋକ ଆହତ ହୋଇଛନ୍ତି। ସୂଚନା ଅନୁସାରେ, ବିହାର ଛପରରେ ଚାଲିଥିବା ମହାବୀର ମେଳା ସମୟରେ ଏହି ଦୁର୍ଘଟଣା ଘଟିଛି। ମେଳାରେ ମେଲୋଡି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଗତକାଲି ରାତିରେ ହଜାର ହଜାର ଦର୍ଶକ ମେଲୋଡି ଦେଖିବାକୁ ଉପସ୍ଥିତ ହୋଇଥିଲେ। ମେଲୋଡ଼ିକୁ ଏତେ ଲୋକ ଆସିଥିଲେ ଯେ, ଲୋକଙ୍କୁ ଛିଡ଼ା ହେବାକୁ ବି ଜାଗା ମିଳିନଥିଲା। ଫଳରେ ଶହ ଶହ ଲୋକ ଏକ ଟିଣ ଛାତ ଉପରେ ବଶି ମେଲୋଡିର ମଜା ନେଉଥିଲେ। ଏପରିକି କିଛି ମଧ୍ୟ ଗଛରେ ଚଢ଼ି ମେଲୋଡି ଦେଖୁଥିଲେ। ଏହି ସମୟରେ ହଠାତ୍ ଟିଣ ଛାତଟି ଭୁଶୁଡ଼ି ତଳେ ଥିବା ଲୋକଙ୍କ ଉପରେ ପଡ଼ିଥିଲା। ଏଥିସହ ଛାତ ଉପରେ ବଶିଥିବା ଲୋକେ ମଧ୍ୟ କଚାଡ଼ି ହୋଇ ତଳେ ପଡ଼ିଥିଲେ। ଏଥିରେ ଅନେକ ଲୋକ ଆହତ ହୋଇଛନ୍ତି। ସମସ୍ତଙ୍କୁ ଉଦ୍ଧାର କରାଯାଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। 10 ଜଣଙ୍କ ଅବସ୍ଥା ଗୁରୁତର ରହିଛି। ଛାତ ଭୁଶୁଡ଼ି ପଡିବା ସମୟର ଦୃଶ୍ୟ ସୋଶାଲ ମିଡିଆରେ ଭାଇରାଲ୍ ହେଉଛି।

## ରେଷ୍ଟୁରାଣ୍ଟରେ ବୁଲିଲା ଖଣ୍ଡା

ପାଟନା, ୪।୯: ରେଷ୍ଟୁରାଣ୍ଟରେ ଖୁଲମଖୁଲା ବୁଲିଲା ଖଣ୍ଡା । ଜୀବନ ବିକଳରେ ଲୁଚିଲେ ଲୋକେ । ଏପରି ଏକ ଘଟଣା ମହାରାଷ୍ଟ୍ରର ନାଗପୁରରେ ଘଟିଛି। କିଛି ଯୁବକ ହାତରେ ଖଣ୍ଡା ଧରି ଅଚାନକ ଭାବେ ଏକ ରେଷ୍ଟୁରାଣ୍ଟରେ ପଶି ଯାଇଥିଲେ। ଏହାପରେ ସେମାନେ ରେଷ୍ଟୁରାଣ୍ଟର ଜଣେ କର୍ମଚାରୀଙ୍କ ଉପରେ ଆକ୍ରମଣ କରି ତାଙ୍କୁ ଲହୁଲୁହାଣ କରିବା ସହ ଗ୍ରାହକଙ୍କୁ ବି ମାରପିଟ କରିଥିଲେ। ଗତକାଲି ହଠାତ୍ କିଛି ଯୁବକ ହାତରେ ଖଣ୍ଡା ଧରି ଏକ ରେଷ୍ଟୁରାଣ୍ଟରେ ପଶିଥିଲେ। ଏହାଦେଖି ରେଷ୍ଟୁରାଣ୍ଟର କର୍ମଚାରୀ ଓ ଗ୍ରାହକ ଜୀବନ ବିକଳରେ ଲୁଚି ଯାଇଥିଲେ। ମାତ୍ର ସେମାନଙ୍କ ମଧ୍ୟରୁ ଦୁର୍ବୃତ୍ତମାନେ ବହୁ ଜଣଙ୍କୁ ଆକ୍ରମଣ କରିଥିବା ଜଣାଯାଇଛି। ଏହାପରେ ଦୁର୍ବୃତ୍ତମାନେ ଖଣ୍ଡା ବୁଲାଇ ବହୁ ଆସବାବପତ୍ରକୁ ଭଙ୍ଗାରୁଜା କରିଥିଲେ। କିଛି ସମୟ ପରେ ସେମାନେ ବାହାରକୁ ଆସି ପାର୍କିଂରେ ଥିବା ଗାଡ଼ିକୁ ଭଙ୍ଗାରୁଜା କରିଥିଲେ। ଏହାପରେ ସ୍ଥିତିକୁ ଆୟତ୍ତକୁ ଆଣିବାକୁ ରେଷ୍ଟୁରାଣ୍ଟ ମାଲିକ ଦୁର୍ବୃତ୍ତଙ୍କୁ ମଦ ଓ ଟଙ୍କା ଦେଇଥିବା ସିସିଟିଭିରେ ଦେଖିବାକୁ ମିଳିଛି। ଫଳରେ ଘଟଣାସ୍ଥଳରୁ ସବୁ ଦୁର୍ବୃତ୍ତ ଆଖି ପିଛୁଳାକେ ଚାଲି ଯାଇଥିଲେ। ଖବର ପାଇ ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ସିସିଟିଭି ଫୁଟେଜ ଆଧାରରେ ଯାଞ୍ଚ ଆରମ୍ଭ କରିଛି। ଏଥିସହ ଅଭିଯୁକ୍ତଙ୍କୁ ଖୋଜିବାକୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଛି।

## ମହିଳା ଡିଏସ୍‌ପିଙ୍କୁ ମାଡ଼ ମାରି ଜଣେ ଗିରଫ

ଚେନ୍ନାଇ, ୪।୯: ମଝି ରାସ୍ତାରେ ମହିଳା ଡିଏସ୍‌ପିଙ୍କୁ ମାର୍‌ପିଟ୍। ଚାରିଆଡୁ ତାଙ୍କୁ ଘେରିଗଲେ ଲୋକେ। ତାଙ୍କୁ ମାଡ଼ ମାରିବା ସହ ଚୁଟି ଧରି ଘୋଷାଡ଼ି ନେଲେ। ଅନ୍ୟ ପୁଲିସ କର୍ମଚାରୀମାନେ ସେଠାରେ ଉପସ୍ଥିତ ଥିଲେ ମଧ୍ୟ କେହି ତାଙ୍କୁ ରକ୍ଷା କରିପାରିଲେ ନାହିଁ। ସେମାନେ ମଧ୍ୟ ଆକ୍ରମଣର ଶିକାର ହେଲେ। ଏଭଳି କିଛି ଦୃଶ୍ୟ ଦେଖିବାକୁ ମିଳିଛି ତାମିଲନାଡୁରେ। ଏହି ପୂରା ଘଟଣାର ଭିଡିଓ ସୋଶାଲ ମିଡିଆରେ ଭାଇରାଲ ହେଉଛି। ତାମିଲନାଡୁର ବିରୁଧୁନଗରରେ ଜଣେ ଟ୍ରକ୍ ଡ୍ରାଇଭରଙ୍କୁ ହତ୍ୟା କରାଯାଇଥିବା ନେଇ ତାଙ୍କ ପରିବାର ଲୋକେ ଓ ଗାଁ ଲୋକେ ରାସ୍ତା ଅବରୋଧ କରିବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଅଭିଯୁକ୍ତଙ୍କୁ କଠୋର ଦଣ୍ଡ ଦେବାକୁ ସେମାନେ ଦାବି କରିଥିଲେ। ରାସ୍ତା ଅବରୋଧ ଯୋଗୁ ଯାତାୟତ ଠପ୍ ହୋଇଥିଲା। ଏହାପରେ ଅରୁପକୁଟ୍ଟାଇ ଡେପୁଟି ପୁଲିସ ଅଧୀକ୍ଷକ ଗାୟତ୍ରି ନିଜର ଅନ୍ୟ ପୁଲିସକର୍ମୀଙ୍କ ସହ ଘଟଣାସ୍ଥଳରେ ପହଞ୍ଚିଥିଲେ। ବିକ୍ଷୋଭକାରୀଙ୍କୁ ସେ ବୁଝାସୁଝା କରିବାକୁ ଯାଇଥିଲେ। ଏତିକି ବେଳେ ବିକ୍ଷୋଭାକରୀମାନେ ତାଙ୍କୁ ଘେରି ଯାଇ ତାଙ୍କ ଉପରେ ଆକ୍ରମଣ କରିଥିଲେ। ତାଙ୍କୁ ମାଡ଼ ମାରିବା ସହ ତାଙ୍କ ଚୁଟି ଧରି ଘୋଷାଡ଼ି ନେଇଥିଲେ। ସାଙ୍ଗରେ ଥିବା ଅନ୍ୟ ପୁଲିସ କର୍ମଚାରୀଙ୍କୁ ମଧ୍ୟ ଲୋକେ ମାଡ଼ ମାରିଥିଲେ। ଏହି ପୂରା ଘଟଣାର ଭିଡିଓ ମଧ୍ୟ ସାମ୍ନାକୁ ଆସିଛି, ଯାହା ଭାଇରାଲ ହେବାରେ ଲାଗିଛି। ଏହି ଘଟଣାରେ ପୁଲିସ ବାଲାମୁରୁଗନ ନାମକ ଜଣେ ବ୍ୟକ୍ତିଙ୍କୁ ଗିରଫ କରିଛି। ମାମଲାର ତଦନ୍ତ ଜାରି ରଖିଛି। ସେପଟେ ଏହି ଘଟଣାକୁ ନେଇ ତାମିଲନାଡୁର ବିରୋଧୀ ନେତା ପଲାନିସ୍ୱାମୀ ନିନ୍ଦା କରିଛନ୍ତି। ଡିଏମକେ ସରକାର ପୁଲିସକର୍ମୀଙ୍କ ପାଇଁ ଏକ ଅସୁରକ୍ଷିତ ପରିବେଶ ସୃଷ୍ଟି କରିଛନ୍ତି। ଯେଉଁମାନେ ଲେଡି ଡିଏସପି ଗାୟତ୍ରୀଙ୍କୁ ଆକ୍ରମଣ କରିଥିଲେ ସେମାନଙ୍କ ବିରୋଧରେ ଉପଯୁକ୍ତ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ।

### ଏମଭିଏ ରାଜନୀତି

# ଆଗୁଆ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଘୋଷଣା ହେବନି



ମୁମ୍ବାଇ, ୪।୯: ମହାରାଷ୍ଟ୍ରରେ ବିଧାନସଭା ନିର୍ବାଚନ ପୂର୍ବରୁ ମହାବିକାଶ ଅଗାଢ଼ି (ଏମଭିଏ)ର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଘୋଷଣାର ଆବଶ୍ୟକତା ନାହିଁ ବୋଲି କହିଛନ୍ତି ଏନସିପି ନେତା ଶରଦ ପାୱାର। ଏମଭିଏରେ ଶରଦ ପାୱାରଙ୍କ ନେତୃତ୍ୱାଧିନ ଏନସିପି ଏକ ପ୍ରମୁଖ ଅଂଶୀଦାର ଦଳ। ମେଣ୍ଟର ସେ ହେଉଛନ୍ତି ବରିଷ୍ଠତମ ନେତା।

କୋହ୍ଲାପୁରଠାରେ ଗଣମାଧ୍ୟମ ସହ ଆଲୋଚନା ବେଳେ ଶରଦ କହିଛନ୍ତି ଯେ, ଆଗାମୀ ବିଧାନସଭା ନିର୍ବାଚନରେ ଏମଭିଏର ତିନି ଅଂଶୀଦାର ଦଳ କଂଗ୍ରେସ, ଏନସିପି(ଶରଦ ଗୋଷ୍ଠୀ) ଏବଂ ଶିବସେନା (ଉଦ୍ଧବ) ମିଳିତ ଭାବେ ଲଢ଼ିବେ। ତିନିଦଳ ମଧ୍ୟରେ ଆସନ ବୁଝାମଣା ନେଇ କୌଣସି ସମସ୍ୟା ନାହିଁ। ଶୀଘ୍ର ଏହା ଚୁଡ଼ାନ୍ତ ହେବ। ନିର୍ବାଚନ ପରେ ମେଣ୍ଟର ନିର୍ବାଚିତ ବିଧାୟକମାନଙ୍କ ବୈଠକ ବସି ନେତା ନିର୍ବାଚନ କରାଯିବ। ମେଣ୍ଟର ଅଂଶୀଦାର ତିନିଦଳ ମଧ୍ୟରୁ ଯେଉଁ ଦଳ ସର୍ବାଧିକ ଆସନ ପାଇବ ସେହି ଦଳରୁ ମୁଖ୍ୟମନ୍ତ୍ରୀ ହେବେ ବୋଲି ସେ କହିଛନ୍ତି। ଆସନ ବଣ୍ଟନ ନେଇ ଆସନ୍ତା ସେପ୍ଟେମ୍ବର ୭ରୁ ବୈଠକ ବସିବ ବୋଲି ସେ କହିଛନ୍ତି।

ସେ କହିଛନ୍ତି ଯେ, ଏମଭିଏର ତିନି ଦଳ ବ୍ୟତିତ ପିଡବ୍ଲ୍ୟୁପି, ସିପିଏମ ଓ ସିପିଆଇ ସହ ମଧ୍ୟ ଆସନ ବୁଝାମଣା ହେବା କଥା। ଏହା ଦ୍ୱାରା ଏମଭିଏ ଅଧିକ ମଜବୁତ ଏବଂ ସମ୍ପ୍ରସାରିତ ହେବ। ବିଜେପିର ମୁକାବିଲା ଲାଗି ସବୁ ସମଭାବାପନ୍ନ ଦଳ ଏକାଠି ହେବା ଉଚିତ ବୋଲି ସେ କହିଛନ୍ତି। ଏହିସବୁ ଦଳର କିଛି ନିର୍ବାଚନ ମଣ୍ଡଳୀରେ ସଙ୍ଗଠନ ଓ ପ୍ରଭାବ ରହିଛି। ଗତ ଲୋକସଭା ନିର୍ବାଚନରେ ସେମାନେ ଏମଭିଏକୁ ସମର୍ଥନ ଦେଇଥିଲେ। ବିଧାନସଭା ନିର୍ବାଚନରେ ସେ ଏମଭିଏ ପ୍ରାର୍ଥୀଙ୍କ ପାଇଁ ସାରା ରାଜ୍ୟ ବୁଲି ବୁଲି ପ୍ରଚାର କରିବେ ବୋଲି କହିଛନ୍ତି।

କିଛି ଦିନ ତଳେ ଏମଭିଏର ବରିଷ୍ଠ ନେତା ଉଦ୍ଧବ ଠାକରେ କହିଥିଲେ ଯେ, ଏମଭିଏର ଯେଉଁ ଅଂଶୀଦାର ଦଳକୁ ଅଧିକ ଆସନ ମିଳିବ ସେହି ଦଳର ନେତା ମୁଖ୍ୟମନ୍ତ୍ରୀ ହେବେ ବୋଲି ବିଚାର କରିବା ଭୁଲ। ଅତୀତରେ ବିଜେପି ସହ ତାଙ୍କ ଦଳର ଏଭଳି ଭୁଲ ବୁଝାମଣା ହୋଇଥିଲା। ଯେଉଁ ଦଳ ଅଧିକ ଆସନ ଲଢ଼ିବ ସେହି ଦଳ ସ୍ୱାଭାବିକ ଭାବେ ଅଧିକ ଆସନ ପାଇବ। ତେଣୁ ଅଧିକ ଆସନ ଜିତିବା ଦଳରୁ ମୁଖ୍ୟମନ୍ତ୍ରୀ ହେବେ ଏଭଳି ବିଚାର ଠିକ ନୁହେଁ ବୋଲି ଉଦ୍ଧବ କହିଥିଲେ। ଏହା ଉପରେ କଂଗ୍ରେସ ବା ଏନସିପି କିଛି ପ୍ରତିକ୍ରିୟା ପ୍ରକାଶ କରିନାହାଁନ୍ତି।

### ବନ୍ୟା ନିୟନ୍ତ୍ରଣରେ ବିଫଳତା

## ଉତ୍ତର କୋରିଆରେ ୩୦ଜଣଙ୍କୁ ଫାଶୀ



ସିଓଲ, ୪।୯: ଉତ୍ତର କୋରିଆରେ ବର୍ଷା ଓ ବନ୍ୟା ଜନିତ ବିପର୍ଯ୍ୟୟର ମୁକାବିଲାରେ ବିଫଳତା ପାଇଁ ୩୦ ଜଣ ଅଫିସରଙ୍କୁ ଫାଶୀ ଦଣ୍ଡାଦେଶ ଦେଇଛନ୍ତି ଦେଶର ଏକଛତ୍ରବାଦୀ ଶାସକ କିମ ଜଙ୍ଗ ଉନ। ଗତ ଜୁଲାଇ ମାସରେ ପ୍ରବଳ ବର୍ଷା ଏବଂ ବନ୍ୟା ସହ ଭୂସ୍ଖଳନରେ ଦେଶରେ ପ୍ରାୟ ୧୦୦୦ ଲୋକଙ୍କ ପ୍ରାଣହାନୀ ହୋଇଥିଲା। ୧୫ହଜାର ଲୋକ ବିସ୍ଥାପିତ ହେବା ସହ ଦେଶର ଭିତ୍ତିଭୂମି ଏହା ଦ୍ୱାରା ବ୍ୟାପକ ଭାବେ ନଷ୍ଟ ହୋଇଛି। ଏଥିପାଇଁ କିମ ଦାୟିତ୍ୱରେ ଥିବା ଅଫିସରଙ୍କୁ ଦଣ୍ଡିତ କରିବା ନିମନ୍ତେ ନିଷ୍ପତ୍ତି ନେଇଥିବା ଦକ୍ଷିଣ କୋରିଆ ଗଣମାଧ୍ୟମ ସୂତ୍ରରୁ ପ୍ରକାଶ। ନିଜ ଦାୟିତ୍ୱ ନିର୍ବାହରେ ଏମାନେ ବିଫଳ ହୋଇଥିବାରୁ ଏତେ ସଂଖ୍ୟକ ଲୋକଙ୍କ ଜୀବନ ହାନୀ ସହ ଦେଶର ବ୍ୟାପକ ସମ୍ପତ୍ତି ନଷ୍ଟ ହୋଇଛି ବୋଲି କିମ କହିଛନ୍ତି। ଏଭଳି ଦଣ୍ଡାଦେଶ ନେଇ ବିଦେଶରେ ଅନେକ ମାନବାଧିକାର ସଙ୍ଗଠନ ସ୍ୱର ଉଠାଇଛନ୍ତି। କେଉଁମାନେ ଫାଶୀ ପାଇବେ ସେମାନଙ୍କ ନାମ ଗୋପନ ରଖାଯାଇଛି। ଉତ୍ତରକୋରିଆରେ ପ୍ରତିବର୍ଷ ସାମାନ୍ୟ ଭୁଲ ପାଇଁ ଏପରି ଶହ ଶହ ଲୋକଙ୍କୁ ମୃତ୍ୟୁ ଦଣ୍ଡରେ ଦଣ୍ଡିତ କରାଯାଉଛି।




## ‘ଏମର୍ଜେନ୍ସି’କୁ ତୁରନ୍ତ ସାର୍ଟିଫିକେଟ୍ ଦେବାକୁ ସିବିଏଫ୍‌ସିକୁ ମନା କଲେ କୋର୍ଟ

ମୁମ୍ବାଇ, ୪।୯: ବମ୍ବେ ହାଇକୋର୍ଟ ବୁଧବାର ଦିନ ଅଭିନେତ୍ରୀ କଙ୍ଗନା ରାଣାଓ୍ୱତଙ୍କ ଅଭିନୀତ ଚଳଚ୍ଚିତ୍ର ‘ଏମର୍ଜେନ୍ସି’କୁ ତୁରନ୍ତ ସାର୍ଟିଫିକେଟ୍ ଦେବାକୁ କେନ୍ଦ୍ରୀୟ ବୋର୍ଡ ଅଫ୍ ଫିଲ୍ମ ସାର୍ଟିଫିକେସନ୍ (ସିବିଏଫସି)କୁ ମନା କରିଦେଇଛନ୍ତି। ଏହାସହିତ ଅଦାଲତ ସେପ୍ଟେମ୍ବର ୧୮ ତାରିଖ ସୁଦ୍ଧା ସିନେମାକୁ ନେଇ ହୋଇଥିବା ଆପତ୍ତି ଉପରେ ନିଷ୍ପତ୍ତି ନେବାକୁ ସଂସ୍ଥାକୁ କହିଛନ୍ତି। ‘ଏମର୍ଜେନ୍ସି’ ଚଳଚ୍ଚିତ୍ରର ସହ-ନିର୍ମାତା ଜି ଷ୍ଟୁଡିଓ ଦ୍ୱାରା ଦାଖଲ ହୋଇଥିବା ଏକ ଆବେଦନ ଉପରେ ଦୁଇ ବିଚାରପତିଙ୍କୁ ନେଇ ଗଠିତ ଏକ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରିଥିଲେ। ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ଜୀବନ କାହାଣୀ ଉପରେ ଆଧାରିତ ଏହି ଫିଲ୍ମ ‘ଏମର୍ଜେନ୍ସି’ର ଲେଖକ, ପ୍ରଯୋଜକ ଓ ନିର୍ଦ୍ଦେଶକ ନିଜେ କଙ୍ଗନା। ଏହି ସିନେମାଟି ସେପ୍ଟେମ୍ବର ୬ ତାରିଖରେ ରିଲିଜ୍ ହେବାକୁ ଥିଲା। ମାତ୍ର ଶିଖ ସଂଗଠନଗୁଡ଼ିକ ଫିଲ୍ମରେ ଶିଖଙ୍କ ଚିତ୍ରଣ ଏବଂ ଐତିହାସିକ ତଥ୍ୟର ସଠିକତାକୁ ନେଇ ଚିନ୍ତା ପ୍ରକଟ କରିବା ପରେ ଏହାକୁ ସ୍ଥଗିତ ରଖାଯାଇଥିଲା।

### ହରିୟାନାରେ କଂଗ୍ରେସ ସହ ମେଣ୍ଟ ଆଲୋଚନା

## ଦିଲ୍ଲୀ ଓ ପଞ୍ଜାବ ସୀମାବର୍ତ୍ତୀ ଆସନରେ ଲଢ଼ିବାକୁ ଆପ ଆଗ୍ରହୀ

ଚଣ୍ଡିଗଡ଼, ୪।୯: ହରିୟାନା ବିଧାନସଭା ନିର୍ବାଚନରେ କଂଗ୍ରେସ ଓ ଆପ ମଧ୍ୟରେ ଆସନ ବୁଝାମଣା ନେଇ ଆଲୋଚନା ଆରମ୍ଭ ହୋଇଛି। ପୂର୍ବରୁ ଉଭୟ ଦଳ ଏକାକି ଲଢ଼ିବାକୁ ଘୋଷଣା କରିଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ଦୁଇ ଦଳ ବାସ୍ତବତାକୁ ହୃଦୟଙ୍ଗମ କରି ପରସ୍ପର ସହ ଆସନ ବୁଝାମଣା କରିବାକୁ ଆଗ୍ରହ ପ୍ରକାଶ କରିଛନ୍ତି। ଦିଲ୍ଲୀ ଓ ପଞ୍ଜାବରେ କ୍ଷମତାସୀନ ଥିବା ଆମ ଆଦମୀ ପାର୍ଟୀ ଏହି ଦୁଇ ରାଜ୍ୟର ସୀମାକୁ ଲାଗିଥିବା ହରିୟାନାର ବିଭିନ୍ନ ବିଧାନସଭା ଆସନରେ ପ୍ରାର୍ଥୀ ଦେବାକୁ ଆଗ୍ରହୀ ଅଛନ୍ତି। ଏହିସବୁ ଆସନରେ ଦିଲ୍ଲୀ ଏବଂ ପଞ୍ଜାବର ରାଜନୈତିକ ହାୱା ପ୍ରଭାବ ରହିଛି। ପ୍ରାୟ ୯ଟି ଆସନରେ ଲଢ଼ିବାକୁ ଆପ ଆଗ୍ରହୀ ଥିବା ବେଳେ କଂଗ୍ରେସ କିନ୍ତୁ ଆପକୁ ଅତି ବେଶୀରେ ୫ଟି ଆସନ ଛାଡ଼ିବା ଲାଗି ପ୍ରସ୍ତୁତ ବୋଲି କହିଛି। ଅଧିକ ଆସନ ଆପକୁ ଛାଡ଼ିବା ସମ୍ଭବ ନୁହେଁ ବୋଲି ଦଳ ପକ୍ଷରୁ କୁହାଯାଇଛି। ହରିୟାନରେ କଂଗ୍ରେସର ବରିଷ୍ଠ ନେତା, ପୂର୍ବତନ ମୁଖ୍ୟମନ୍ତ୍ରୀ ଭୂପିନ୍ଦର ସିଂହ ହୁଡ଼ା ଏ ସମ୍ପର୍କରେ ଚୁଡ଼ାନ୍ତ ନିଷ୍ପତ୍ତି ନେବେ ବୋଲି ଜଣାପଡ଼ିଛି। ଆସନ ବୁଝାମଣା ନେଇ ଆପ ସାଂସଦ ରାଘବ ଚଢ଼ା ଏବଂ କଂଗ୍ରେସ ସାଧାରଣ ସମ୍ପାଦକ କେ ସି ବେଣୁଗୋପାଳଙ୍କ ମଧ୍ୟରେ ମଙ୍ଗଳବାର ପ୍ରଥମ ପର୍ଯ୍ୟାୟ ଆଲୋଚନା ହୋଇଛି। ସପ୍ତାହକ ମଧ୍ୟରେ ସବୁ କିଛି ଚୁଡ଼ାନ୍ତ ହୋଇଯିବ ବୋଲି ବେଣୁଗୋପାଳ କହିଛନ୍ତି।

## ଫୋଗତ ଓ ପୁନିଆ କଂଗ୍ରେସ ପ୍ରାର୍ଥୀ ହେବେ




ଚଣ୍ଡିଗଡ଼, ୪।୯:ହରିୟାନା ବିଧାନସଭା ନିର୍ବାଚନରେ ରେସଲର ଭିନେଶ ଫୋଗତ ଓ ବଜରଙ୍ଗ ପୁନିଆ କଂଗ୍ରେସ ପ୍ରାର୍ଥୀ ହେବେ। ଉଭରେ କଂଗ୍ରେସ ନେତା ରାହୁଲ ଗାନ୍ଧିଙ୍କୁ ଭେଟିବା ପରେ ଉଭୟେ କଂଗ୍ରେସ ପକ୍ଷରୁ ପ୍ରାର୍ଥୀ ହେବା ଚର୍ଚ୍ଚା ଯୋର ଧରିଛି। ହରିୟାନାର ପୂର୍ବତନ ମୁଖ୍ୟମନ୍ତ୍ରୀ ଭୂପିନ୍ଦର ସିଂହ ହୁଡା କହିଛନ୍ତି ଯେ, ଯେଉଁମାନେ କଂଗ୍ରେସରେ ସାମିଲ ହେବାକୁ ଆଗ୍ରହୀ ସେମାନଙ୍କୁ ଦଳରେ ସ୍ୱାଗତ କରାଯିବ। କିନ୍ତୁ ଦଳୀୟ ଟିକେଟ ବଣ୍ଟନ ବା ପ୍ରାର୍ଥୀତ୍ୱ ଚୟନ କେନ୍ଦ୍ରୀୟ କମିଟି ନେବ ବୋଲି ସେ କହିଛନ୍ତି। କଂଗ୍ରେସ ପକ୍ଷରୁ ରାହୁଲଙ୍କ ସହ ଫୋଗତ ଓ ବଜରଙ୍ଗ ପୁନିଆଙ୍କ ଫଟୋ ସୋସିଆଲ ମିଡିଆରେ ସେୟାର କରାଯାଇଛି। ଉଭୟ ଫୋଗତ ଓ ବଜରଙ୍ଗ ପୁନିଆ କଂଗ୍ରେସ ସାଧାରଣ ସମ୍ପାଦକ କେସି ବେଣୁଗୋପାଳଙ୍କୁ ଆଜି ଭେଟିବାର କାର୍ଯ୍ୟକ୍ରମ ରହିଛି।

ଗତ ଶନିବାର କୃଷକଙ୍କ ଆନ୍ଦୋଳନର ୨୦୦ ଦିନ ପୂରଣ ହେବା ପରେ ଭିନେଶ ଫୋଗାଟ ଚାଷୀଙ୍କ ପ୍ରତି ସମର୍ଥନ ଜଣାଇଥିଲେ। ସେ ଶମ୍ଭୁ ଏବଂ ଖାନୌରୀ ସୀମାରେ ପହଞ୍ଚିଥି। ଏହି ସମୟରେ ଭିନେଶଙ୍କୁ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବେ କି ବୋଲି ପଚରାଯାଇଥିଲା ଏହାର ଉତ୍ତରରେ ରେସଲର କହିଥିଲେ ଯେ ସେ ରାଜନୀ ତି ବିଷୟରେ ଜାଣି ନାହାଁନ୍ତି, କିନ୍ତୁ ଚାଷୀଙ୍କୁ ସମ୍ପୂର୍ଣ୍ଣ ସମର୍ଥନ କରୁଛନ୍ତି।

ଅକ୍ଟୋବର ୫ରେ ହରିଆଣାରେ ୯୦ଟି ବିଧାନସଭା ଆସନ ପାଇଁ ଭୋଟ୍ ଗ୍ରହଣ କରାଯିବ। ଅକ୍ଟୋବର ୮ରେ ଭୋଟ୍ ଗଣନା ହେବ।

## ବିଜେପି ଚାହଁୁ କି ନଚାହଁୁ ଜମ୍ମୁକାଶ୍ମୀରକୁ ରାଜ୍ୟ ମାନ୍ୟତା ଦେବାକୁ ପଡିବ



ଶ୍ରୀନଗର: କଂଗ୍ରେସ ସାଂସଦ ତଥା ଲୋକସଭାରେ ବିରୋଧୀ ଦଳର ନେତା ରାହୁଲ ଗାନ୍ଧୀ ବୁଧବାର ନିର୍ବାଚନ ପ୍ରଚାର ପାଇଁ ଜମ୍ମୁକାଶ୍ମୀରରେ ପହଞ୍ଚିଛନ୍ତି। ରାହୁଲ ଏଠାରେ ଏକ ରାଲିରେ ସମ୍ବୋଧିତ କରିଥିଲେ। ଏହି ସମୟରେ ସେ ନରେନ୍ଦ୍ର ମୋଦୀ ସରକାରଙ୍କ ଉପରେ କଡ଼ା ଆକ୍ରମଣ କରିଥିଲେ। ରାଲିରେ ସମ୍ବୋଧିତ କରିବାବେଳେ ରାହୁଲ କହିଛନ୍ତି ଯେ ମୁଁ ଆପଣଙ୍କୁ ସମସ୍ତଙ୍କୁ ସ୍ୱାଗତ କରୁଛି। ଆପଣ ନିଶ୍ଚୟ ଦେଖିଥିବେ ଯେ ବିଜେପି, ଆରଏସଏସର ଲୋକମାନେ ସାରା ଦେଶରେ ହିଂସା ଏବଂ ଭୟ ବିସ୍ତାର କରୁଛନ୍ତି। ଝଗଡା କେବଳ ଦୁଇଟି ଜିନିଷ, ଘୃଣା ଏବଂ ପ୍ରେମ ମଧ୍ୟରେ ହେଉଛି। ଆମେ ସ୍ଲୋଗାନ ଦେଇଛୁ ଯେ ଘୃଣାର ବଜାରରେ ଆମେ ପ୍ରେମର ଦୋକାନ ଖୋଲିବୁ। ଘୃଣା ପ୍ରେମ ଦ୍ୱାରା ପରାଜିତ ହୁଏ। ପ୍ରଥମ ଥର ପାଇଁ ଭାରତର କୌଣସି ରାଜ୍ୟରୁ ଲୋକଙ୍କ ଅଧିକାର ଛଡ଼ାଇ ନିଆଗଲା। ଜାମ୍ମୁ କାଶ୍ମୀରକୁ ରାଜ୍ୟ ମାନ୍ୟତା ଫେରାଇବାକୁ ପଡିବ। ତୁମର ଅଧିକାର ତୁମଠାରୁ ଛଡ଼ାଯାଉଛି। ଆମେ ଦେଶକୁ ଏକ ସମ୍ବିଧାନ ଦେଇଛୁ। ରାହୁଲ ଗାନ୍ଧୀ ଆହୁରି କହିଛନ୍ତି ଯେ, ଯେଉଁଠାରେ ସେମାନେ ଘୃଣା ବିସ୍ତାର କରନ୍ତି, ଆମେ ସେଠାରେ ପ୍ରେମର ଦୋକାନ ଖୋଲିବୁ। ଏହା ଏକ ସୁନ୍ଦର ସ୍ଥାନ, ନିର୍ବାଚନ ପରେ ମୁଁ ନିଶ୍ଚିତ ଭାବେ ଏଠାକୁ ଆସିବି। ଯଦି କୌଣସି କଂଗ୍ରେସ ଦଳର କର୍ମୀ ମୋ ପାଖକୁ ଆସି ମୋତେ କୁହନ୍ତି ଯେ ମୁଁ ଭଗବାନଙ୍କ ସହ କଥାବାର୍ତ୍ତା କରେ, ତେବେ ମୁଁ ତାଙ୍କୁ ବୁଝାଏ ଯେ ଏମିତି କଥା କହିବା ଉଚିତ ନୁହେଁ ଅନ୍ୟଥା। କିନ୍ତୁ ଦେଶର ପ୍ରଧାନମନ୍ତ୍ରୀ ଏଭଳି କୁହନ୍ତି।

## ମଝି ଆକାଶରେ ଉଡୁଥିଲା ବିମାନ, ମିଳିଲା ବୋମା ଧମକ



ନୂଆଦିଲ୍ଲୀ, ୪।୯: ଆତଙ୍କ ଖେଳାଇଛି ବୋମା ଧମକ। କେତେବେଳେ ସ୍କୁଲ ତ କେତେବେଳେ ହସ୍ପିଟାଲ ଆଉ କେତେବେଳେ ବିମାନରେ ବୋମା ଥିବାର ଆସୁଛି କଲ୍। ସେହିପରି ଏକ ବିମାନ ଦିଲ୍ଲୀରୁ ବିଶାଖାପାଟଣା ଯାଉଥିବା ବେଳେ ସେଥିରେ ବୋମା ରଖାଯାଇଥିବା ନେଇ ଧମକ ଆସିଛି। ବିମାନଟି ମଝି ଆକାଶରେ ଥିବା ବେଳେ ବୋମା ଥିବା ଖବର ପ୍ରଚାରିତ ହେବା ପରେ ଲୋକେ ଆତଙ୍କିତ ହୋଇ ପଡ଼ିଥିଲେ।

ବିଶାଖାପାଟଣା ଏୟାରପୋର୍ଟ ଡାଇରେକ୍ଟର ଏସ୍ ରାଜା ରେଡ୍ଡିଙ୍କ ସୂଚନା ଅନୁଯାୟୀ, ୧୦୭ ଯାତ୍ରୀଙ୍କୁ ନେଇ ବିମାନଟି ଦିଲ୍ଲୀରୁ ବିଶାଖାପାଟଣା ଅଭିମୁଖେ ଉଡ଼ାଣ ଆରମ୍ଭ କରିଥିଲା। ବିମାନଟି ମଝି ଆକାଶରେ ଥିବା ବେଳେ ସେଥିରେ ବୋମା ଥିବା ନେଇ ଦିଲ୍ଲୀ ପୁଲିସ୍ ପାଖକୁ ଏକ କଲ୍ ଆସିଥିଲା। ପୁଲିସ୍ ତୁରନ୍ତ ଏହି ଖବର ଏୟାରଲାଇନ୍ସ ଓ ବିଶାଖାପାଟଣା ଏୟାରପୋର୍ଟକୁ ଦେଇଥିଲା। ଏହାପରେ ଏୟାରପୋର୍ଟ କର୍ତ୍ତୃପକ୍ଷ ତୁରନ୍ତ ବିମାନଟିକୁ ସୁରକ୍ଷିତ ଭାବେ ଅବତରଣ କରିଥିଲେ। ସଙ୍ଗେସଙ୍ଗେ ସମସ୍ତ ଯାତ୍ରୀଙ୍କୁ ବାହାର କରି ବିମାନଟିକୁ ତନ ତନ କରି ଯାଞ୍ଚ କରାଯାଇଥିଲା। ମାତ୍ର ବିମାନରୁ କୌଣସି ବମ୍ ମିଳି ନ ଥିଲା। ଏହାପରେ ବିମାନଟି ଗତ ରାତିରେ ଲକ୍ଷ୍ୟ ସ୍ଥଳ ଅଭିମୁଖେ ଉଡ଼ାଣ ଆରମ୍ଭ କରିଥିଲା।

## ନିଜକୁ ଗୁଳି କରିଦେଲେ ଆଟଲାସ ସାଇକେଲ୍ସର ପୂର୍ବତନ ଅଧ୍ୟକ୍ଷ

### ମିଳିଲା ସୁସାଇଡ୍ ନୋଟ୍



ନୂଆଦିଲ୍ଲୀ, ୪।୯: ଆତ୍ମହତ୍ୟା କଲେ ଆଟଲାସ ସାଇକେଲର ପୂର୍ବତନ ଅଧ୍ୟକ୍ଷ ସାଲିଲ କପୁର। ମଙ୍ଗଳବାର ଦିନ ଦିଲ୍ଲୀର କଲାମ ରୋଡ୍ ସ୍ଥିତ ଥିବା ତାଙ୍କ ଘରୁ ରକ୍ତଜୁଡୁବୁଡୁ ଅବସ୍ଥାରେ ତାଙ୍କ ମୃତଦେହ ମିଳିଛି। ସେ ଆତ୍ମହତ୍ୟା କରିଥିବା କରିଥିବା କୁହାଯାଇଛି।

ପୁଲିସ ସୂଚନା ମୁତାବକ, ସଲିଲ କପୁରଙ୍କ(୬୫) ଘରୁ ଏକ ସୁସାଇଡ୍ ନୋଟ୍ ମଧ୍ୟ ଜବତ ହୋଇଛି। ଏଥିରେ ସେ ତାଙ୍କ ଉପରେ ଥିବା ଆର୍ଥିକ ବୋଝ ଓ ଚାରି ଜଣଙ୍କ ଦ୍ୱାରା ନିର୍ଯାତନା ବିଷୟରେ ଉଲ୍ଲେଖ କରିଛନ୍ତି। ସମସ୍ତ ସମ୍ଭାବ୍ୟ ଦିଗକୁ ଧ୍ୟାନରେ ରଖି ପୁଲିସ ଏହି ଘଟଣାର ତଦନ୍ତ କରୁଛି। ମ୍ୟାନେଜର କହିବା ମୁତାବକ, ସେ ମଙ୍ଗଳବାର ଅପରାହ୍ନ ପ୍ରାୟ ସାଢ଼େ ୧ଟାରେ କପୁରଙ୍କ ଘରର ପୂଜା ରୁମ୍ ନିକଟରେ ତାଙ୍କ ରକ୍ତ ଜୁଡୁବୁଡୁ ମୃତଦେହ ପଡିଥିବା ଦେଖିବାକୁ ପାଇଥିଲେ। ଏହାପରେ ସଲିଲ କପୁରଙ୍କୁ ତୁରନ୍ତ ଡାକ୍ତରଖାନା ନିଆଯାଇଥିଲା, ଯେଉଁଠାରେ ଡାକ୍ତରମାନେ ତାଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ଅଧିକାରୀଙ୍କ କହିବାନୁସାରେ, ସଲିଲ କପୁର ଏକ ଲାଇସେନ୍ସପ୍ରାପ୍ତ ବନ୍ଧୁକରେ ନିଜ ମୁଣ୍ଡକୁ ଗୁଳି କରି ଆତ୍ମହତ୍ୟା କରିଥିବା ଜଣାପଡିଛି।

ଜାନୁଆରୀ ୨୦୨୦ରେ ସଲିଲ କପୁରଙ୍କ ସମ୍ପର୍କୀୟ ନତାଶା କପୁର ମଧ୍ୟ ସେହି ଘରେ ଫାଶୀ ଲଗାଇ ଆତ୍ମହତ୍ୟା କରିଥିଲେ। ଏକ ନୋଟରେ ନତାଶା ପରିବାର ସଦସ୍ୟଙ୍କୁ ନିଜ ନିଜର ଯତ୍ନ ନେବାକୁ ଅନୁରୋଧ କରିଥିଲେ, କିନ୍ତୁ ସେ ଏହି ପଦକ୍ଷେପ ନେବା ପଛର କାରଣ ସ୍ପଷ୍ଟ କରି ନଥିଲେ। ପୁଲିସ ଅଧିକାରୀ କହିଛନ୍ତି ଯେ ସଲିଲ କପୁରଙ୍କ ପତ୍ନୀ ଏବଂ ତିନି ସନ୍ତାନ - ଦୁଇ ପୁଅ ଏବଂ ଗୋଟିଏ ଝିଅ ଅଲଗା ରହୁଛନ୍ତି। ଜଣେ ଅଧିକାରୀ କହିଛନ୍ତି ଯେ ଅଲଗା ହେବା ପରେ ସଲିଲ କପୁରଙ୍କ ପତ୍ନୀ ଦୁବାଇରେ ରୁହନ୍ତି।

୨୦୧୫ରେ ୯କୋଟି ଟଙ୍କାର ଏକ ଠକେଇ ମାମଲାରେ କପୁରଙ୍କୁ ଦିଲ୍ଲୀ ପୁଲିସର ଇଓଡବ୍ଲ୍ୟୁ ଗିରଫ କରିଥିଲା। ୨୦୧୪ ମସିହାରେ, ତାଙ୍କ ବିରୋଧରେ ଦୁଇଟି ପୃଥକ ମାମଲା ଦକ୍ଷିଣ ଦିଲ୍ଲୀର ଡିଫେନ୍ସ କଲୋନୀ ପୁଲିସ ଷ୍ଟେସନରେ ପଞ୍ଜୀକୃତ ହୋଇଥିଲା, ଯାହା ଇଓଡବ୍ଲ୍ୟୁ ଦ୍ୱାରା ମଧ୍ୟ ଯାଞ୍ଚ କରାଯାଇଥିଲା।

## ୨୨ ଶହ କୋଟିର ଅନ୍‌ଲାଇନ୍ ସ୍କାମ, କଳାକାର ବି ସାମିଲ



ନୂଆଦିଲ୍ଲୀ, ୪।୯: ୨୨ ଶହ କୋଟି ଟଙ୍କା ଅନଲାଇନ ସ୍କାମର ପର୍ଦ୍ଦାଫାସ କରିଛି ଆସାମ ପୁଲିସ। ଅନଲାଇନ ଷ୍ଟକ୍ ମାର୍କେଟରେ ଟଙ୍କା ଇନଭେଷ୍ଟ (ପୁଞ୍ଜି ନିବେଶ) କଲେ ଦୁଇ ଗୁଣା ଟଙ୍କା ଫେରି ପାଇବା ଲୋଭ ଦେଖାଇ ବିପୁଳ ପରିମାଣର ଅର୍ଥ ଲୁଟି ନେଇଛନ୍ତି ସ୍କାମର୍। ପୁଲିସ ଏହି ମାମଲାର ତଦନ୍ତ କରି ଦୁଇ ଜଣଙ୍କୁ ଗିରଫ କରିଛି।

ଗିରଫ ହୋଇଥିବା ଅଭିଯୁକ୍ତ ହେଉଛନ୍ତି, ଡିବ୍ରୁଗଡ଼ର ୨୨ ବର୍ଷୀୟ ଅନଲାଇନ ଟ୍ରେଡର ବିଶାଳ ଫୁକାନ ଏବଂ ଗୌହାଟୀର ସ୍ୱପ୍ନିଲ ଦାସ। ଏହି ଅନଲାଇନ ସ୍କାମର ଚେର ସାରା ରାଜ୍ୟକୁ ବ୍ୟାପିଥିବା ପୁଲିସ ସନ୍ଦେହ କରୁଛି। ଏଥିରେ ଆହୁରି ଅନେକ ଗିରଫ ହୋଇପାରନ୍ତି ବୋଲି ପୁଲିସ କହିଛି।

ପୁଲିସ କହିଛି ଯେ, ଫୁକାନ ନିବେଶକଙ୍କୁ ଅତି ଚତୁରତାର ସହ ଠକି ଚାଲିଥିଲା। ନିଜର ଅତ୍ୟାଧୁନିକ ଜୀବନଶୈଳୀର ଉଦାହରଣ ଦେଇ ଏହି ମାଧ୍ୟମରେ ରାତାରାତି ଧନୀ ହୋଇଥିବା ଲୋକଙ୍କୁ କହୁଥିଲା। ଅନଲାଇନ ଷ୍ଟକ୍ ମାର୍କେଟରେ ପୁଞ୍ଜି ନିବେଶ କଲେ ୬୦ ଦିନ ମଧ୍ୟରେ ୩୦ ପ୍ରତିଶତ ରିଟର୍ଣ୍ଣ ମିଳିବାର ଲୋଭ ଦେଖାଇଥିଲା।

ସେ ମଧ୍ୟ ୪ଟି ନକଲି କମ୍ପାନୀ କରିବା ସହ ଆସାମର ଫିଲ୍ମ ଇଣ୍ଡଷ୍ଟ୍ରିରେ ଟଙ୍କା ବିନିଯୋଗ କରିଥିଲେ ଏବଂ ତାଙ୍କ ନାଁରେ ଅନେକ ସମ୍ପତ୍ତି ରହିଥିବା ପୁଲିସ କହିଛି। ପୁଲିସ ଡିବ୍ରୁଗଡରେ ଥିବା ତାଙ୍କ ଘରେ ଚଢାଉ କରି କୋଟି କୋଟି ଟଙ୍କା ମୂଲ୍ୟର ସ୍କାମ ସହ ଜଡିତ ଦସ୍ତାବିଜ ଜବତ କରିଛି। ଫୁକାନର ଏହି ସ୍କାମ୍ ନେଟୱାର୍କ ସହ ଆସାମର କୋରିଓଗ୍ରାଫର ସୁମି ବୋରା ମଧ୍ୟ ଜଡ଼ିତ ଥିବା ପୁଲିସ କହିଛି। ବର୍ତ୍ତମାନ ପୁଲିସ ତାଙ୍କୁ ଖୋଜୁଛି।

ସେପଟେ ଏହି ଖବର ପ୍ରକାଶ ପାଇବା ପରେ ଅନଲାଇନରେ ଏବଂ ଷ୍ଟକ୍ ମାର୍କେଟରେ ଘଟୁଥିବା ଜାଲିଆତି ବିଷୟରେ ଲୋକଙ୍କୁ ସତର୍କ ରହିବାକୁ ପରାମର୍ଶ ଦେଇଛନ୍ତି ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମା।

ସେ କହିଛନ୍ତି, "ମୁଁ ଲୋକଙ୍କୁ କହିବାକୁ ଚାହେଁ ଯେ ଅନଲାଇନ୍ ଟ୍ରେଡ଼ିଂ ଫାର୍ମ ମାଧ୍ୟମରେ ଷ୍ଟକ୍ ମାର୍କେଟରେ ଟଙ୍କା ବିନିଯୋଗ କରିବାର କୌଣସି ବ୍ୟବସ୍ଥା ନାହିଁ। ଠକମାନେ ଲୋକଙ୍କୁ ବିଭ୍ରାନ୍ତ କରୁଛନ୍ତି। ଲୋକଙ୍କୁ ଠକାମିରୁ ଦୂରେଇ ରହିବାକୁ ଅନୁରୋଧ କରୁଛି। ପୁଲିସ ବେଆଇନ ଦଲାଲଙ୍କ ବିରୋଧରେ ମାମଲା ରୁଜୁ କରିବା ସହ ଏହି ରାକେଟରେ ସାମିଲ ଥିବା ଅନ୍ୟମାନଙ୍କୁ ଖୋଜାଖୋଜି କରୁଛି।"

ରାଜ୍ୟରେ ସେବି କିମ୍ବା ଆର୍‌ବିଆଇ ନିର୍ଦ୍ଦେଶାବଳୀ ଅନୁସରଣ କରାନଯାଇ ଅନଲାଇନ ଟ୍ରେଡିଂ କମ୍ପାନୀ ବ୍ୟବସାୟ କରୁଥିବା ନେଇ ରିପୋର୍ଟ ଆସିବା ପରେ ଏପରି ପ୍ରତିକ୍ରିୟା ରଖିଛନ୍ତି ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମା।

# ‘ଖଟିଆ’ ଧରିଲା ଚୋର



**ଟିଟିଲାଗଡ଼,୪।୯(ସଂଚାର ବ୍ୟୁରୋ):** ଅନ୍ଧବିଶ୍ୱାସର ଅନ୍ଧାରୀ ଗଳିରେ ମଣିଷ! ଚୋରକୁ ଧରିବା ପାଇଁ ଖଟିଆ ବିଦ୍ୟାର ସହଯୋଗ ନେଇଥିଲେ ସ୍ୱାମୀ। ଆଉ ନିଜ ସ୍ତ୍ରୀଙ୍କୁ ଚୋର ସଜାଇ ଦେଲା ତାନ୍ତ୍ରିକଙ୍କ ‘ଖଟିଆ ବିଦ୍ୟା’। ଯାହା ଏବେ ବଲାଙ୍ଗିର ଜିଲ୍ଲା ଟିଟିଲାଗଡ଼ ଅଞ୍ଚଳରେ ମୁଖ୍ୟ ଆଲୋଚ୍ୟ ବିଷୟ ପାଲଟିଛି। ଦୁଇ ଦିନ ତଳେ ସଇଁତଳା ବ୍ଲକ୍ ଟୁର୍ଚାଉପେର ଗାଁର ବିଦ୍ୟା ରଣାଙ୍କ ଘରୁ ସୁନା ଚେନ୍ ଚୋରି ହୋଇଥିଲା। ବିଦ୍ୟା ଓ ତାଙ୍କ ପତ୍ନୀ ବହୁ ଖୋଜା ଖୋଜି କରିଥିଲେ। ହେଲେ ସୁନା ଚେନ୍ ପାଇନଥିଲା। ତେଣୁ ବିଦ୍ୟା ତାନ୍ତ୍ରିକର ଶରଣ ପଶିଥିଲେ। ତାନ୍ତ୍ରିକ ମହାଶୟ ଖଟ ବିଦ୍ୟା ବଳଦରେ ସୁନା ହାର ଚୋରି କରିଥିବା ଚୋରକୁ ଧରାଇ ଦେବେ ବୋଲି କଥା ଦେଇଥିଲେ। ତାଙ୍କ କଥାକୁ ଭରସା କରି ବିଦ୍ୟା ସମ୍ପୃକ୍ତ ତାନ୍ତ୍ରିକକୁ ନିଜ ଘରକୁ ଡାକିଥିଲେ। ତାନ୍ତ୍ରିକ ଘରେ ପୂଜା କରିଥିଲା। ପୂଜା ସରିବା ପରେ ଖଟ ଗାଁ ବୁଲିବା ପାଇଁ ବାହାରିଥିଲା। ୪ ଜଣ ଯୁବକ ଖଟକୁ ଧରି ଗାଁ ବୁଲାଇଲେ। ତାନ୍ତ୍ରିକ ମନ୍ତୁରା ପାଣି ଫିଙ୍ଗିବା ପରେ ଖଟ ଗାଁ ବୁଲିଥିଲା। ଖଟ ଗାଁ ସାରା ବୁଲିବା ପରେ ଆସି ପହଞ୍ଚିଲା ବିଦ୍ୟାଙ୍କ ଘର ଆଗରେ ଛିଡ଼ା ହୋଇଥିବା ତାଙ୍କ ପତ୍ନୀଙ୍କ ପାଖରେ। ଅର୍ଥାତ ବିଦ୍ୟାଙ୍କ ପତ୍ନୀଙ୍କୁ ଗାଁ ଦାଣ୍ଡରେ ସର୍ବ ସମ୍ମୁଖରେ ଗୁଣିଆ ସଜାଇ ଦେଲେ ତାନ୍ତ୍ରିକ। କହିବାକୁ ଗଲେ ନିଜ ଅନ୍ଧବିଶ୍ୱାସ୍ ଜାଲରେ ନିଜେ ଫସିଗଲେ ବିଦ୍ୟା। ଯାହାର ଭିଡିଓ ଏବେ ସୋଶାଲ୍ ମିଡ଼ିଆରେ ଭାଇରାଲ୍ ହେଉଛି।

# ଝାଡ଼ାବାନ୍ତିରେ ୩ ମୃତ; ୧୦ ଅସୁସ୍ଥ



**କଳାହାଣ୍ଡି,୪।୯(ସଂଚାର ବ୍ୟୁରୋ):** ଝାଡ଼ାବାନ୍ତିରେ ୩ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୧୦ ଜଣ ଅସୁସ୍ଥ ହୋଇଛନ୍ତି। ଘଟଣା ଘଟିଛି କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ଅନ୍ତର୍ଗତ ଅଡ଼ାଖୁ ଗାଁରେ। ଅସୁସ୍ଥଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

ମଇଁଷି ମାଂସ ଓ ଜଙ୍ଗଲରୁ ବିଷାକ୍ତ ଛତୁ ଖାଇବା ଯୋଗୁ ଲୋକଙ୍କୁ ଝାଡ଼ାବାନ୍ତି ହୋଇଥିବା କଳାହାଣ୍ଡି ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ କହିଛନ୍ତି। ମାସକ ମଧ୍ୟରେ ଝାଡ଼ାବାନ୍ତିରେ ୩ ଜଣଙ୍କର ମୃତ୍ୟୁ ଘଟିଥିବା ଜଣାଯାଇଛି।

# ରାଶନ ଦୋକାନ ଉପରେ ଜିଏସ୍‌ଟି ରେଡ୍

## ପଡ଼ିଲା ୫୫ ହଜାର ଟଙ୍କା ଫାଇନ୍

**ବଲାଙ୍ଗିର,୪।୯(ସଂଚାର ବ୍ୟୁରୋ):** ରାଶନ ଦୋକାନ ଉପରେ ହେଲା ଜିଏସ୍‌ଟି ଚଢ଼ାଉ। ଚଢ଼ାଉ ସମୟରେ ଦୋକାନୀ ମାଲିକ ଜିଏସ୍‌ଟି ଫାଙ୍କୁଥିବା ଜଣା ପଡ଼ିଥିଲା। ଏହାପରେ ବିଭାଗ ପକ୍ଷରୁ ଦୋକାନୀଙ୍କ ଉପରେ ପଡ଼ିଛି ୫୫ ହଜାର ଟଙ୍କାର ଫାଇନ୍। ଏପରି ଏକ ଘଟଣା ଆଜି ବଲାଙ୍ଗିର ଜିଲ୍ଲା ସଇଁତଳା ବ୍ଲକ ଘୁନସରରେ ଘଟିଛି।



ଦୀର୍ଘ ଦିନ ହେବ ଘୁନସରର ରାଶନ ଦୋକାନୀ ବିକାଶ ବେହେରା ଜିଏସଟି ଫାଙ୍କୁଥିବା ନେଇ ଅଭିଯୋଗ ହୋଇ ଆସୁଥିଲା। ଏହାକୁ ନେଇ ଆଜି ସକାଳୁ ବଲାଙ୍ଗୀର ଜିଏସଟି ବିଭାଗ ର ତିନି ଜଣିଆ ଟିମ ବିକାଶ ବେହେରାଙ୍କ ଦୋକାନରେ ଅତର୍କିତ ଚଢ଼ାଉ କରିଥିଲେ। ସେମାନେ ଦୋକାନର କାଗଜ ପତ୍ର ଯାଞ୍ଚ କରିବା ସହ ଦୋକାନ ମାଲିକ ବିକାଶ ବେହେରାଙ୍କୁ ପଚରା ଉଚରା କରିଥିଲେ। ଏହି ଜେରା ସମୟରେ ବିକାଶଙ୍କ ଦୋକାନ ଜିଏସଟିରେ ପଞ୍ଜୀକୃତ ହୋଇ ନ ଥିବାରୁ ସେ ଜିଏସଟି ଫାଙ୍କୁଥିବା ଜଣା ପଡ଼ିଥିଲା। ଫଳରେ ବିଭାଗ ପକ୍ଷରୁ ତାଙ୍କ ଉପରେ ୫୫ ହଜାର ଟଙ୍କା ଫାଇନ୍ ପକାଯାଇଛି। ଏଥିସହ ଆସନ୍ତା ୧୫ ଦିନ ମଧ୍ୟରେ ଦୋକାନଟିକୁ ଜିଏସଟି ପଞ୍ଜୀକୃତ କରିବା ପାଇଁ ଅଧିକାରୀ ନିର୍ଦ୍ଦେଶ ଦେଇଛନ୍ତି।



# କଚାଡ଼ି ଦେଲା ଦନ୍ତା, ଆଖି ବୁଜିଲେ ଯୁବକ

**ସୁନ୍ଦରଗଡ,୪।୯(ସଂଚାର ବ୍ୟୁରୋ):** ଦନ୍ତା ହାତୀ ଉତ୍ପାତ ଯୋଗୁ କଲବଲ ହେଉଥିଲେ ଗ୍ରାମବାସୀ । ବନ କର୍ମଚାରୀଙ୍କ ସହ ମିଶି ଦନ୍ତା ହାତୀକୁ ଘଉଡ଼ାଉଥିଲେ ଯୁବକ । ମାତ୍ର ହଠାତ୍ ହାତୀଟି ଯୁବକଙ୍କୁ ଶୁଣ୍ଢରେ କଚାଡ଼ି ଦେଇଥିଲା। ଫଳରେ ଘଟଣାସ୍ଥଳରେ ଯୁବକଙ୍କ ମୃତ୍ୟୁ ଘଟିଛି।

ଏପରି ଏକ ଘଟଣା ସୁନ୍ଦରଗଡ ଜିଲ୍ଲା ବଣାଇ ରେଞ୍ଜ ଅନ୍ତର୍ଗତ କୁଲୁକୁତା ଗ୍ରାମରେ ଘଟିଛି। ମୃତ ଯୁବକଜଣକ ହେଲେ କୁଲୁକୁତା ଗ୍ରାମର ଗୋବିନ୍ଦ ମୁଣ୍ଡା । ଏକ ଗୋଠଛଡ଼ା ଦନ୍ତାହାତୀ କୁଲୁକୁତା ଗ୍ରାମରେ ଦୁଇ ଦିନ ଧରି ଉତ୍ପାତ ଚଳାଇଥିଲା। ହାତୀ ଭୟରେ ଲୋକେ ଘରୁ ବାହାରି ପାରୁ ନ ଥିଲେ। ଖବର ପାଇ ବନ ବିଭାଗ କର୍ମଚାରୀ ପହଞ୍ଚିଥିବା ବେଳେ ଗ୍ରାମବାସୀଙ୍କ ସହ ମିଳିତ ଭାବେ ହାତୀଟିକୁ ଘଉଡ଼ାଉ ଥିଲେ। ଉକ୍ତ ସମୟରେ ହାତୀଟି ଗୋବିନ୍ଦ ମୁଣ୍ଡାଙ୍କୁ ଶୁଣ୍ଢରେ କଚାଡି ଦେଇଥିଲା । ପରେ ସେ ଗୁରୁତର ହୋଇ ପଡ଼ିଥିବାରୁ ତାଙ୍କୁ ବନବିଭାଗ ସଙ୍ଗେ ସଙ୍ଗେ ବଣାଇ ଡାକ୍ତରଖାନାକୁ ଆଣିଥିଲେ । ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।

# ଭାଲୁ ଆକ୍ରମଣରେ ଗୁରୁତର

**ଘଷିପୁରା,୪।୯(ସଂଚାର ବ୍ୟୁରୋ):** ଆନନ୍ଦପୁର ମେଡିକାଲ ରେ ଭର୍ତ୍ତି। ଘଷିପୁରା ଥାନା କାଦୁଅବାହାଳି ଗାଁର ଗଙ୍ଗାଧର ମୁଣ୍ଡା ନାମକ ବ୍ୟକ୍ତି ସକାଳୁ ଶୌଚ ହେବାକୁ ଗାଁ ନିକଟସ୍ଥ ଜଙ୍ଗଲ କୁ ଯାଇଥିବା ସମୟରେ ଅଚାନକ ୪ ଟି ଭାଲୁ ହାବୁଡ଼ରେ ପଡି ଯାଇଥିଲେ। ତେବେ କୌଶଳକ୍ରମେ ସେ ସେଠାରୁ ଖସି ଆସିଥିଲେ। ଗଙ୍ଗାଧର ଙ୍କ ଛାତି ସମେତ ମୁଣ୍ଡରେ ଆଘାତ ଲାଗିଛି। ଗୁରୁତର ଅବସ୍ଥାରେ ପରିବାର ଲୋକେ ତାଙ୍କୁ ଆନନ୍ଦପୁର ମେଡିକାଲ ରେ ଭର୍ତ୍ତି କରିବା ପରେ ଚିକିତ୍ସା ଜାରି ରହିଛି।

# ପିଉସୀଙ୍କୁ ହତ୍ୟା କଲା ପୁତୁରା

**ବୈଶିଙ୍ଗା,୪।୯(ସଂଚାର ବ୍ୟୁରୋ):** ବୁଧବାର ଅପରାହ୍ନରେ ମୟୂରଭଞ୍ଜ ଜିଲ୍ଲା ବେତନଟୀ ଥାନା ଅଧୀନ ଦହିକୋଟି ଗ୍ରାମରେ ଘଟିଯାଇଛି ରୋମଟାଙ୍କୁରା ହତ୍ୟାକାଣ୍ଡ।ସମ୍ପର୍କକୁ ଭୁଲି ପିଉସୀଙ୍କୁ ଧାରୁଆ ଅସ୍ତ୍ରରେ ହାଣିଲା ପୁତୁରା। ଘଟଣାସ୍ଥଳରେ ଚାଲିଗଲା ପିଉସୀର ଜୀବନ। ହତ୍ୟାକାରୀ ପୁତୁରାକୁ ଅଟକ ରଖି ପୁଲିସ ଜିମା ଦେଇଛନ୍ତି ଗ୍ରାମବାସୀ। ମୃତା ମହିଳା ଜଣକ ହେଉଛନ୍ତି ଗ୍ରାମର ସ୍ୱର୍ଗତ ପଙ୍କଜ କୁମାର ମିଶ୍ରଙ୍କ ଚାରୁଲତା ମିଶ୍ର (୬୪) । ଅଭିଯୁକ୍ତ ଜଣକ ହେଉଛି ସ୍ୱର୍ଗତ ପଙ୍କଜ କୁମାର ମିଶ୍ରଙ୍କ ପୁଅ କାନ୍ଦୁରୁ ଓରଫ ତନ୍ମୟ କୁମାର ମିଶ୍ର(୨୧) । ସୂଚନା ଅନୁସାରେ ଶିକ୍ଷୟିତ୍ରୀ ମା' ପ୍ରଭାତୀ ମଞ୍ଜରୀ ଦାଶଙ୍କ ସହିତ ଘରେ ତନ୍ମୟ ରହି ଆସୁଥିଲେ। ବାରିପଦାରେ ଭାଇ ବ୍ରଜରାଜ ମିଶ୍ରଙ୍କ ଘରେ ଚାରୁଲତା ରହୁଥିବା ବେଳେ ମଝିରେ ମଝିରେ ଦହିକୋଟିସ୍ଥିତ ପୈତୃକ ଘରକୁ ଆସୁଥିଲେ। ବୁଧବାର ପ୍ରଭାତୀ ମଞ୍ଜରୀ ସ୍କୁଲ ପଳାଇ ଥିବାବେଳେ ତନ୍ମୟ ଡିପ୍ଲୋମା ପଢିବାକୁ କଲେଜ ଯାଇଥିଲେ।

ପିଉସୀଙ୍କୁ ଧାରୁଆ ଅସ୍ତ୍ରରେ ହାଣିଲା ପୁତୁରା। ଘଟଣାସ୍ଥଳରେ ଚାଲିଗଲା ପିଉସୀର ଜୀବନ। ହତ୍ୟାକାରୀ ପୁତୁରାକୁ ଅଟକ ରଖି ପୁଲିସ ଜିମା ଦେଇଛନ୍ତି ଗ୍ରାମବାସୀ।ତେବେ କଲେଜରୁ ଫେରିବା ପରେ କୌଣସି କଥାକୁ ନେଇ କାନ୍ଦୁରୁ ଉତ୍ତ୍ୟକ୍ତ ହୋଇ ପିଉସୀଙ୍କୁ ଧାରୁଆ ଅସ୍ତ୍ରରେ କ୍ରମାଗତ ଭାବରେ ହାଣି ଚାଲିଥିଲା। ଘର ଭିତରେ ହିଁ ଚାରୁଲତାଙ୍କ ମୃତ୍ୟୁ ଘଟି ଥିଲା। ଖବରପାଇ ଗ୍ରାମବାସୀ ଓ ପଡୋଶୀ ତନ୍ମୟଙ୍କୁ କାବୁକରି ପୁଲିସକୁ ଜିମା ଦେଇଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚିବା ସହିତ ଏକ ହତ୍ୟାକାଣ୍ଡ ଜନିତ ମାମଲା ରୁଜୁକରି ସାଇଣ୍ଟିଫିକ ଟିମକୁ ଯାଞ୍ଚ କରିବାକୁ ଡକେଇଛି । ସ୍ଥାନୀୟ ଏଭଳି ନାରକୀୟ ହାତ୍ୟାକାଣ୍ଡକୁ ନେଇ ଚାଞ୍ଚଲ୍ୟ ଖେଳିଯାଇଛି।

# କେଉଁଠୁ ଆସିଲା ଏତେ ଆଧାରକାର୍ଡ?



**ବ୍ରହ୍ମପୁର,୪।୯(ସଂଚାର ବ୍ୟୁରୋ):** ରାସ୍ତା କଡ ଡ୍ରେନରେ ପଡ଼ି ରହିଛି ଶହ ଶହ ଆଧାର କାର୍ଡ । ଏହି ସବୁ ଆଧାର କାର୍ଡ ଏଠାକୁ କୁଆଡୁ ଆସିଲା, କିଏ ଫିଙ୍ଗିଲା ତାକୁ ନେଇ ଉଠିଛି ବଡ଼ ପ୍ରଶ୍ନ । ଘଟଣା ଦେଖିବାକୁ ମିଳିଛି ସାନଖେମୁଣ୍ଡି ବ୍ଲକ ରାଧାଦେଇପୁର ସ୍ଥିତ ଶାସନସାହି ନିକଟ ଡ୍ରେନ ଠାରେ। ବର୍ତ୍ତମାନ ସୁଭଦ୍ରା ଯୋଜନାରେ ଆବେଦନ ପାଇଁ ନିହାତି ଆବଶ୍ୟକ ଆଧାର କାର୍ଡ ଥିବାବେଳେ ଏତେ ପରିମାଣ ଆଧାର କାର୍ଡ କିଏ ଏଠାରେ ଫିଙ୍ଗିଲେ ତାକୁ ସ୍ଥାନୀୟ ଲୋକେ ଚିନ୍ତାରେ । ତେବେ ଫିଙ୍ଗା ଯାଇଥିବା ଆଧାର କାର୍ଡ ସ୍ଥାନ ଠାରୁ ମାତ୍ର ୧୦୦ ମିଟର ଦୂରରେ ରହିଛି ପାଟପୁର ପୋଷ୍ଟ ଅଫିସ । ଏହି କାର୍ଡ ଗୁଡିକ ସେଠାକାର ନୁହେଁ ତ ବୋଲି ସନ୍ଦେହ ଉପୁଜିଛି । ସରକାରଙ୍କ ପକ୍ଷରୁ ବଣ୍ଟନ ଉଦେଶ୍ୟରେ ଆସିଥିବା ଆଧାର କାର୍ଡ ଗୁଡିକ ନୁଁହେ ତ, ଯାହାକୁ ପୋଷ୍ଟ ଅଫିସ କର୍ତ୍ତୃପକ୍ଷ ଏଠି ଫୋପାଡ଼ି ଦେଇ ନାହାଁନ୍ତି ତ ବୋଲି ସାଧାରଣ ଲୋକ ପ୍ରଶ୍ନ କରିଛନ୍ତି ।

# ରାସ୍ତା ମଝିରେ ଜଳିଲା ଟ୍ୟାଙ୍କର

**ଅନୁଗୋଳ,୪।୯(ସଂଚାର ବ୍ୟୁରୋ):** ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ୫୫ ନମ୍ବର ଜାତୀୟ ରାଜପଥର ହଣ୍ଡପା ଥାନା ନାକିଚି ଠାରେ ଏକ ଟ୍ୟାଙ୍କର ଚକାରେ ନିଆଁ ଲାଗିଯିବା ଫଳରେ ସ୍ଥାନୀୟ ଅଞ୍ଚଳରେ କୋକୁଆ ଭୟ ସୃଷ୍ଟି ହୋଇଛି । ଖବର ପ୍ରଚାର ହେବା ପରେ ବାମୁର ଅଗ୍ନିଶମ ବିଭାଗର କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ କରିଥିଲେ ।



ଘଟଣାରୁ ଜଣାପଡିଛି ଯେ ଅନୁଗୋଳରୁ ସମ୍ବଲପୁର ଅଭିମୁଖେ ସିମେଣ୍ଟ ପାଉଡ଼ର ବୋଝେଇ କରି ଆସୁଥିବା ଟ୍ୟାଙ୍କର ପଛ ଚକାରେ ହଠାତ ନିଆଁ ଲାଗିଥିଲା । ଫଳରେ ହୁ ହୁ ହୋଇ ଜଳିବା ପରେ ଟ୍ୟାଙ୍କର ର ଚାଳକ ଗାଡି ଛାଡି ବହୁ ଦୂର କୁ ପଳାଇଯାଇଥିଲେ । ପରେ ଏହି ନିଆଁ କୁ ନେଇ ସ୍ଥାନୀୟ ଅଞ୍ଚଳ ରେ କୋକୁଆ ଭୟ ସୃଷ୍ଟି ହୋଇଥିବା ବେଳେ ବାମୁର ଅଗ୍ନିଶମ ବିଭାଗ କର୍ମଚାରୀ ମାନେ ନିଆଁ କୁ ଆୟତ କରିଥିଲେ ।

# ଭ୍ୟାନ୍‌ରୁ ୫୦୦ କଇଁଛ ଜବତ ସହ ୪ ଗିରଫ

**ମାଲକାନଗିରି,୪।୯(ସଂଚାର ବ୍ୟୁରୋ):** ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକ ଅନ୍ତର୍ଗତ ମୋଟୁ ବନ ବିଭାଗ ଦ୍ୱାରା ବୁଧବାର ଦିନ ପ୍ରାୟ ୫୦୦ କଇଁଛ ଉଦ୍ଧାର କରାଯାଇଛି। ଖବର ଅନୁଯାୟୀ କଇଁଛ ଚୋରାଚାଲାଣ ସମ୍ପର୍କରେ ସୂଚନା ପାଇବା ପରେ ମୋଟୁ ବନ ବିଭାଗ ଓଡ଼ିଶା ଆନ୍ଧ୍ରପ୍ରଦେଶ ସୀମାନ୍ତରେ ପଇଁତରା ମାରୁଥିଲେ। ଦୁଇ ପିକଅପ ଭ୍ୟାନ ଅତି ଦ୍ରୁତ ଗତିରେ ଆନ୍ଧ୍ରପ୍ରଦେଶ ସୀମା ଅତିକ୍ରମ କରିବାକୁ ଚେଷ୍ଟା କରୁଥିବା ବେଳେ ବନ ବିଭାଗ କର୍ମଚାରୀ ମାନେ ଦୁଇ ପିକଅପ ଭ୍ୟାନକୁ ଅଟକାଇ ଥିଲେ। ପଚରାଉଚରା ବେଳେ ଜାଣିବାକୁ ପାଇଥିଲେ ଯେ ଗାଡ଼ିଟି ସାର(ଖତ)ନେଇ ଯାଉଥିଲେ। ତେବେ ଗାଡ଼ିକୁ ଭଲ ଭାବରେ ତଲାସି କରିବାରୁ ଗାଡି ଭିତରେ ଏକ କଣ୍ଟେନରରେ ପାଖାପାଖି ୫ ଶହ ଜିଅନ୍ତା କଇଁଛ ଦେଖିବାକୁ ମିଳିଥିଲା। ଅପରାଧିମାନେ ଏହି ଜିଅନ୍ତା କଇଁଛ ତସ୍କରୀ କରୁଥିବା ଅଭିଯୋଗରେ ବନ ବିଭାଗ ସେମାନଙ୍କୁ ଗିରଫ କରିଛି। ଏତେ ପରିମାଣର କଇଁଛ ଆନ୍ଧ୍ରପ୍ରଦେଶରୁ ଓଡ଼ିଶା ତସ୍କରୀ କରି ଆଣୁଥିବାରୁ ତାହା କେଉଠୁ ଆସୁଛି ଓ ଏହାର କିଙ୍ଗପିନ କିଏ ଏହି ବାବଦରେ ମୋଟୁ ବନ ବିଭାଗ ମାମଲାର ତଦନ୍ତ ଜାରିରଖିଛନ୍ତି। ତେବେ ଜବତ କଇଁଚ ଏବଂ ଦୁଇ ପିକ ଭ୍ୟାନ ଗାଡିକୁ ଏମଭି-୭୯ କାର୍ଯ୍ୟାଳୟରେ ରଖାଯାଇଥିବାବେଳେ ଗିରଫ ୪ ଜଣଙ୍କୁ ବନବିଭାଗ ଆଟକ ରଖିଥିବା ବନାଞ୍ଚଳ ଅଧିକାରୀ ରଶ୍ମୀରଂଜନ ସ୍ୱାଇଁ ସୂଚନା ଦେଇଛନ୍ତି ।

# ନ୍ୟାୟ ଅପେକ୍ଷାରେ ଝିଅ ଓ ପରିବାର

**ଉଦଳା ୪।୯,୪।୯(ସଂଚାର ବ୍ୟୁରୋ):** ଭଲ ପାଇ ବାହା ହୋଇଥିଲେ । ବାହାଘର ପରେ ଉଭୟ ସ୍ୱାମୀ ଏବଂ ସ୍ତ୍ରୀ ଘରେ ରହୁଥିବା ବେଳେ ବାରମ୍ବାର ସ୍ୱାମୀ ଏବଂ ଶାଶୁ ଘର ଲୋକେ ଯୌତୁକ ପାଇଁ ନିର୍ଯ୍ୟାତନା ଦେଇ ଆସୁଥିଲେ। ହେଲେ ଶେଷରେ ଶାଶୁ ଏବଂ ଜେଜେମା ଶାଶୁ ମିଶି ବୋହୂକୁ ବିଷ ପିଆଇ ଦେଇଛନ୍ତି । ଏଭଳି ଘଟଣା ଘଟିଛି କପ୍ତିପଦା ଥାନା ଭଣ୍ଡାରିପାଳ ଗ୍ରାମରେ । ଗ୍ରାମର ସୁଦର୍ଶନ ବିନ୍ଧାଣୀ ଆଜକୁ ୯ ମାସ ପୂର୍ବରୁ କୋଳିଅଳମ ଗ୍ରାମର ସୀତା ନାଏକଙ୍କୁ ଭଲ ପାଇ ବିବାହ କରିଥିଲେ । ହେଲେ ବିବାହ ପର ଠାରୁ ବିଭିନ୍ନ ସମୟରେ ତାଙ୍କୁ ମାନସିକ ଏବଂ ଶାରୀରିକ ନିର୍ଯ୍ୟାତନା ସୁଦର୍ଶନ ଏବଂ ତାଙ୍କ ପରିବାର ଲୋକେ ଦେଇ ଆସୁଥିଲେ । ବିଶେଷକରି ବାପଘରୁ ଯୌତୁକ ଆଣିବାକୁ ଦାବି କରି ଆସୁଥିଲେ । ହେଲେ ଶେଷରେ ଗତକାଲି ସୀତା ନାଏକଙ୍କୁ ତାଙ୍କ ଶାଶୁ ଏବଂ ଜେଜେମା ଶାଶୁ ମିଶି ବିଷ ପିଆଇ ଦେଇଥିଲେ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

## ବ୍ୟାଗ୍ ବଣ୍ଟନ...

୮୫୪, ଭଦ୍ରକରେ ୮ କୋଟି ୩୮ ଲକ୍ଷ ୧୯ ହଜାର ୯୫୧, ବଲାଙ୍ଗିରରେ ୧୧ କୋଟି ୧୬ ଲକ୍ଷ ୮୦ ହଜାର ୭୮୨, ବୌଦ୍ଧରେ ୨ କୋଟି ୭୯ ଲକ୍ଷ ୫୯ ହଜାର ୩୫୯, କଟକରେ ୧୩ କୋଟି ୧୦ ଲକ୍ଷ ୬୦ ହଜାର ୪୧, ଦେବଗଡ଼ରେ ୨ କୋଟି ୩ ଲକ୍ଷ ୩୯ ହଜାର ୩୩୨, ଢେଙ୍କାନାଳରେ ୭ କୋଟି ୪୮ ଲକ୍ଷ ୩୭ ହଜାର ୩୩୬, ଗଜପତିରେ ୨ କୋଟି ୮୧ ଲକ୍ଷ ୩୬ ହଜାର ୪୧୫, ଗଞ୍ଜାମରେ ୨୦ କୋଟି ୨୩ ଲକ୍ଷ ୭୧ ହଜାର ୩୦୨, ଜଗତସିଂହପୁରରେ ୫ କୋଟି ୧୩ ଲକ୍ଷ ୨୫ ହଜାର ୯୭୪, ଯାଜପୁରରେ ୧୦ କୋଟି ୭୮ ଲକ୍ଷ ୯୧ ହଜାର ୫୦୨, ଝାରସୁଗୁଡ଼ାରେ ୨ କୋଟି ୯୯ ଲକ୍ଷ ୨୦ ହଜାର ୬୮, କଳାହାଣ୍ଡିରେ ୧୦ କୋଟି ୭୫ ଲକ୍ଷ ୧୯ ହଜାର ୭୦୩, କନ୍ଧମାଳରେ ୪ କୋଟି ୭୦ ଲକ୍ଷ ୫୪ ହଜାର ୧୭୨, କେନ୍ଦ୍ରାପଡ଼ାରେ ୯ କୋଟି ୨୬ ଲକ୍ଷ ୬୬ ହଜାର ୨୫୩, କେନ୍ଦୁଝରରେ ୧୦ କୋଟି ୯୩ ଲକ୍ଷ ୬୧ ହଜାର ୨୫୦, ଖୋର୍ଦ୍ଧାରେ ୧୦ କୋଟି ୧୨ ଲକ୍ଷ ୪୦ ହଜାର ୨୫୪, କୋରାପୁଟରେ ୯ କୋଟି ୬୮ ଲକ୍ଷ ୫୭ ହଜାର ୮୬, ମାଲକାନଗିରିରେ ୩ କୋଟି ୯୫ ଲକ୍ଷ ୪୩ ହଜାର ୯୫୨, ମୟୁରଭଞ୍ଜରେ ୧୫ କୋଟି ୭୯ ଲକ୍ଷ ୧୮ ହଜାର ୨୫୩, ନବରଙ୍ଗପୁରରେ ୮ କୋଟି ୨୧ ଲକ୍ଷ ୮ ହଜାର ୭୯୧, ନୟାଗଡ଼ରେ ୫ କୋଟି ୬୮ ଲକ୍ଷ ୮୧ ହଜାର ୬୭୬, ନୂଆପଡ଼ାରେ ୪ କୋଟି ୪୫ ଲକ୍ଷ ୩୩ ହଜାର ୭୦୫, ପୁରୀରେ ୯ କୋଟି ୫୦ ଲକ୍ଷ ୫ ହଜାର ୭୬୭, ରାୟଗଡ଼ାରେ ୬ କୋଟି ୫୮ ଲକ୍ଷ ୮୩ ହଜାର ୬୫୪, ସମ୍ବଲପୁରରେ ୫ କୋଟି ୮୯ ଲକ୍ଷ ୫୨ ହଜାର ୯୫୩, ସୋନପୁରରେ ୩ କୋଟି ୯୩ ଲକ୍ଷ ୮ ହଜାର ୩୩୫ ଓ ସୁନ୍ଦରଗଡ଼ରେ ୧୧ କୋଟି ୧୮ ଲକ୍ଷ ୭୫ ହଜାର ୬୧୨ ଟଙ୍କା ଝୋଟ ବ୍ୟାଗ୍ ବାଣ୍ଟିବା ପାଇଁ ଖର୍ଚ୍ଚ ହୋଇଛି। ଏହିପରି ମୋଟ ୨୪୭ କୋଟି ୩୬ ଲକ୍ଷ ୬୪ ହଜାର ୨୯୭ ଟଙ୍କା ଖର୍ଚ୍ଚ କରାଯାଇଛି।

ଅନୁଗୋଳ ଜିଲ୍ଲାରେ ଖାଦ୍ୟ ସୁରକ୍ଷା ହିତାଧିକାରୀ ପରିବାରଗୁଡ଼ିକୁ ୨୭ କୋଟି ୫୬ ଲକ୍ଷ ୫୬ ହଜାର ବଣ୍ଟନ କରାଯାଇଥିବା ବେଳେ ବାଲେଶ୍ୱରରେ ୫୧ କୋଟି ୭୭ ଲକ୍ଷ ୬୦ ହଜାର, ବରଗଡ଼ରେ ୩୫ କୋଟି ୮୬ ଲକ୍ଷ ୫୮ ହଜାର, ଭଦ୍ରକରେ ୩୨ କୋଟି ୬୦ ଲକ୍ଷ ୧୪ ହଜାର, ବଲାଙ୍ଗିରରେ ୪୪ କୋଟି ୪୦ ଲକ୍ଷ ୫୯ ହଜାର, ବୌଦ୍ଧରେ ୧୧ କୋଟି ୧ ଲକ୍ଷ ୧୨ ହଜାର, କଟକରେ ୫୦ କୋଟି ୫୫ ଲକ୍ଷ ୩୧ ହଜାର, ଦେବଗଡ଼ରେ ୭ କୋଟି ୮୨ ଲକ୍ଷ ୭୪ ହଜାର, ଢେଙ୍କାନାଳରେ ୨୮ କୋଟି ୭୬ ଲକ୍ଷ ୮୨ ହଜାର, ଗଜପତିରେ ୧୪ କୋଟି ୪୮ ଲକ୍ଷ ୨୫ ହଜାର, ଗଞ୍ଜାମରେ ୭୬ କୋଟି ୬୭ ଲକ୍ଷ ୪୫ ହଜାର, ଜଗତସିଂହପୁରରେ ୨୩ କୋଟି ୯୯ ଲକ୍ଷ ୬୭ ହଜାର, ଯାଜପୁରରେ ୪୧ କୋଟି ୬୮ ଲକ୍ଷ ୬୧ ହଜାର, ଝାରସୁଗୁଡ଼ାରେ ୧୧ କୋଟି ୫୪ ଲକ୍ଷ ୨୯ ହଜାର, କଳାହାଣ୍ଡିରେ ୪୧ କୋଟି ୬୬ ହଜାର, କନ୍ଧମାଳରେ ୧୭ କୋଟି ୯୮ ଲକ୍ଷ ୭୦ ହଜାର, କେନ୍ଦ୍ରାପଡ଼ାରେ ୩୨ କୋଟି ୮ ଲକ୍ଷ ୧୩ ହଜାର, କେନ୍ଦୁଝରରେ ୪୧ କୋଟି ୯୫ ଲକ୍ଷ ୩୨ ହଜାର, ଖୋର୍ଦ୍ଧାରେ ୩୯ କୋଟି ୬୪ ଲକ୍ଷ ୯୫ ହଜାର, କୋରାପୁଟରେ ୩୬ କୋଟି ୯୨ ଲକ୍ଷ ୫୩ ହଜାର, ମାଲକାନଗିରିରେ ୧୫ କୋଟି ୩୧ ଲକ୍ଷ ୩୬ ହଜାର, ମୟୁରଭଞ୍ଜରେ ୬୦ କୋଟି ୯୪ ଲକ୍ଷ ୯୬ ହଜାର, ନବରଙ୍ଗପୁରରେ ୩୧ କୋଟି ୬୬ ଲକ୍ଷ ୩ ହଜାର, ନୟାଗଡ଼ରେ ୨୨ କୋଟି ୨୦ ଲକ୍ଷ ୧୦ ହଜାର, ନୂଆପଡ଼ାରେ ୧୭ କୋଟି ୪୩ ଲକ୍ଷ ୫୯ ହଜାର, ପୁରୀରେ ୩୬ କୋଟି ୬୮ ଲକ୍ଷ ୬୭ ହଜାର, ରାୟଗଡ଼ାରେ ୨୫ କୋଟି ୨୭ ଲକ୍ଷ ୯୫ ହଜାର, ସମ୍ବଲପୁରରେ ୨୨ କୋଟି ୭୩ ଲକ୍ଷ ୭୧ ହଜାର, ସୋନପୁରରେ ୧୫ କୋଟି ୨୧ ଲକ୍ଷ ୮୨ ହଜାର ଓ ସୁନ୍ଦରଗଡ଼ରେ ୪୩ କୋଟି ୨୧ ଲକ୍ଷ ୨ ହଜାର ଟଙ୍କା ବଣ୍ଟାଯାଇଛି।

## ଇ-କେୱାଇସି...

୬ ଲକ୍ଷ ୧୯ ହଜାର ୮୩୬ ରାଶନ କାର୍ଡ ପାଇଁ ଆବେଦନ କରିଛନ୍ତି। କୌଣସି କାରଣରୁ ରାଶନ କାର୍ଡ କଟିଥିଲେ ପୁଣି ଆବେଦନ କରିପାରିବେ। ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ରାଜ୍ୟ ପାଇଁ ୩.୨୫ କୋଟି ଲୋକଙ୍କୁ ସାମିଲ କରାଯାଇଛି। କେନ୍ଦ୍ର ସରକାର ଏହାର କୋଟା ବଢ଼ାଉନାହାନ୍ତି। ଅନ୍ୟପକ୍ଷରେ ବିଜେଡି ସରକାର ଅମଳରେ କାର୍ଯ୍ୟକାରୀ ହେଉଥିବା ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ପ୍ରାୟ ୧୦ ଲକ୍ଷ ହିତାଧିକାରୀଙ୍କୁ ସାମିଲ କରାଯାଇଛି। ତେବେ ୨୦୨୨ରୁ ନୂତନ ରାଶନ କାର୍ଡ ଇସ୍ୟୁ କରାଯାଉ ନାହିଁ। ବିଜୁ ସ୍ୱାସ୍ଥ୍ୟ କାର୍ଡ ହାତେଇବା ପାଇଁ ବହୁ ସଂଖ୍ୟାରେ ରାସନ କାର୍ଡ ଲାଗି ଆବେଦନ ହେବାରୁ ନୂତନ କାର୍ଡ ଇସ୍ୟୁ ବନ୍ଦ କରାଯାଇଥିଲା।

## ଦୁଇ ବର୍ଷ...

ସହ ଆଲୋଚନା କରି ସେଠାରେ ଉପଲବ୍ଧ ସୁରକ୍ଷା, ସୁବିଧାସୁଯୋଗ ଓ ସେମାନଙ୍କ ପ୍ରତି କରାଯାଉଥିବା ଆଚରଣ ପଚାରି ବୁଝିବେ। ଜିଲ୍ଲା ଗସ୍ତବେଳେ ବିଭିନ୍ନ ବର୍ଗର ଲୋକ, ହସ୍ପିଟାଲରେ ଚିକିତ୍ସିତ ରୋଗୀ, ଅଙ୍ଗନୱାଡ଼ି ହିତାଧିକାରୀ, ସ୍କୁଲ ଓ ହଷ୍ଟେଲର ଛାତ୍ରୀମାନଙ୍କ ସହ କଥାବାର୍ତ୍ତା କରିବେ । ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ସମସ୍ତ ଯୋଜନାର ସମୀକ୍ଷା କରିବା ସହ ଜିଲ୍ଲାରେ ଥିବା ବନ୍ଦର, ବିମାନ ବନ୍ଦର, ଶିଳ୍ପ ପାର୍କ ଓ କରିଡର, ମେଡିକାଲ କଲେଜ, ବୃହତ୍ ଜଳସେଚନ ପ୍ରକଳ୍ପଗୁଡ଼ିକ ଓ ନୂଆ ପ୍ରକଳ୍ପ ଆଦିର ସମୀକ୍ଷା ମଧ୍ୟ କରିବେ । ଜିଲ୍ଲାରେ ଯଦି ଟ୍ରେନି ଆଇଏଏସ୍ ଥିବେ ସେମାନଙ୍କ ସହ ମଧ୍ୟ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିବେ।

କ୍ଷେତ୍ର ପରିଦର୍ଶନ ପରେ ସମ୍ପୃକ୍ତ ଜିଲ୍ଲାପାଳ ଓ ସମସ୍ତ ଜିଲ୍ଲା ଅଧିକାରୀମାନଙ୍କ ସହ ଆଲୋଚନା କରି ଏହି ଅଫିସରମାନେ ନିଜସ୍ୱ ମନ୍ତବ୍ୟ ଦେବେ । ଏସବୁ ବ୍ୟତୀତ ୮ଟି ଡିଏମଏଫ ଜିଲ୍ଲାରେ ଜିଲ୍ଲା ଖଣିଜ ପାଣ୍ଠି ଓ ଓମବାଡ଼ସି ପାଣ୍ଠିର ବିନିଯୋଗ ଏବଂ ୨୯ଟି ଆକାଂକ୍ଷୀ ବ୍ଲକଗୁଡ଼ିକରେ ବିକାଶମୂଳକ କାର୍ଯ୍ୟର ମଧ୍ୟ ସମୀକ୍ଷା କରିବେ। ପ୍ରତିମାସରେ ଜିଲ୍ଲା ଗସ୍ତରୁ ଫେରିବା ପରେ ଗସ୍ତର ସାରାଂଶ ମୁଖ୍ୟ ସଚିବ ଓ ଉନ୍ନୟନ କମିଶନରଙ୍କୁ ଅବଗତ ପାଇ ପଠାଇବେ। ରାଜ୍ୟ ସରକାର ସମସ୍ତ ସୁବିଧା ଓ ଅଧିକ ସ୍ୱଚ୍ଛତା ପାଇଁ ଖୁବଶୀଘ୍ର ଏ ସମ୍ବନ୍ଧରେ ଏକ ୱେବପୋର୍ଟାଲ ଖୋଲି ପରିଦର୍ଶନ ଟିପ୍ପଣୀଗୁଡ଼ିକୁ ଅପଲୋଡ୍ କରିବେ ବୋଲି ଶ୍ରୀମତୀ ଗର୍ଗ ସୂଚନା ଦେଇଛନ୍ତି।

ଚଳିତ ମାସରେ ଗୃହ ସଚିବ ସତ୍ୟବ୍ରତ ସାହୁଙ୍କୁ ଜଗତସିଂହପୁର ଜିଲ୍ଲା ଆବଂଟିତ ହୋଇଥିବାବେଳେ ଦେଓରଞ୍ଜନ ସିଂହ- ଅନୁଗୁଳ, ସୁରେନ୍ଦ୍ର କୁମାର-କଟକ, ଜି ମାଥିଭାଥାନନ- କେନ୍ଦ୍ରାପଡ଼ା, ହେମନ୍ତ ଶର୍ମା- କେନ୍ଦୁଝର, ବିଷ୍ଣୁପଦ ସେଠୀ- ମାଲକାନଗିରି, ଚିତ୍ରା ଅରୁମୁଗମ- କୋରାପୁଟ, ସୁଶୀଲ କୁମାର ଲୋହାନୀ- କଳାହାଣ୍ଡି, ଅରବିନ୍ଦ କୁମାର ପାଢ଼ୀ- ଖୋର୍ଦ୍ଧା, ଶାଶ୍ୱତ ମିଶ୍ର- ବରଗଡ଼, ବୀରବିକ୍ରମ ଯାଦବ- ବଲାଙ୍ଗୀର, ବିଶାଳ ଦେବ- ନୂଆପଡ଼ା, ଉଷା ପାଢ଼ୀ- କନ୍ଧମାଳ, ସଞ୍ଜୟ କୁମାର ସିଂ- ମୟୂରଭଞ୍ଜ, ସୁରେଶ କୁମାର ବଶିଷ୍ଠ- ପୁରୀ, ଶୁଭା ଶର୍ମା- ଗଜପତି, ଭାସ୍କରଜ୍ୟୋତି ଶର୍ମା- ନବରଙ୍ଗପୁର, ଶାଳିନୀ ପଣ୍ଡିତ- ରାୟଗଡ଼ା, ଏସ.ଅଶ୍ୱଥି- ସୁନ୍ଦରଗଡ଼, ରାଜେଶ ପ୍ରଭାକର ପାଟିଲ-ଦେବଗଡ଼, ଅରବିନ୍ଦ ଅଗ୍ରୱାଲ- ସମ୍ବଲପୁର, ବଳବନ୍ତ ସିଂ-ଗଞ୍ଜାମ, ଭୂପେନ୍ଦ୍ର ଏସ ପୁନିଆ-ଝାରସୁଗୁଡ଼ା,ଯାମିନୀ ଷଡ଼ଙ୍ଗୀ- ସୋନପୁର, ଗୁହା ପୁନମ ତାପସ କୁମାର- ଭଦ୍ରକ, ବିଜୟକେତନ ଉପାଧ୍ୟାୟ- ବୌଦ୍ଧ, ପ୍ରଶାନ୍ତ କୁମାର ରେଡ୍ଡୀ- ବାଲେଶ୍ୱର, ଏନ.ଥିରୁମାଳା ନାଏକ-ନୟାଗଡ଼, ସୁଧାଂଶୁ ମୋହନ ସାମଲ- ଢେଙ୍କାନାଳ ଓ ରଶ୍ମୀତା ପଣ୍ଡାଙ୍କୁ ଯାଜପୁର ଜିଲ୍ଲା ଆବଂଟିତ ହୋଇଛି।

## ନଭେମ୍ବର...

କରିଛି ଜିଲ୍ଲା ପ୍ରଶାସନ। ବୁଧବାର ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ବସିଥିଲା ଗୁରୁତ୍ୱପୂର୍ଣ୍ଣ ବୈଠକ। ଏବର୍ଷ ବୃଦ୍ଧି ପାଇବ ବାଲିଯାତ୍ରା କଳେବର। ବୁଧବାର,ଶୁକ୍ରବାର ଓ ରବିବାର ଭିଡକୁ ନେଇ ହେବ ସ୍ୱତନ୍ତ୍ର ବ୍ୟବସ୍ଥା । ପ୍ରଥମ ଥର ବାଲିଯାତ୍ରା ପଡିଆରେ ରହିବ ଗ୍ରୀନ କରିଡର । ବଢ଼ିବ ପାର୍କିଂ ସ୍ଥଳ ସଂଖ୍ୟା ।

ବାଲିଯାତ୍ରା ପଡିଆରେ ରହିବ ୫ଟି ଆମ୍ବୁଲାନ୍ସ । ଓରମାସ୍ ଷ୍ଟଲ ସଂଖ୍ୟା ୫ଶହକୁ ବୃଦ୍ଧି ପାଇବ ବୋଲି କହିଛନ୍ତି କଟକ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଓ ସାହେବ ସିନ୍ଦେ ।

## ନବୀନଙ୍କ...

କାଉନସିଲ (ଏସ୍‌ଡିସି) ଗଠନ କରିଥିଲେ ।

ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଜାରି ସୂଚନା ଅନୁସାରେ, ରାଜ୍ୟର ସମସ୍ତ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଭଙ୍ଗ କରିବା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି । ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଏ ସଂକ୍ରାନ୍ତ ପ୍ରସ୍ତାବକୁ ଅନୁମୋଦନ କରିଛନ୍ତି । ୨୦୧୭ ମସିହାରେ ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼, ଗଜପତି, କନ୍ଧମାଳ, ରାୟଗଡ଼ା, ମାଲକାନଗିରି, ନବରଙ୍ଗପୁର ଓ କୋରାପୁଟ ଜିଲ୍ଲାରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଗଠନ କରିଥିଲେ । ଏହାର ଅଧ୍ୟକ୍ଷ ଓ ସଦସ୍ୟ ପଦବୀରେ ବିଜେଡିର ନେତାମାନଙ୍କୁ ଥଇଥାନ କରାଯାଇଥିଲା । ପରବର୍ତ୍ତୀ ସମୟରେ ୨୦୨୩ ମେ’ ମାସରେ ଅନୁଗୁଳ, ବୌଦ୍ଧ, ବଲାଙ୍ଗୀର, ବାଲେଶ୍ୱର, ବରଗଡ, ଦେବଗଡ, ଢେଙ୍କାନାଳ, ଗଂଜାମ, ଯାଜପୁର, ଝାରସୁଗୁଡା, କଳାହାଣ୍ଡି, ନୂଆପଡା, ନୟାଗଡ ଓ ସମ୍ବଲପୁର ଏହି ୧୪ଟି ଜିଲ୍ଲାରେ ଏହି ପରିଷଦ ଗଠନ ହୋଇଥିଲା।

## ବାର୍ଡ ଫ୍ଲୁ...

ସଂକ୍ରମିତ ହୋଇଛନ୍ତି ସେସବୁର ତଥ୍ୟ ନେଇଛନ୍ତି । ତେବେ ଏଯାଏଁ ସଂକ୍ରମିତ ଅଞ୍ଚଳରେ ୩୦ ହଜାରରୁ ଅଧିକ କୁକୁଡା ମରାଯାଇଛି। କିନ୍ତୁ ମଣିଷ ଦେହରେ ସଂକ୍ରମଣ ଚିହ୍ନଟ ହୋଇନି। ଏହି ଟିମ୍ ସହ ରାଜ୍ୟ ପ୍ରାଣୀ ସମ୍ପଦ ବିଭାଗ ନିର୍ଦ୍ଦେଶକ ରାମାଶିଷ ହାଜରା, ଅତିରିକ୍ତ ନିର୍ଦ୍ଦେଶକ ମିହିର ନାୟକ ଓ ଯୁଗ୍ମ ନିର୍ଦ୍ଦେଶକ ରବୀନ୍ଦ୍ର ସେଠ ଉପସ୍ଥିତ ରହିଛନ୍ତି । ପ୍ରାଣୀ ଚିକିତ୍ସା ମନ୍ତ୍ରଣାଳୟ ଆଡିସିନାଲ କମିଶନର ଅଭିଜିତ ମିତ୍ର କହିଛନ୍ତି, ବାର୍ଡ ଫ୍ଲୁ ସ୍ଥିତି ଓ ଏହାକୁ ରୋକିବାକୁ କ’ଣ ସବୁ ପଦକ୍ଷେପ ନିଆଯାଇଛି, ତାହାର ସମୀକ୍ଷା କରିବୁ। କେନ୍ଦ୍ର ସରକାରଙ୍କ ଆକ୍ସନ ପ୍ଲାନ ଅନୁଯାୟୀ ପଦକ୍ଷେପ ନିଆଯିବ। ସଂପ୍ରତି ପୁରୀ ଜିଲ୍ଲା ବାର୍ଡ ଫ୍ଲୁ ହଟସ୍ପଟ୍ ପାଲଟିଛି। ପିପିଲି, ସତ୍ୟବାଦୀ, ନିମାପଡ଼ା ଓ ଡେଲାଙ୍ଗ ବ୍ଲକର ୪ ଗ୍ରାମରେ ବାର୍ଡ ଫ୍ଲୁ ଚିହ୍ନଟ କରାଯିବା ପରେ ରାଜ୍ୟ ସରକାରଙ୍କ ପ୍ରାଣୀ ଚିକିତ୍ସା ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲା । ସଂକ୍ରମିତ ଅଞ୍ଚଳର ଏକ କିଲୋମିଟର ପରିଧି ମଧ୍ୟରେ ଥିବା କୁକୁଡା ଫାର୍ମରେ ବାର୍ଡ କଲିଂ କରାଯାଇଥିଲା। ୫୧ଟି ରାପିଡ ରେସପେନ୍ସ ଟିମ୍ ପକ୍ଷୀମାନଙ୍କୁ ମାରିବା ଓ କୁକୁଡା ବିଶୋଧନ କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି । ଏ ଯାଏଁ ୩୫ ହଜାର ୩୨୯ କୁକୁଡା ମରାଯାଇ ୧୫ ହଜାର ୩୮୦ କେଜି ଦାନା ନଷ୍ଟ କରାଯାଇଛି । ସେହିପରି କ୍ଷତିଗ୍ରସ୍ତ କୁକୁଡା ଚାଷୀଙ୍କୁ ୨୦ ଲକ୍ଷ ୯୪ ହଜାର ୫୭୨ ଟଙ୍କା କ୍ଷତିପୂରଣ ପ୍ରଦାନ କରାଯାଇଛି । ସେପଟେ ବାର୍ଡ ଫ୍ଲୁ ଯେମିତି ଅଲଗା ଜିଲ୍ଲାକୁ ନ ବ୍ୟାପେ, ସେନେଇ ପ୍ରାଣୀ ସମ୍ପଦ ବିଭାଗ ସଚେତନ ରହିଛି।

## ବିଧାନସଭାରେ...

ଅଳ୍ପଦିନ ତଳେ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମଙ୍କ ପତ୍ନୀ ଭୁବନେଶ୍ୱରରେ ଡେଙ୍ଗୁରେ ଆକ୍ରାନ୍ତ ହୋଇ ଚିକିତ୍ସାଧିନ ଅବସ୍ଥାରେ ପ୍ରାଣ ହରାଇଥିବା ନେଇ ଖୋଦ୍ ଜୁଏଲ ଗଣମାଧ୍ୟମକୁ କହିଥିଲେ । ଏବେ ସରକାର କିଭଳି କେନ୍ଦ୍ରମନ୍ତ୍ରୀଙ୍କ କଥାକୁ ଫାଙ୍କି ଦେଉଛନ୍ତି ? ସରକାର ଏହା ଉପରେ କି ଉତ୍ତର ରଖିବେ ତାହାକୁ ନେଇ ବିରୋଧିଦଳ ଅପେକ୍ଷା କରିଛନ୍ତି ।

ସେହିଭଳି ଆଉ କିଛି ଲିଖିତ ପ୍ରଶ୍ନର ଉତ୍ତର ଅତ୍ୟନ୍ତ ବେପରୁଆ ଭାବେ ଆସୁଛି । ପ୍ରଶ୍ନ ଗୋଟିଏ ଆଡେ ହେଲେ ଉତ୍ତର ଗୋଟିଏ ଆଡେ । ଅବଶ୍ୟ ଶାସକଦଳର ବିଧାୟକମାନେ ଏଭଳି ଉତ୍ତର ପାଉଥିଲେ ବି ଦଳ ଦାଏରେ ଗୃହରେ ପ୍ରତିବାଦ କରୁ ନାହାନ୍ତି । ଏହାବାଦ୍ ଗୃହରେ ଆଲୋଚନା ଚାଲିଥିବାବେଳେ କିଛି ଅଫିସର ମଧ୍ୟ ଅଫିସର ଗ୍ୟାଲେରିରେ ରହୁନାହାନ୍ତି। ଗୃହ ବିଭାଗର ଆଲୋଚନା ଚାଲିଥିବାବେଳେ ଏହାକୁ ନେଇ ବିରୋଧି ସଦସ୍ୟମାନେ ଅସନ୍ତୋଷ ପ୍ରକଟ କରିଥିଲେ ।

ଉଲ୍ଲେଖନୀୟ ଯେ ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀମାନଙ୍କ ପାଇଁ ବିଧାୟକମାନେ ପଚାରିଥିବା ପ୍ରଶ୍ନର ଉତ୍ତର ବିଭିନ୍ନ ବିଭାଗଗୁଡିକ ପ୍ରସ୍ତୁତ କରିଥାନ୍ତି । ପରେ ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀମାନଙ୍କ ଦପ୍ତର ଏହାକୁ ଯାଞ୍ଚ କଲାପରେ ବିଧାନସଭାରେ ଉପସ୍ଥାପିତ ହୋଇଥାଏ । ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀଙ୍କ ଦପ୍ତରରେ ବରିଷ୍ଠ ଓ ଅଭିଜ୍ଞ ଅଫିସରମାନେ ଥିବା ସତ୍ତ୍ୱେ ଏଭଳି ଉତ୍ତର କିଭଳି ଆସିଯାଉଛି ତାହାକୁ ନେଇ ଏବେ ଅନେକ ଆଶ୍ଚର୍ଯ୍ୟ ପ୍ରକଟ କରୁଛନ୍ତି । ବାବୁମାନେ ବେପରୁଆ ଭାବେ ଉତ୍ତର ଦେଉଥିବା ମଧ୍ୟ ଆଉ କିଛି କହୁଛନ୍ତି । ଏହି ସ୍ଥିତି ଆଗକୁ ଲାଗି ରହିଲେ ସରକାର କେବଳ ଅପଦସ୍ତ ହେବେନାହିଁ ବିରୋଧିଦଳକୁ ବିନା ପରିଶ୍ରମରେ ପ୍ରସଙ୍ଗ ମିଳିଯିବ ବୋଲି କୁହାଯାଉଛି ।

## ଭଦ୍ରକରୁ...

ଜାହିର ହେଉଛି ଭଦ୍ରକର ମୂଳ ବାସିନ୍ଦା। ତା’ ଘର ବାସୁଦେବପୁର ଥାନା ଶୁକଦେବପୁର ୱାର୍ଡ ନମ୍ବର ୧୩ରେ। ସାଜିଦ ଖାନଙ୍କ ପୁଅ ଜାହିର ଗତ ୭ ବର୍ଷ ହେବ ପ୍ରୟାଗରାଜ ଠାରେ ଥିବା ଏକ ମଦ୍ରାସାରେ ମୌଲାନା ପାଠ ପଢୁଥିବା ପରିବାର ଲୋକେ ସୂଚନା ଦେଇଛନ୍ତି। ୮ ଦିନ ପୂର୍ବରୁ ପୁଅକୁ ଏପରି ଏକ ଘଟଣାରେ ପୋଲିସ ଗିରଫ କରିଥିବା ଫୋନ ଆସିଥିଲା ବୋଲି ପରିବାର ସୂତ୍ରରୁ ଜଣାପଡିଛି। ଏହି ଖବରକୁ ନେଇ ବାସୁଦେବପୁର ପୋଲିସ ସାଜିଦକୁ ଡାକି ପଚାରଉଚରା କରିଥିବା ସୂଚନା ମିଳିଛି।

ଅନ୍ୟପକ୍ଷରେ ସାଜିଦ୍ ଖାଁ କହିଛନ୍ତି, ଭୁଲ୍ କାମକୁ ବାପାମା ପ୍ରୋତ୍ସାହନ ଦେବା କଥା ନୁହେଁ। ମୁଁ ମଧ୍ୟ ଦେବି ନାହିଁ। ମୋ ପୁଅ ଯଦି ଜାଲ ନୋଟ୍ କାରବାରରେ ସଂପୃକ୍ତ ଥିବ ତାହାହେଲେ ତାକୁ କଡ଼ା ଦଣ୍ଡ ମିଳିବା ଦରକାର। ପୁଅ ରହୁଥିବା ଘରୁ ଜାଲ ନୋଟ ଓ ଜାଲ ନୋଟ ଛପା ଯାଉଥିବା ମେସିନ ମିଳିଥିବା ଖବର ପାଇଛି। ପୁଅକୁ ଗିରଫ କରିବା ପର ଦିନ ୟୁପିରୁ ଫୋନ୍ ଆସିଥିଲା। ପୁଅ ‘ଆହ୍ଲାବାଦ ମଦ୍ରାସାରେ ପଢୁଥିଲା। ପାଠପଢ଼ାରେ ଦୁର୍ବଳ ଥିଲା। ଏଥିପାଇଁ ୮/୯ ମାସ ହେଲାଣି ତା’ ସହ କଥା ହେଉ ନ ଥିଲି ବୋଲି ସାଜିଦ କହିଛନ୍ତି।

ମଦ୍ରାସାରେ ଜାଲ ନୋଟ କାରବାର ମାମଲାରେ ପ୍ରୟାଗରାଜ ଡିସିପରି ଦୀପକ ଭୁକର କହିଛନ୍ତି, ପୋଲିସ ଏବେ ସେମାନଙ୍କ ବିରୋଧରେ ତଦନ୍ତ କରୁଛି । ଗିରଫ ୪ ଜଣ ଆତଙ୍କୀ ସଙ୍ଗଠନ ସହ ଲିଙ୍କ୍‌ରେ ଅଛନ୍ତି କି ନାହିଁ କିମ୍ବା ବିଦେଶୀ ସଙ୍ଗଠନ ସହ ମିଶି ଦେଶର ଅର୍ଥବ୍ୟବସ୍ଥାକୁ ନଷ୍ଟ କରିବାକୁ ଯୋଜନା କରୁଥିଲେ କି ଏନେଇ ତଦନ୍ତ ଚାଲିଛି।

## ପ୍ୟାରିସ୍‌ପାରାଲିମ୍ପିକ୍ସ ୨୦୨୪

# ସଟ୍‌ପୁଟ୍‌ରେ ସଚିନଙ୍କୁ ରୌପ୍ୟ




ପ୍ୟାରିସ୍, ୪।୯: ଭାରତୀୟ ପାରା ଆଥ୍‌ଲେଟ୍ ତଥା ବିଶ୍ୱ ଚାମ୍ପିଅନ୍ ସଚିନ ଖିଲାରୀ ପ୍ୟାରିସ୍ ପାରାଲିମ୍ପିକ୍ସରେ ବୁଧବାର ସପ୍ତମ ଦିନ ସଟ୍‌ପୁଟ୍‌ରେ ରୌପ୍ୟ ପଦକ ହାସଲ କରିଛନ୍ତି। ପୁରୁଷ ଏଫ୍46 ଇଭେଣ୍ଟର ଫାଇନାଲ୍‌ରେ ସେ 16.32 ମିଟର ସ୍କୋର୍ ସହ ଏସୀୟ ରେକର୍ଡର ମଧ୍ୟ ଅଧିକାରୀ ହୋଇଛନ୍ତି। କିନ୍ତୁ ମହିଳା ଏଫ୍46 ଇଭେଣ୍ଟରେ ଅମୀଷା ବିଫଳ ହୋଇଛନ୍ତି। ସେ 9.25ମି. ଥ୍ରୋ' କରି 14ତମ ସ୍ଥାନରେ ରହିଥିଲେ। ଏହା ସହିତ ଭାରତର ପଦକ ସଂଖ୍ୟା 21ରେ ପହଞ୍ଚିଛି, ଯେଉଁଥିରେ 3 ସ୍ୱର୍ଣ୍ଣ, 8 ରୌପ୍ୟ ଓ 10 କାଂସ୍ୟ ପଦକ ରହିଛି। ପାରାଲିମ୍ପିକ୍ସ ଇତିହାସରେ ଏହା ଭାରତର ସର୍ବଶ୍ରେଷ୍ଠ ପ୍ରଦର୍ଶନ। ଏହା ପୂର୍ବରୁ ଭାରତ ଟୋକିଓ କ୍ରୀଡ଼ାରେ 19 ପଦକ ଜିତିଥିଲା।

ଷଷ୍ଠ ଦିବସରେ ଭାରତ ପାଞ୍ଚ ପଦକ ଜିତିଥିଲା ଏବଂ ସମସ୍ତ ପଦକ ଆଥ୍‌ଲେଟିକ୍ସରୁ ଆସିଥିଲା। ସର୍ବପ୍ରଥମେ ମହିଳା 400ମି. ଟି20 ଇଭେଣ୍ଟରେ ଦୀପ୍ତି ଜୀଭାଞ୍ଜି କାଂସ୍ୟ ପଦକ ଜିତିଥିଲେ। ସେ 55.82 ସେକେଣ୍ଡରେ ରେସ୍ ପୂରା କରିଥିଲେ। ଏହାପରେ ପୁରୁଷ ଜାଭଲିନ୍ ଥ୍ରୋ' ଏଫ୍46ରେ ଅଜିତ୍ ସିଂହ 65.62ମି. ସ୍କୋର୍ କରି ରୌପ୍ୟ ଓ ସୁନ୍ଦର ସିଂହ ଗୁର୍ଜର 64.96ମି. ସ୍କୋର୍ କରି କାଂସ୍ୟ ପଦକ ପାଇଥିଲେ। ଅନ୍ୟତମ ଭାରତୀୟ ରିଙ୍କୁ (61.58ମି.) ପଞ୍ଚମ ସ୍ଥାନରେ ରହିଥିଲେ।

ପୁରୁଷ ହାଇଜମ୍ପ୍ ଟି42ରେ ଶରଦ କୁମାର 1.88ମି. ସ୍କୋର୍ କରି ରୌପ୍ୟ ଓ ମରିୟପ୍ପନ୍ ଥାଙ୍ଗାଭେଲୁ 1.85ମି. ସ୍କୋର୍ କରି କାଂସ୍ୟ ପଦକ ହାସଲ କରିଥିଲେ। ଅନ୍ୟତମ ଭାରତୀୟ ଶୈଳେଶ କୁମାର ଚତୁର୍ଥ ସ୍ଥାନରେ ରହିଥିଲେ।



# ରାଜସ୍ଥାନ ରୟାଲ୍ସର ମୁଖ୍ୟ କୋଚ୍ ହେବେ ଦ୍ରାବିଡ଼

ନୂଆଦିଲ୍ଲୀ, ୪।୯: ଟିମ୍ ଇଣ୍ଡିଆର ପୂର୍ବତନ ମୁଖ୍ୟ କୋଚ୍ ରାହୁଲ ଦ୍ରାବିଡ଼ ଏବେ ଇଣ୍ଡିଆନ୍ ପ୍ରିମିଅର୍ ଲିଗ୍ (ଆଇପିଏଲ୍) ଫ୍ରାଞ୍ଚାଇଜ୍ ରାଜସ୍ଥାନ ରୟାଲ୍ସର ମୁଖ୍ୟ କୋଚ୍ ହେବେ। ତେବେ ଏଥିନେଇ ଫ୍ରାଞ୍ଚାଇଜ୍ ପକ୍ଷରୁ ବିଧିବଦ୍ଧ ଘୋଷଣା ହୋଇ ନାହିଁ।

ଫ୍ରାଞ୍ଚାଇଜ୍‌ର ଜଣେ ଅଧିକାରୀ ଏକ ନ୍ୟୁଜ୍ ଏଜେନ୍ସିକୁ କହିଛନ୍ତି, "ଦ୍ରାବିଡ଼ଙ୍କ ଫ୍ରାଞ୍ଚାଇଜ୍ ସହ ଚୁକ୍ତି ସ୍ୱାକ୍ଷର କରିବା ନେଇ କଥାବାର୍ତ୍ତା ଶେଷ ପର୍ଯ୍ୟାୟରେ ଅଛି। ସେ ଶୀଘ୍ର ମୁଖ୍ୟ କୋଚ୍ ପଦବୀ ସମ୍ଭାଳିବେ। ସେ ଚଳିତ ବର୍ଷ ଶେଷ ବେଳକୁ ହେବାକୁ ଥିବା ନିଲାମୀ ପୂର୍ବରୁ ରିଟେନ୍‌ସନ୍ ଭଳି ପ୍ରସଙ୍ଗରେ ଟିମ୍ ସହିତ କାମ କରିବା ଆରମ୍ଭ କରିବେ।"

ଟିମ୍ ଇଣ୍ଡିଆରେ ଦ୍ରାବିଡ଼ଙ୍କ କୋଚିଂ ଷ୍ଟାଫ୍ ସଦସ୍ୟ ବିକ୍ରମ ରାଥୋଡ଼ ମଧ୍ୟ ରୟାଲ୍ସ ସହିତ ଚୁକ୍ତି ସ୍ୱାକ୍ଷର କରିପାରନ୍ତି, ଯିଏକି ବ୍ୟାଟିଂ କୋଚ୍ ଥିଲେ। ଶ୍ରୀଲଙ୍କାର ପୂର୍ବତନ କ୍ରିକେଟର୍ କୁମାର ସାଙ୍ଗାକାରା ୨୦୨୧ରୁ ରୟାଲ୍ସର କ୍ରିକେଟ୍ ନିର୍ଦ୍ଦେଶକ ଅଛନ୍ତି। ସେ ନିଜ ଭୂମିକା ବଜାୟ ରଖିବେ।

ଏଠାରେ ଉଲ୍ଲେଖଯୋଗ୍ୟ ଯେ ଦ୍ରାବିଡ଼ଙ୍କ ପ୍ରଶିକ୍ଷଣରେ ଭାରତୀୟ ଟିମ୍ ଚଳିତ ବର୍ଷ ଟି-୨୦ ବିଶ୍ୱକପ୍‌ରେ ଚାମ୍ପିଅନ୍ ହୋଇଥିଲା। ସେ ୨୦୧୨ ଓ ୨୦୧୩ରେ ରାଜସ୍ଥାନର ଅଧିନାୟକ ଥିବା ବେଳେ ୨୦୧୪ ଓ ୨୦୧୫ରେ ଟିମ୍ ନିର୍ଦ୍ଦେଶକ ଓ ମେଣ୍ଟର ଦାୟିତ୍ୱ ତୁଲାଇଥିଲେ।

## ୟୁଏସ୍ ଓପନ୍ ଗ୍ରାଣ୍ଡସ୍ଲାମ୍

# ମହିଳା ଏକକ ସେମିରେ ନଭାରୋ-ସାବାଲେଙ୍କା




ନ୍ୟୁୟର୍କ, ୪।୯: ୧୩ତମ ସିଡ୍ ଆମେରିକୀୟ ମହିଳା ଖେଳାଳି ଏମା ନଭାରୋ ୟୁଏସ ଓପନ୍‌ରେ ପ୍ରଥମ ଥର କୌଣସି ଗ୍ରାଣ୍ଡସ୍ଲାମ୍ ସେମିଫାଇନାଲ୍‌ରେ ପହଞ୍ଚିଛନ୍ତି, ଯେଉଁଠି ସେ ତୃତୀୟ ମେଜର୍ ମୁକୁଟ ଲକ୍ଷ୍ୟରେ ଥିବା ଦ୍ୱିତୀୟ ସିଡ୍ ବେଲାରୁଷୀୟ ଆରିନା ସାବାଲେଙ୍କାଙ୍କ ଆହ୍ୱାନର ସମ୍ମୁଖୀନ ହେବେ। ମହିଳା ଏକକ କ୍ୱାର୍ଟର୍‌ଫାଇନାଲ୍‌ରେ ନଭାରୋ ପଉଲା ବଦୋସାଙ୍କ ବିପକ୍ଷରେ ଉଲ୍ଲେଖନୀୟ ପ୍ରତ୍ୟାବର୍ତ୍ତନ କରିଥିଲେ। ଦ୍ୱିତୀୟ ସେଟ୍‌ରେ ପଛରେ ରହିବା ପରେ ସେ କ୍ରମାଗତ ଛଅ ଗେମ୍ ଜିତି ୬-୨, ୭-୫ରେ ବିଜୟୀ ହୋଇଥିଲେ। ଏହା ପୂର୍ବରୁ ସେ ଚତୁର୍ଥ ରାଉଣ୍ଡରେ ନିଜ ଦେଶର ଡିଫେଣ୍ଡିଂ ଚାମ୍ପିଅନ୍ କୋକୋ ଗଫ୍‌ଙ୍କୁ ବିଦାୟର ରାସ୍ତା ଦେଖାଇଥିଲେ।

ଅନ୍ୟ ଏକ କ୍ୱାର୍ଟର୍‌ରେ ସାବାଲେଙ୍କା ବିଶ୍ୱର ସାତ ନମ୍ବର ଖେଳାଳି ତଥା ଅଲିମ୍ପିକ୍ ଚାମ୍ପିଅନ୍ ଝେଙ୍ଗ୍ କିନୱେନ୍‌ଙ୍କୁ ୬-୧, ୬-୨ ସିଧା ସେଟ୍‌ରେ ମାତ୍ ଦେଇଥିଲେ। ଏହା ଚଳିତ ବର୍ଷର ଅଷ୍ଟ୍ରେଲିଆନ୍ ଓପନ୍ ଫାଇନାଲ୍‌ର ରିମ୍ୟାଚ୍ ଥିଲା, ଯେଉଁଠି ସାବାଲେଙ୍କା ଚୀନ୍ ଖେଳାଳିଙ୍କୁ ହରାଇ ମେଲ୍‌ବର୍ଣ୍ଣରେ କ୍ରମାଗତ ଦ୍ୱିତୀୟ ମୁକୁଟ ହାସଲ କରିଥିଲେ।

ସାବାଲେଙ୍କା ନ୍ୟୁୟର୍କ ଠାରେ କ୍ରମାଗତ ଚତୁର୍ଥ ଥର ସେମିଫାଇନାଲ୍‌ରେ ସ୍ଥାନ ।ଇଛନ୍ତି। ଗତ ବର୍ଷ ସେ ଗଫ୍‌ଙ୍କ ଠାରୁ ହାରି ରନର୍ସଅପ୍ ହୋଇଥିଲେ। ସେ ୨୦୧୬ରେ ଆଞ୍ଜେଲିକ୍ କେର୍ବରଙ୍କ ପରେ ପ୍ରଥମ ମହିଳା ଭାବେ ଗୋଟିଏ ବର୍ଷରେ ଉଭୟ ହାର୍ଡକୋର୍ଟ ମେଜର୍- ଅଷ୍ଟ୍ରେଲିଆନ ଓପନ୍ ଓ ୟୁଏସ୍ ଓପନ୍ ଜିତିବା ପାଇଁ ଲକ୍ଷ୍ୟ ରଖିଛନ୍ତି।

ଟେନିସ୍ ଲିଜେଣ୍ଡ ରୋଜର ଫେଡେରର୍ ଷ୍ଟାଣ୍ଡରେ ବସି ଏହି ମ୍ୟାଚ୍ ଦେଖିଥିଲେ। ଅବସର ରେ ପ୍ରଥମ ଥର ତାଙ୍କୁ ୟୁଏସ୍ ଓନ୍‌ରେ ଦେଖିବାକୁ ମିଳିଥିଲା। ଅନ୍ୟ ଏକ ସେମିଫାଇନାଲ୍ ମ୍ୟାଚ୍‌ଅପ୍ ବୁଧବାର ସ୍ଥିର ହେବ। ଅନ୍ୟ କ୍ୱାର୍ଟର୍‌ଫାଇନାଲ୍‌ରେ ବିଶ୍ୱର ଏକ ନମ୍ବର ଇଗା ସ୍ୱିଆତେକ୍ ଓ ଛଅ ନମ୍ବର ଜେସିକା ପେଗୁଲୋ ଏବଂ ୨୨ ନମ୍ବର ବିଟ୍ରିଜ୍ ହଦାଦ୍ ମାଇଆ ଓ ଅନ୍‌ସିଡ୍ କାରୋଲିନା ମୁଚୋଭା ମଧ୍ୟରେ ମୁକାବିଲା ହେବ।

# ଅନ୍ତିମ-୪ରେ ଫ୍ରିଜ୍, ଟିଆଫୋ






ନ୍ୟୁୟର୍କ, ୪।୯: ଦୁଇ ଆମେରିକୀୟ - ୧୨ତମ ସିଡ୍ ଟେଲର୍ ଫ୍ରିଜ୍ ଓ ୨୦ତମ ସିଡ୍ ଫ୍ରାନ୍‌ସେସ୍ ଟିଆଫୋ ୟୁଏସ୍ ଓପନ୍ ପୁରୁଷ ଏକକ ସେମିଫାଇନାଲ୍‌ରେ ପ୍ରବେଶ କରିଛନ୍ତି, ଯେଉଁଠି ଉଭୟଙ୍କର ମଧ୍ୟରେ ମୁକାବିଲା ହେବ।

ଫ୍ରିଜ୍ କ୍ୱାର୍ଟର୍‌ଫାଇନାଲ୍‌ରେ ୨୦୨୦ ୟୁଏସ୍ ଓପନ୍ ରନର୍ସଅ୍ ତଥା ଚତୁର୍ଥ ସିଡ୍ ଆଲେକ୍‌ଜାଣ୍ଡର ଜ୍ୱେରେଭ୍‌ଙ୍କୁ ୭-୬ (୨), ୩-୬, ୬-୪, ୭-୬ (୩) ସେଟ୍‌ରେ ପରାସ୍ତ କରିଥିଲେ। ଏହି କଷ୍ଟସାଧ୍ୟ ବିଜୟ ସହ ସେ ପ୍ରଥମ ଥର କୌଣସି ଗ୍ରାଣ୍ଡସ୍ଲାମ୍ ସେମିଫାଇନାଲ୍‌ରେ ସ୍ଥାନ ପାଇଛନ୍ତି। ଏହା ପୂର୍ବରୁ ଚଳିତ ବର୍ଷ ଅଷ୍ଟ୍ରେଲିଆନ୍ ଓନ୍ ଚତୁର୍ଥ ରାଉଣ୍ଡରେ ମଧ୍ୟ ସେ ଜ୍ୱେରେଭ୍‌ଙ୍କୁ ମାତ୍ ଦେଇଥିଲେ। ଅନ୍ୟ ଏକ କ୍ୱାର୍ଟର୍‌ରେ ଟିଆଫୋ ବିଶ୍ୱର ନଅ ନମ୍ବର ଖେଳାଳି ଗ୍ରିଗୋର ଦିମିତ୍ରୋଭଙ୍କୁ ଭେଟିଥିଲେ। ତେବେ ବୁଲ୍‌ଗେରୀୟ ଖେଳାଳି ଆଘାତ ଯୋଗୁଁ ମ୍ୟାଚ୍ ଅଧାରୁ ଓହରି ଯାଇଥିଲେ। ଫଳରେ ଟିଆଫୋ ତିନି ବର୍ଷ ମଧ୍ୟରେ ଦ୍ୱିତୀୟ ଥର ୟୁଏସ୍ ଓପନ୍ ସେମିଫାଇନାଲ୍‌ରେ ସ୍ଥାନ ପାଇଥିଲେ।

# ପୁଅକୁ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଘରେ ଛାଡ଼ିଲେ ନତାଶା



ମୁମ୍ବାଇ, ୪।୯: ଭାରତୀୟ ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ଏବଂ ପତ୍ନୀ ନତାଶା ଷ୍ଟାନକୋଭିକଙ୍କ ଛାଡ଼ପତ୍ର ପରେ ଏକ ନୂଆ ଖବର ସାମ୍ନାକୁ ଆସିଛି। ସେମାନଙ୍କ ପୁଅ ଅଗସ୍ତ୍ୟ ଏବେ ମୁମ୍ବାଇରେ ଥିବା ଜଣାପଡିଛି। ଛାଡପତ୍ର ପରେ ନତାଶା ପୁଅକୁ ନେଇ ସର୍ବିଆ ପଳାଇଥିଲେ। କିନ୍ତୁ ପରେ ସେ ମୁମ୍ବାଇର ହାର୍ଦ୍ଦିକଙ୍କ ଘରେ ଅଗସ୍ତ୍ୟାକୁ ଛାଡିଥିବା ଜଣାପଡିଛି। ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଭାଇ କୁନାଲ ପାଣ୍ଡ୍ୟାଙ୍କ ପତ୍ନୀ ପଂଖୁଡ଼ି ଶର୍ମା ଅଗସ୍ତ୍ୟର ଫଟୋ ଶେଆର କରିବା ପରେ ଏହା ସ୍ପଷ୍ଟ ହୋଇଛି। ପଂଖୁଡ଼ି ଇନଷ୍ଟାଗ୍ରାମରେ ଅଗସ୍ତ୍ୟ ଏବଂ ନିଜ ପୁଅ କବୀରଙ୍କ ସହ ଏକ କ୍ୟୁଟ୍ ଭିଡିଓ ଶେଆର କରିଛନ୍ତି। ସର୍ବିଆ ନେଇ ଯାଇଥିବା ଅଗସ୍ତ୍ୟଙ୍କୁ ନତାଶା ସୋମବାର ମୁମ୍ବାଇରେ ଛାଡ଼ି ଯାଇଥିବା କୁହାଯାଉଛି। କିନ୍ତୁ ନତାଶା ମୁମ୍ବାଇରେ ଅଛନ୍ତି ନା ସର୍ବିଆ ଚାଲି ଯାଇଛନ୍ତି, ତାହା ସ୍ପଷ୍ଟ ହୋଇନାହିଁ।

୨୦୨୦ରେ ହାର୍ଦ୍ଦିକ ଓ ନତାଶା ବିବାହ କରିଥିଲେ। ଏହାପରେ ୨୦୨୩ରେ ପୁଣି ପାରମ୍ପରିକ ରୀତିନୀତି ଅନୁସାରେ ପୁନର୍ବାର ବିବାହ କରିଥିଲେ। ଛାଡ଼ପତ୍ରକୁ ନେଇ ଚାଲିଥିବା ଚର୍ଚ୍ଚା ମଧ୍ୟରେ ଚଳିତ ବର୍ଷ ଜୁଲାଇରେ ଉଭୟ ଅଲଗା ହୋଇଥିଲେ। ଏହାପରେ ନତାଶା ଅଗସ୍ତ୍ୟଙ୍କୁ ନେଇ ସର୍ବିଆ ଚାଲି ଯାଇଥିଲେ।

# ମୋ ପୁଅ କ୍ୟାରିୟର୍ ନଷ୍ଟ କରିଦେଇଛନ୍ତି ଧୋନୀ: ଯୁବରାଜ ସିଂଙ୍କ ବାପା



ନୂଆଦିଲ୍ଲୀ,୪।୯:ପୂର୍ବତନ ଭାରତୀୟ କ୍ରିକେଟର ଯୁବରାଜ ସିଂଙ୍କ ବାପା ଯୋଗରାଜ ସିଂ ପୁଣି ଥରେ ଏମଏସ ଧୋନୀଙ୍କୁ ଟାର୍ଗେଟ୍ କରିଛନ୍ତି। ନିଜେ ଭାରତ ପାଇଁ ଖେଳିଥିବା ଯୋଗରାଜ ଧୋନୀଙ୍କୁ ସମାଲୋଚନା କରି ତାଙ୍କ ପୁଅ ଯୁବରାଜଙ୍କ କ୍ୟାରିୟର ନଷ୍ଟ କରିଥିବା ଅଭିଯୋଗ କରିଛନ୍ତି। ଧୋନୀଙ୍କୁ ଜୀବନରେ କେବେ କ୍ଷମା କରିପାରିବି ନାହିଁ। ଯୋଗରାଜଙ୍କ ଏହି ମନ୍ତବ୍ୟ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଯୋଗରାଜ କହିଛନ୍ତି, ମୁଁ ଏମଏସ ଧୋନୀଙ୍କୁ କ୍ଷମା କରିବି ନାହିଁ। ସେ ଦର୍ପଣରେ ତାଙ୍କ ମୁହଁକୁ ଦେଖିବା ଉଚିତ୍। ଜୀବନରେ ମୁଁ ୨ ଜିନିଷକୁ କଦାପି କ୍ଷମା କରିପାରିବ ନାହିଁ - ପ୍ରଥମେ, ମୁଁ କାହାକୁ କ୍ଷମା କରି ନାହିଁ, ଯିଏ ମୋ ସହ ଅନ୍ୟାୟ କରିଛି ଏବଂ ଦ୍ୱିତୀୟରେ, ମୁଁ ମୋ ଜୀବନରେ ସେମାନଙ୍କୁ ଆଲିଙ୍ଗନ କରି ନାହିଁ, ଯେଉଁମାନେ ଖରାପ କାମ କରିଛନ୍ତି, ସେମାନେ ମୋର ପରିବାର ସଦସ୍ୟ ହୋଇଥାନ୍ତୁ ନା କାହିଁକି। ଧୋନିଙ୍କ ବିରୋଧରେ ଯୋଗରାଜ ସିଂଙ୍କ ସବୁଠାରୁ ବଡ ଅଭିଯୋଗ ହେଉଛି ଯେ, ସେ ଉଦ୍ଦେଶ୍ୟମୂଳକ ଭାବେ ଯୁବରାଜଙ୍କ କ୍ୟାରିଅରରେ ହସ୍ତକ୍ଷେପ କରିଥିଲେ। ସେ କହିଛନ୍ତି,ଧୋନୀ ତାଙ୍କ ନିଷ୍ପତ୍ତି ସହିତ ଯୁବରାଜଙ୍କ କ୍ୟାରିଅରକୁ ଛୋଟ କରିଛନ୍ତି, ଯାହା ଭାରତୀୟ କ୍ରିକେଟ ପାଇଁ ଏକ ବଡ କ୍ଷତି। ଯଦି ଧୋନୀ ଏଥିରେ ହସ୍ତକ୍ଷେପ କରି ନ ଥାନ୍ତେ, ତେବେ ଯୁବରାଜ ଆହୁରି ୪-୫ ବର୍ଷ ଖେଳିଥାନ୍ତେ। ୨୦୧୧ ବିଶ୍ୱକପ ଫାଇନାଲରେ ଧୋନୀଙ୍କ ପ୍ରଥମେ ବ୍ୟାଟିଂ କରିବାର ନିଷ୍ପତ୍ତି ଯୁବରାଜଙ୍କ ଗୌରବର ମୁହୂର୍ତ୍ତକୁ ଛଡ଼ାଇ ନେବା ଭଳି ଥିଲା।

## ୧୯୬୫ ପରେ ପ୍ରଥମ ଘଟଣା

# ଲଜ୍ଜାଜନକ ରେକର୍ଡ କଲା ପାକିସ୍ତାନ




ରାଓ୍ୱଲପିଣ୍ଡି,୪।୯: ବାଂଲାଦେଶ ବିପକ୍ଷରେ ଘରେ ଅପମାନଜନକ ପରାଜୟର ସମ୍ମୁଖୀନ ହେବା ପରେ ପାକିସ୍ତାନ ଦଳ ବହୁ ସମାଲୋଚନାର ସମ୍ମୁଖୀନ ହୋଇଛି। ଏହି ପରାଜୟର ଗୋଟିଏ ଦିନ ପରେ ପାକିସ୍ତାନ ଦଳ ଆଉ ଏକ ବଡ଼ ଝଟକା ଦେଇଛି। ୨ ମ୍ୟାଚ୍ ଟେଷ୍ଟ ସିରିଜରେ ପାକିସ୍ତାନ ଦଳ ପରାସ୍ତ ପରେ ଆଇସିସି ର୍ୟାଙ୍କିଙ୍ଗରେ ବଡ଼ଧରଣର ପରିବର୍ତ୍ତନ ହୋଇଛି। ପାକିସ୍ତାନ ଦଳର ଅବସ୍ଥା ଏତେ ଖରାପ ହୋଇଛି ଯେ ଶ୍ରୀଲଙ୍କା ଏବଂ ୱେଷ୍ଟଇଣ୍ଡିଜ ଭଳି ଦଳ ଏହା ଉପରେ ଅଛନ୍ତି। ପାକିସ୍ତାନ ତଳେ କେବଳ ୪ଟି ଦଳ ଅଛି। ସର୍ବଶେଷ ଆଇସିସି ଟେଷ୍ଟ ଦଳ ର୍ୟାଙ୍କିଙ୍ଗରେ ପାକିସ୍ତାନ ୨ଟି ସ୍ଥାନକୁ ଖସି ଆସିଛି ଏବଂ ବର୍ତ୍ତମାନ ୮ ନମ୍ବରରେ ପହଞ୍ଚିଛି। ପାକିସ୍ତାନର ଟେଷ୍ଟ କ୍ରିକେଟ ଇତିହାସରେ ଏହା ହେଉଛି ସବୁଠାରୁ ଖରାପ ଟେଷ୍ଟ ର୍ୟାଙ୍କିଙ୍ଗ୍।

୨୦୨୧ ପରଠାରୁ ଘରୋଇ ଟେଷ୍ଟ ମ୍ୟାଚରେ ପାକିସ୍ତାନର ପ୍ରଦର୍ଶନ ଖରାପ ରହିଛି। ପାକିସ୍ତାନ ଦଳ ଗତ ୧୦ଟି ଟେଷ୍ଟ ମ୍ୟାଚରୁ ୬ଟି ହାରିଥିବା ବେଳେ ବାକି ଚାରିଟି ଡ୍ର' ହୋଇଛି। ଘରୋଇ ଟେଷ୍ଟରେ ତାଙ୍କର ଶେଷ ବିଜୟ ଫେବୃଆରୀ ୨୦୨୧ରେ ହୋଇଥିଲା। ବାଂଲାଦେଶ ବିପକ୍ଷ ଟେଷ୍ଟ ସିରିଜ ପୂର୍ବରୁ ଆୟୋଜକ ପାକିସ୍ତାନ ଦଳ ଟେଷ୍ଟ ର୍ୟାଙ୍କିଙ୍ଗରେ ଷଷ୍ଠ ସ୍ଥାନରେ ରହିଥିଲା, କିନ୍ତୁ ଲଗାତାର ୨ ମ୍ୟାଚ ହାରିଯିବା ପରେ ଏହା ୭୬ ରେଟିଂ ପଏଣ୍ଟ ସହ ୱେଷ୍ଟଇଣ୍ଡିଜ ତଳେ ପହଞ୍ଚିଛି। ୧୯୬୫ ପରଠାରୁ ଟେଷ୍ଟ ର୍ୟାଙ୍କିଙ୍ଗରେ ଏହା ହେଉଛି ପାକିସ୍ତାନର ସର୍ବନିମ୍ନ ରେଟିଂ ପଏଣ୍ଟ। ୧୨୪ ରେଟିଂ ପଏଣ୍ଟ ସହ ସର୍ବଶେଷ ଆଇସିସି ଟେଷ୍ଟ ମାନ୍ୟତାରେ ଅଷ୍ଟ୍ରେଲିଆ ଶୀର୍ଷରେ ରହିଛି। ର୍ୟାଙ୍କିଙ୍ଗରେ ଭାରତ ଦ୍ୱିତୀୟ ସ୍ଥାନରେ ରହିଛି। ରେଟିଂ ପଏଣ୍ଟରେ ଅଷ୍ଟ୍ରେଲିଆ ତୁଳନାରେ ଟିମ ଇଣ୍ଡିଆ ମାତ୍ର ୪ ପଏଣ୍ଟ କମ ଅଟେ। ଇଂଲଣ୍ଡ, ଦକ୍ଷିଣ ଆଫ୍ରିକା ଏବଂ ନ୍ୟୁଜିଲ୍ୟାଣ୍ଡ ଯଥାକ୍ରମେ ତୃତୀୟ, ଚତୁର୍ଥ ଏବଂ ପଞ୍ଚମ ସ୍ଥାନରେ ଅଛନ୍ତି। ପାକିସ୍ତାନ ୨ ସ୍ଥାନ ହ୍ରାସ ହେତୁ ଶ୍ରୀଲଙ୍କା ଏବଂ ୱେଷ୍ଟଇଣ୍ଡିଜ ପ୍ରତ୍ୟେକ ସ୍ଥାନ ହାସଲ କରିଛନ୍ତି। ୱେଷ୍ଟଇଣ୍ଡିଜ ୭ ନମ୍ବରରେ ପହଞ୍ଚିଥିବା ବେଳେ ଶ୍ରୀଲଙ୍କା ଷଷ୍ଠ ସ୍ଥାନରେ ପହଞ୍ଚିଛି।

# ୫ହଜାର ଉଚ୍ଚଶିକ୍ଷାନୁଷ୍ଠାନ ହେବ ଉତ୍କର୍ଷ କେନ୍ଦ୍ର



- ➢ୟୁଜିସି ନିୟମାବଳୀ ସଂକଳନ (୧୯୫୭-୨୦୨୩) ଉନ୍ମୋଚନ କଲେ କେନ୍ଦ୍ରମନ୍ତ୍ରୀ
- ➢ଶିକ୍ଷାର୍ଥୀ କେନ୍ଦ୍ରୀତ ଓ ବହୁବିଭାଗୀୟ ଶିକ୍ଷାର ସୁବିଧା ପାଇଁ 'ସଂସ୍ଥାଗତ ବିକାଶ ଯୋଜନା' ଗୁରୁତ୍ୱ ଦେଉ
- ➢ବିକଶିତ ଭାରତର ପରିକଳ୍ପନାକୁ ସାକାର କରିବାରେ ଉଚ୍ଚଶିକ୍ଷାନୁଷ୍ଠାନ ନେବ ଗୁରୁତ୍ୱପୂର୍ଣ୍ଣ ଭୂମିକା
- ➢ଶିକ୍ଷା ଭାରତକୁ ଏକ ଉପଭୋକ୍ତା ଅର୍ଥନୀତିରୁ ଉତ୍ପାଦକ ଅର୍ଥନୀତିରେ ପରିଣତ କରିବ
- ➢ଉଚ୍ଚ ଶିକ୍ଷା କ୍ଷେତ୍ରରେ ପରିବର୍ତ୍ତନ ସହ ଜାତୀୟ ପ୍ରାଥମିକତା ହାସଲ ପାଇଁ ସମୟୋପଯୋଗୀ କାର୍ଯ୍ୟ କରିବା

**ନୂଆଦିଲ୍ଲୀ,୪।୯:** ସେପ୍ଟେମ୍ବର ୦୪ - ସର୍ବବ୍ୟାପୀ ଓ ସର୍ବସ୍ପର୍ଶୀ ଆଭିମୁଖ୍ୟ ମାଧ୍ୟମରେ ଭାରତରେ ଥିବା ପ୍ରାୟ ୫୦୦୦ଟି ଉଚ୍ଚ ଶିକ୍ଷାନୁଷ୍ଠାନକୁ ଉତ୍କର୍ଷ କେନ୍ଦ୍ରରେ ପରିଣତ କରିବା ପାଇଁ ଆହ୍ୱାନ କରିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ବୁଧବାର ଉଚ୍ଚଶିକ୍ଷା ଅନୁଷ୍ଠାନଗୁଡିକ ପାଇଁ ସଂସ୍ଥାଗତ ବିକାଶ ଯୋଜନା(ଆଇପିଡି) ଉପରେ ଆୟୋଜିତ ଦିନିକିଆ କର୍ମଶାଳାକୁ ଉଦଘାଟନ କରିବା ଅବସରରେ ଶ୍ରୀ ପ୍ରଧାନ ଏହା କହିଛନ୍ତି । ଏହି କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ୟୁଜିସି ନିୟମାବଳୀ ସଂକଳନକୁ ୟୁଜିସିର ସମସ୍ତ ନିୟମର ଏକକ, ସୁଲଭ ଏବଂ ବିଶ୍ୱସନୀୟ ଉତ୍ସ ଭାବରେ ଉନ୍ମୋଚନ କରିଥିଲେ । ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ଜାତୀୟ ଶିକ୍ଷା ନୀତିର ମୂଲ୍ୟବୋଧ ଏବଂ ବିଚାରକୁ ଗ୍ରହଣ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିକଶିତ ଭାରତର ପରିକଳ୍ପନାକୁ ସାକାର କରିବାରେ ଦେଶର ଉଚ୍ଚ ଶିକ୍ଷାନୁଷ୍ଠାନଗୁଡିକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ । ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ଶିକ୍ଷାର ଉଦ୍ଦେଶ୍ୟ ଏବଂ ତାଞ୍ଚା ଉପରେ ଆଲୋକପାତ କରିବା ସହ ଯୁବବର୍ଗଙ୍କୁ ସଶକ୍ତ କରିବା ଏବଂ ସେମାନଙ୍କୁ ଭବିଷ୍ୟତ ପାଇଁ ପ୍ରସ୍ତୁତ କରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି । ଦେଶରେ ମୋଟ ନାମଲେଖା ଅନୁପାତକୁ ଦ୍ୱିଗୁଣିତ କରିବା, ଅଧିକାଂଶ ଜନସଂଖ୍ୟାକୁ ଉଚ୍ଚ ଶିକ୍ଷା ପରିସରକୁ ଆଣିବା ପାଇଁ ଶିକ୍ଷା ଜଗତକୁ ସେ ପରାମର୍ଶ ଦେଇଥିଲେ । ଏହାବ୍ୟତିତ ଜନସଂଖ୍ୟାଗତ ସୁବିଧାର ପ୍ରଭାବଶାଳୀ ଉପଯୋଗ, ଶୈକ୍ଷିକ, ଗବେଷଣା ଏବଂ ଇନୋଭେସନ ଉତ୍କର୍ଷତା ହାସଲ କରିବା, ସର୍ବବ୍ୟାପୀ ଓ ସର୍ବସ୍ପର୍ଶୀ ଆଭିମୁଖ୍ୟ ମାଧ୍ୟମରେ ୫୦୦୦ ଉଚ୍ଚ ଶିକ୍ଷାନୁଷ୍ଠାନଗୁଡିକୁ ଉତ୍କର୍ଷ କେନ୍ଦ୍ରରେ ପରିଣତ କରିବା ଦିଗରେ ଥିବା ମାର୍ଗ ଉପରେ କେନ୍ଦ୍ରମନ୍ତ୍ରୀ ଚର୍ଚ୍ଚା କରିଛନ୍ତି । କେନ୍ଦ୍ର ଶିକ୍ଷା ମନ୍ତ୍ରୀ କହିଛନ୍ତି, ଶିକ୍ଷା ଭାରତକୁ ଏକ ଉପଭୋକ୍ତା ଅର୍ଥନୀତିରୁ ଉତ୍ପାଦକ ଅର୍ଥନୀତିରେ ପରିଣତ କରିବ । ଅନୁଷ୍ଠାନିକ ଉନ୍ନତି ଯୋଜନାରେ ଆମର ବିଶାଳ ଜନସଂଖ୍ୟାର ଦକ୍ଷତା ବୃଦ୍ଧି, ଶିକ୍ଷାର୍ଥୀ-କେନ୍ଦ୍ରୀତ ଏବଂ ବହୁବିଭାଗୀୟ ଶିକ୍ଷାର ସୁବିଧା, ଉଚ୍ଚଶିକ୍ଷାରେ ଭାରତୀୟ ଭାଷାକୁ ସମନ୍ୱିତ କରିବା, ଉଦ୍ଭାବନ, ଉଦ୍ୟୋଗ ଏବଂ ନିଯୁକ୍ତି ସୃଷ୍ଟିକୁ ପ୍ରାଥମିକତା ଦେବା, ଶିକ୍ଷକମାନଙ୍କ ଦକ୍ଷତା ବୃଦ୍ଧି ଏବଂ ଗବେଷଣା ଓ ବିକାଶର ବିଶ୍ୱସ୍ତରୀୟ ମାନଦଣ୍ଡ ହାସଲ କରିବା ଉପରେ ପ୍ରାଥମିକତା ଦେବାକୁ ହେବ । ଆମର ଶିକ୍ଷା ଏପରି ହେବା ଦରକାର, ଯେଉଁ ଶିକ୍ଷା ଏକବିଂଶ ଶତାବ୍ଦୀର ଆକାଂକ୍ଷାକୁ ପୂରଣ କରିବା ସହ ସ୍ଥାନୀୟ ଏବଂ ବୈଶ୍ୱିକ ଆହ୍ୱାନର ସମାଧାନ କରିପାରିବ । ନୂଆ ମଡେଲ ଏବଂ ସାମ୍ପ୍ରତିକ ସମସ୍ୟାର ସମାଧାନ ପାଇଁ ଭାରତର ପ୍ରତିଭାବାନ ଯୁବଶକ୍ତିଙ୍କ ଉପରେ ବିଶ୍ୱର ନଜର ରହିଛି । ଶିକ୍ଷାନୁଷ୍ଠାନଗୁଡ଼ିକର ପୁନରୁଦ୍ଧାର, ଉଚ୍ଚ ଶିକ୍ଷା କ୍ଷେତ୍ରରେ ପରିବର୍ତ୍ତନ ଆଣିବା ଏବଂ ଜାତୀୟ ପ୍ରାଥମିକତା ହାସଲ ଦିଗରେ ଏକ ସମୟବଦ୍ଧ ଢଙ୍ଗରେ କାର୍ଯ୍ୟ କରିବାକୁ ଶିକ୍ଷାବିତ୍ ମାନଙ୍କୁ ଶ୍ରୀ ପ୍ରଧାନ ପରାମର୍ଶ ଦେଇଛନ୍ତି ।

# ବରସୁଆଁ ଖଣିରେ ସିବିଆଇ ରେଡ୍




## ଉନ୍ନତ ମାନର ଲୌହଗୁଣ୍ଡକୁ ନିମ୍ନ ମାନର ଦର୍ଶାଇ ବିକ୍ରି ହେରାଫେରିରେ ଜଡ଼ିତ ବରିଷ୍ଠ ଅଫିସରଙ୍କୁ ନୋଟିସ୍

**କୋଇଡ଼ା, ୪।୯ (ସଂଚାର ବ୍ୟୁରୋ):** ଟେନସା ସ୍ଥିତ ସେଲ୍ ଆର୍.ଏସ୍.ପି ପରିଚାଳିତ ବରସୁଆଁ ଲୌହଖଣିରେ ସିବିଆଇ ଚଢ଼ାଉ ଜାରି ରହିଛି। ସୁଚନା ମୁତାବକ ବିଗତ ଦୁଇ ତିନୋଟି ଆର୍ଥିକ ବର୍ଷରେ ସେଲ୍ ଆର୍.ଏସ୍.ପି ପରିଚାଳିତ ବରସୁଆଁ ଲୌହ ପଥର ଖଣି ବାରସୁଆଁ ଭେଲି ଟେଲିଙ୍ଗଡ୍ୟାମ୍ରେ ଗଚ୍ଛିତ ଥିବା ଲକ୍ଷ ଲକ୍ଷ ମେଟ୍ରିକ୍ ଟନ୍ ଲୌହ ପଥର ଗୁଣ୍ଡକୁ ଖଣି ବିଭାଗ ନିୟମ ଅନୁଯାୟୀ ବାରସୁଆଁ ଖଣି ପକ୍ଷରୁ ଷ୍ଟାକ୍ ପ୍ରସ୍ତୁତ କରାଯାଇ ଥାଏ। ପରେ ସ୍ଥାନୀୟ କୋଇଡ଼ା ଖଣି ବିଭାଗ ଦ୍ୱାରା ଉକ୍ତ ଷ୍ଟାକ୍ ର ମାନ ନିରୂପଣ କରି ସେଲ୍ ପକ୍ଷରୁ ଉକ୍ତ ଷ୍ଟାକ୍ ବାବଦ ରାଜସ୍ୱ ପୈଠ କରାଯିବା ପରେ ଉକ୍ତ ଷ୍ଟାକ୍ କୁ ବିଭିନ୍ନ କ୍ରେତାଙ୍କୁ ବିକ୍ରୟ କରାଯାଇ ଥାଏ। ଖଣି ବିଭାଗ ପକ୍ଷରୁ ଅନେକ ଷ୍ଟାକ୍‌କୁ ଉଚ୍ଚ ମାନର ଦର୍ଶାଯାଇଥିବା ବେଳେ ଉକ୍ତ ଷ୍ଟାକ୍‌କୁ ନିମ୍ନ ମାନର ଲୌହ ପଥର ଦର୍ଶାଇ ସେଲ୍ ବରସୁଆଁ ଲୌହ ଖଣି କର୍ତ୍ତୃପକ୍ଷ ବିକ୍ରୟ କରିଚାଲିଥିବା ଅଭିଯୋଗ ହୋଇଥିଲା। ହେରାଫେରିରେ ଜଡ଼ିତ ସମସ୍ତ ଅଧିକାରୀଙ୍କୁ ଜେରା ପାଇଁ ଆଜି ସିବିଆଇ ପକ୍ଷରୁ ଡକା ଯାଇଛି। ପୂର୍ବତନ ଇଡି ପିକେ ରଥଙ୍କ ସମେତ ଖଣି ମ୍ୟାନେଜର ସୁନନ୍ଦ ପରିଡ଼ା, ବିଆର୍ ମଣ୍ଡଳ ଓ ପିସି ବରୁଆଙ୍କୁ ଜେରାର ସମ୍ମୁଖୀନ ହେବେ ବୋଲି ଜଣା ପଡ଼ିଛି। ଏହା ସେଲ୍ ଭିଜିଲାନ୍ସ ବିଭାଗ ନଜରରେ ଆସିବା ଏବଂ ଏଥିରେ ଶହ ଶହ କୋଟି ଟଙ୍କାର ହେର୍ ଫେର ହୋଇଥିବାରୁ ପରେ ଭିଜିଲାନ୍ସ ବିଭାଗ ପକ୍ଷରୁ ସିବିଆଇକୁ ମାମଲା ହସ୍ତାନ୍ତର କରାଯାଇଥିଲା। ଫଳରେ ୩ ଦିନ ହେବ ସିବିଆଇ ପକ୍ଷରୁ ବରସୁଆଁ ଲୌହ ଖଣିର ଟେନ୍‌ସା ସ୍ଥିତ କାର୍ଯ୍ୟାଳୟରେ ଖୋଳତାଡ଼ ଜାରିରହିଛି।

# ଏକାମ୍ର ଐତିହ୍ୟ ପ୍ରକଳ୍ପର ଅଗ୍ରଗତି ସମୀକ୍ଷା



**ଭୁବନେଶ୍ୱର, ୪।୯ (ସଂଚାର ବ୍ୟୁରୋ):** ସାରା ଦେଶରେ ଲିଙ୍ଗରାଜ ମନ୍ଦିର ଏବଂ ଏକାମ୍ର କ୍ଷେତ୍ରର ଅନେକ ପ୍ରସିଦ୍ଧି ରହିଛି । ଏଥି ସହିତ ଓଡ଼ିଶାବାସୀଙ୍କ ଭାବାବେଗ ସହିତ ଏକାମ୍ର କ୍ଷେତ୍ର ଓତଃପ୍ରୋତ ଭାବେ ଜଡ଼ିତ । ଏଣୁ ଏକାମ୍ର ଐତିହ୍ୟ ପ୍ରକଳ୍ପ କାର୍ଯ୍ୟକୁ ନିର୍ଦ୍ଧାରିତ ସମୟ ମଧ୍ୟରେ ଶେଷ କରି ଏହି ଅଞ୍ଚଳର ପ୍ରସିଦ୍ଧିକୁ ବିଶ୍ୱବ୍ୟାପି କରିବା ଆମ ସମସ୍ତଙ୍କ ପାଇଁ ଗର୍ବ ଓ ଗୌରବର ବିଷୟ ହେବ । ତେଣୁ ସମସ୍ତ ବିଭାଗ ପରସ୍ପର ମଧ୍ୟରେ ସମନ୍ୱୟ ରକ୍ଷାକରି ଏହି ପ୍ରକଳ୍ପ କାର୍ଯ୍ୟକୁ ସଂପୂର୍ଣ୍ଣ କରିବାକୁ ଆଇନ, ପୂର୍ତ୍ତ, ଅବକାରୀ ମନ୍ତ୍ରୀ ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଆଜି ମନ୍ତ୍ରୀ ଶ୍ରୀ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ଏକାମ୍ର ଐତିହ୍ୟ ପ୍ରକଳ୍ପ କାର୍ଯ୍ୟର ଅଗ୍ରଗତି ନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି । ସ୍ଥାନୀୟ ନିର୍ମାଣ ସୌଧ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ବୈଠକରେ ମାନ୍ୟବର ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଶ୍ରୀ ସୁରେଶ ପୂଜାରୀ, ଭୁବନେଶ୍ୱର ସାଂସଦ ଶ୍ରୀମତୀ ଅପରାଜିତା ଷଡ଼ଙ୍ଗୀ, ଭୁବନେଶ୍ୱର ଏକାମ୍ର ବିଧାୟକ ଶ୍ରୀ ବାବୁ ସିଂହ ପ୍ରମୁଖ ଉପସ୍ଥିତ ରହି ପ୍ରକଳ୍ପ କାର୍ଯ୍ୟକୁ ସୁଚାରୁ ରୂପେ ଆଗେଇ ନେବା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବା ନେଇ ବିସ୍ତୃତ ଆଲୋଚନା କରିଥିଲେ । ପ୍ରକଳ୍ପ ଅଞ୍ଚଳରେ ଥିବା ଜମି ମାଲିକମାନଙ୍କୁ ସର୍ବାଧିକ କ୍ଷତିପୂରଣ ସହିତ ଜମି ଅଧିଗ୍ରହଣ, ଜବର ଦଖଲ ଉଚ୍ଛେଦ, ପୁରୁଣା ମଠ, ମନ୍ଦିର ଓ ଐତିହ୍ୟ କୀର୍ତ୍ତିରାଜିର ସୁରକ୍ଷା ସହିତ ଏଏସ୍‌ଆଇର ମାର୍ଗଦର୍ଶିକାର ସଠିକ ଅନୁପାଳନ କରି କିଭଳି ନିର୍ମାଣ କାର୍ଯ୍ୟକୁ ଆଗେଇନେଇ ହେବ ସେ ବିଷୟରେ ବିସ୍ତୃତ ଆଲୋଚନା ହୋଇଥିଲା । ଏଥି ସହିତ ୱାଟ୍‌କୋ, ଟିପିସିଓଡିଏଲ୍ ଏବଂ ଅନ୍ୟାନ୍ୟ ସଂସ୍ଥା ପ୍ରମୁଖ ପ୍ରକଳ୍ପ ଅଞ୍ଚଳ ମଧ୍ୟରେ ଥିବା ବାକେୟା କାର୍ଯ୍ୟକୁ ଶୀଘ୍ର ସମାପ୍ତ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା ।

ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଞ୍ଜନ କୁମାର ସିଂ, ପୂର୍ତ୍ତ ବିଭାଗ ପ୍ରମୁଖ ଶାସନ ସଚିବ ବୀର ବିକ୍ରମ ଯାଦବ, ଭୁବନେଶ୍ୱର ମହାନଗର ନିଗମ କମିଶନର ରାଜେଶ ପ୍ରଭାକର ପାଟିଲ, ଖୋର୍ଦ୍ଧା ଜିଲ୍ଲାପାଳ ଚଞ୍ଚଳ ରଣା, ଇଂଜିନିୟର ଇନ୍ ଚିଫ୍ ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ରାଜନେତା ଜଗନ୍ନାଥ ପ୍ରଧାନ, ଓବିସିସିର ପରିଚାଳନା ନିର୍ଦ୍ଦେଶକ ଜୟକୃଷ୍ଣ ଦାସଙ୍କ ସମେତ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ଦୁଇ ରାଜ୍ୟକୁ ୫ କୋଟି ଲେଖାଏଁ ସହାୟତା ଦେବ ଓଡ଼ିଶା



**ଭୁବନେଶ୍ୱର ୪।୯ (ସଂଚାର ବ୍ୟୁରୋ):** ପ୍ରାକୃତିକ ବିପର୍ଯ୍ୟୟ ପ୍ରଭାବିତ କେରଳ ଓ ତ୍ରିପୁରାକୁ ୫କୋଟି ଟଙ୍କା ଲେଖାଏଁ ସହାୟତା ଦେବାକୁ ଓଡ଼ିଶା ଘୋଷଣା କରିଛି। ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଏହି ସହାୟତା ଅର୍ଥ ଦିଆଯିବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୁଧବାର ସନ୍ଧ୍ୟାରେ ଦୁଇ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ସହ ଟେଲିଫୋନ୍ ଯୋଗେ କଥା ହୋଇ ପ୍ରାକୃତିକ ବିପର୍ଯ୍ୟୟରେ କ୍ଷୟକ୍ଷତି ପାଇଁ ସମବେଦନା ବ୍ୟକ୍ତ କରିଛନ୍ତି। ଉଭୟ ରାଜ୍ୟରେ ବିପର୍ଯ୍ୟୟ ପରବର୍ତ୍ତୀ ପୁନରୁଦ୍ଧାର ଓ ପୁନଃନିର୍ମାଣ କାର୍ଯ୍ୟ ପାଇଁ ଓଡ଼ିଶା ସହଯୋଗର ହାତ ବଢ଼ାଇବାକୁ ପ୍ରସ୍ତୁତ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଥିଲେ । ବିପର୍ଯ୍ୟୟ ସମୟରେ ଉଭୟ ରାଜ୍ୟରେ ଥିବା ଓଡ଼ିଆ ଲୋକଙ୍କୁ ସାହାଯ୍ୟ ଓ ସହାୟତା କରିଥିବାରୁ ଶ୍ରୀ ମାଝୀ ଦୁଇ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଥିଲେ । ଉଭୟ ରାଜ୍ୟର ମୁଖ୍ୟମନ୍ତ୍ରୀ ମଧ୍ୟ ଓଡ଼ିଶାର ଏହି ସହଯୋଗ ପାଇଁ ଧନ୍ୟବାଦ ଦେଇଛନ୍ତି। ସୂଚନାଯୋଗ୍ୟ, ଗତ ମାସରେ ଉଭୟ ରାଜ୍ୟରେ ପ୍ରଳୟଙ୍କରୀ ବର୍ଷା,ଭୂସ୍ଖଳନ ଓ ବର୍ଷା ଯୋଗୁ ବ୍ୟାପକ ଧନଜୀବନ ନଷ୍ଟ ହୋଇଛି ।

# ବିଧାନସଭାରୁ



## ୧୧୧୪ ହିତାଧିକାରୀଙ୍କ ଛାତ ଉପରେ ସୌର ପ୍ରକଳ୍ପ

ରାଜ୍ୟରେ ନିଜ ଘର ଛାତ ଉପରେ ୧୧୧୪ ଜଣ ସୌରଶକ୍ତି ପ୍ରକଳ୍ପ ବସାଇଛନ୍ତି। ଏଥିରୁ କେବଳ ୫୮୪ ଜଣ ଖୋର୍ଦ୍ଧା ଜିଲ୍ଲାରେ ରହିଥିବାବେଳେ ୫ଟି ଜିଲ୍ଲାରେ ଜଣେ ହେଲେ ହିତାଧିକାରୀଙ୍କ ଛାତ ଉପରେ ଏଭଳି ସୌରପ୍ରକଳ୍ପ ସ୍ଥାପିତ ହୋଇନାହିଁ। ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ଏକ ପ୍ରଶ୍ନ ଉତ୍ତରରେ ଏହି ସୂଚନା ଦେଇଛନ୍ତି ଶକ୍ତି ବିଭାଗ ଦାୟିତ୍ୱରେ ଥିବା ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ। ଉପମୁଖ୍ୟନ୍ତ୍ରୀ କହିଛନ୍ତି ଯେ ବର୍ତ୍ତମାନ ଆଗ୍ରହୀ ଘରୋଇ ଉପଭୋକ୍ତାଙ୍କ ଛାତ ଉପରେ ସୌର ପ୍ରକଳ୍ପ ସ୍ଥାପନ କରି ସୌରଶକ୍ତି ଉତ୍ପାଦନ ପାଇଁ ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ଯୋଜନା କାର୍ଯ୍ୟକାରୀ ହେଉଛି। ଏହି ଯୋଜନାରେ କେନ୍ଦ୍ର ସରକାରଙ୍କ ତରଫରୁ ଏକ ଦୁଇ କିଲୋୱାଟ କ୍ଷମତା ବିଶିଷ୍ଟ ପ୍ରକଳ୍ପ ପାଇଁ ଯଥାକ୍ରମେ ୩୦ହଜାର ଓ ୬୦ହଜାର ଟଙ୍କାର ସବସିଡ୍ ମିଳିବାର ବ୍ୟବସ୍ଥା ଥିବାବଳେ ୩ କିଲୋୱାଟ ପାଇଁ ଏହି ସବସିଡ୍ ସୀମା ୭୮ହଜାର ଟଙ୍କା ରହିଛି। ରାଜ୍ୟରେ ପୂର୍ବରୁ କାର୍ଯ୍ୟକାରୀ କରାଯାଇଥିବା ବିଭିନ୍ନ ଯୋଜନା ମାଧ୍ୟମରେ ବିଭିନ୍ନ ଜିଲ୍ଲାରେ ୧୧୧୪ ଜଣ ହିତାଧିକାରୀ ନିଜ ଘରର ଛାତ ଉପରେ ସୌରଶକ୍ତି ପ୍ରକଳ୍ପ ବସିଥିବାବେଳେ ଏଥିବରୁ ୭.୨୮ ନିୟୁତ ୟୁନିଟ୍ ବିଜୁଳି ଉତ୍ପାଦନ କ୍ଷମତା ରହିଛି। ତେବେ ୧୧୧୪ ହିତାଧିକାରୀଙ୍କ ମଧ୍ୟର କେବଳ ଖୋର୍ଦ୍ଧା ଜିଲ୍ଲାରେ ୫୮୪ଟି ଥିବାବେଳେ କଟକରେ ୯୯, ସୁନ୍ଦରଗଡରେ ୮୪, ଗଞ୍ଜାମରେ ୭୫, ସମ୍ବଲପୁରରେ ୫୯ ଜଣ ହିତାଧିକାରୀ ରହିଛନ୍ତି। ତେବେ ନୟାଗଡ, ଦେବଗଡ, ନୂଆପଡା, ବୌଦ୍ଧ ଓ ମାଲକାନଗିରି ଜିଲ୍ଲାରେ ଜଣେ ହେଲେ କେହି ନିଜ ଘରର ଛାତ ଉପରେ ସୌରଶକ୍ତି ପ୍ରକଳ୍ପ ବସାଇନଥିବାବେଳେ ନବରଙ୍ଗପୁର, କନ୍ଧମାଳ, ସୋନପୁର, କେନ୍ଦ୍ରାପଡା ଭଳି ଜିଲ୍ଲାରେ ଜଣେ କରି ହିତାଧିକାରୀ ରହିଛନ୍ତି ଏବଂ ଜଗତ୍‌ସିଂହପୁର, କଳାହାଣ୍ଡି, ଓ ଗଜପତି ଜିଲ୍ଲାରେ ୩ଜଣ କରି ହିତାଧିକାରୀ ନିଜ ଘରର ଛାତ ଉପରେ ସୌରଶକ୍ତି ପ୍ରକଳ୍ପ ବସାଇଛନ୍ତି।

## ଓମଫେଡ୍ ସଂଗ୍ରହ କରୁଛି ୫ଲକ୍ଷ ଲିଟର ଦୁଗ୍ଧ

ଓମଫେଡ୍ ଏବେ ଦୈନିକ ଦୁଗ୍ଧ ଚାଷୀଙ୍କ ଠାରୁ ଦୈନିକ ୫ଲକ୍ଷ ଲିଟର ଦୁଗ୍ଧ ସଂଗ୍ରହ କରୁଛି। ସବୁଠାରୁ ଅଧିକ ୭୨,୩୩୮ ଲିଟର ଦୁଗ୍ଧ ଜଗତ୍‌ସିଂହପୁର ଜିଲ୍ଲାରୁ ସଂଗ୍ରହ ହେଉଥିବାବେଳେ ଏହା ପଛକୁ କଟକ ଜିଲ୍ଲା ରହିଛି। ଓମଫେଡ୍‌ର ଦୁଗ୍ଧ ସଂଗ୍ରହ ସଂକ୍ରାନ୍ତରେ ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ଏକ ପ୍ରଶ୍ନର ଉତ୍ତରରେ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳା ନନ୍ଦ ମଲ୍ଲିକ ଏହି ସୂଚନା ଦେଇଛନ୍ତି। ମନ୍ତ୍ରୀ ଉଲ୍ଲେଖ କରିଛନ୍ତି ଯେ ଓମଫେଡ୍ ରାଜ୍ୟରୁ ଦୈନିକ ୫ଲକ୍ଷ ୭୦ଲିଟର ଦୁଗ୍ଧ ସଂଗ୍ରହ କରୁଛି। ସର୍ବାଧିକ ଦୁଗ୍ଧ ସଂଗ୍ରହ ଜଗତ୍‌ସିଂହପୁର ଜିଲ୍ଲାରୁ ହୋଇଥିବାବେଳେ ଏକ୍ଷେତ୍ରରେ କଟକ ଦ୍ୱିତୀୟ ଓ ବଲାଙ୍ଗିର ତୃତୀୟ ସ୍ଥାନରେ ରହିଛି। ବଲାଙ୍ଗିର ଜିଲ୍ଲାରୁ ଦୈନିକ ୪୮,୪୯୫ ଲିଟର ଦୁଗ୍ଧ ସଂଗ୍ରହ ହେଉଛି। ସବୁଠାରୁ କମ୍ ମାତ୍ର ୩୩୫ ଲିଟର ଦୁଗ୍ଧ ମାଲକାନଗିରି ଜିଲ୍ଲାରୁ ସଂଗ୍ରହ ହେଉଥିବାବେଳେ ଗଜପତିରୁ ୪୪୮, କୋରାପୁଟରୁ ୯୫୧ ଲିଟର ସଂଗ୍ରହ ହେଉଛି। ସେହିଭଳି ରାଜ୍ୟରେ ୧,୨୦,୨୫୭ ଦୁଗ୍ଧ ଚାଷୀ ରହିଛନ୍ତି। ଜଗତସିଂହପୁର ଜିଲ୍ଲାରେ ୧୭ହଜାରରୁ ଅଧିକ ଦୁଗ୍ଧ ଚାଷୀ ଥିବାବେଳେ ବାଲେଶ୍ୱର ଜିଲ୍ଲାରେ ୧୪,୩୪୭, କଟକରେ ୧୩,୮୨୩, ଭଦ୍ରକରେ ୧୨,୩୦୫, ବଲାଙ୍ଗିରରେ ୧୦,୧୨୯ ଦୁଗ୍ଧଚାଷୀ ରହିଛନ୍ତି।

## ଖାଦ୍ୟ କମିଶନ୍‌ରେ ଅଯୋଗ୍ୟ ବ୍ୟକ୍ତି !

ଜ୍ଞାନ ନ ଥିବା ବ୍ୟକ୍ତିକୁ କମିଶନ ଭାବେ ବସାଇଛନ୍ତି ବିଜେଡି ସରକାର। ବିଏ ପାସ କରିଥିବା ବ୍ୟକ୍ତିଙ୍କୁ ଫୁଡ୍ କମିଶନ ରୂପେ ବସାଇଥିଲେ ପୂର୍ବ ସରକାର । କମିଶନ ବସେଇ ବି ଯଦି ରିପୋର୍ଟ ଖରାପ ଆସେ ତାଙ୍କୁ ବିତାଡିତ କରାଯିବ। ଅଣ ଓଡ଼ିଆ ଅଫିସରଙ୍କୁ ଯିଏ ଖୁସି କରି ପାରୁଥିଲା ସେ ବ୍ୟକ୍ତିଙ୍କୁ ବସାଇଛନ୍ତି। ଯିଏ ଚୋରା କୋଇଲା ବ୍ୟବସାୟ କରୁଛି, ପାଉଁଶ ଉଠାଣରେ ଲିପ୍ତ ଓ ଏହି ପଦବୀରେ ବସି ଅନେକ ଗାଡ଼ି କରି ଲୁଟି ଚାଲିଛି। କମିଶନ ଜଣେ ମୁଖ୍ୟ ଶାସନ ସଚିବଙ୍କ କ୍ଷମତାର ଅଧିକାରୀ ହୋଇଥାନ୍ତି। କିନ୍ତୁ ବିଜେଡି ସରକାର ଏହି ପଦରେ ଜଣେ ଚୋର, ଡକାୟତ ଓ ଠକକୁ କିପରି ବସାଇଲେ। ଏତେ ଭଲ ଭଲ ବ୍ୟକ୍ତି କମିଶନ ପାଇଁ ଆବେଦନ କରିଥିଲେ ସୁଦ୍ଧା ତାଙ୍କୁ ବାଦ୍ ଦେଇଥିଲେ ପୂର୍ବ ସରକାର। ମୁଁ ଗୃହକୁ ଆଶ୍ୱସ୍ତି ଦେଉଛି କି ଏକ କମିଟି ବସାଇବି । ତାଙ୍କ ବିରୋଧରେ ଆକ୍ସନ ନେବି ବୋଲି କହିଛନ୍ତି ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର।

## ଖୁବଶୀଘ୍ର ବଳରାମ ଯୋଜନା

ଜୈବିକ କୃଷି କୁ ପ୍ରୋତ୍ସାହନ ଦେବା ପାଇଁ ରାଜ୍ୟସରକାର ଖୁବଶୀଘ୍ର ବଳରାମ ଯୋଜନା କାର୍ଯ୍ୟକାରୀ କରିବାକୁ ଯାଉଛନ୍ତି।ରାଜ୍ୟରେ ପରମ୍ପରାଗତ ଏବଂ ପ୍ରାକୃତିକ କୃଷି ଜୈବିକ ପଦ୍ଧତିରେ ଚାଷ କରାଯାଉଛି। ପରମ୍ପରାଗତ କୃଷି ଯୋଜନାରେ ୧୦ ଜିଲ୍ଲା ଏବଂ ପ୍ରାକୃତିକ କୃଷି ଯୋଜନାରେ ୧୫ ଜିଲ୍ଲାକୁ ଅନ୍ତର୍ଭୁକ୍ତ କରାଯାଇଛି। ରାଜ୍ୟରେ ୨୦୧୮-୧୯ରୁ ଜୈବିକ କୃଷି ପଦ୍ଧତିରେ କୃଷି କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏବେ ଯେଉଁମାନେ ଜୈବିକ ପଦ୍ଧତିରେ ଚାଷ କରୁଛନ୍ତି, ସେମାନଙ୍କ ଉତ୍ପାଦିତ ଦ୍ରବ୍ୟକୁ ବିଦେଶ ପଠାଇବାକୁ ଯୋଜନା କରଯାଉଛି। ଢେଙ୍କାନାଳରୁ ଆମ୍ବ, ପୋଟଳ, ଆଜି ପାଟଣାଗଡ଼ରେ ଚାଷ ହୋଇଥିବା ଡ୍ରାଗନ ଫ୍ରୁଟକୁ ଦୁବାଇ ପଠାଯାଇଥିବା ଗୃହରେ କହିଛନ୍ତି କୃଷିମନ୍ତ୍ରୀ କେଭି ସିଂହଦେଓ। ଜୈବିକ ଚାଷକୁ ପ୍ରୋତ୍ସହନ ଦେବା ପାଇଁ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ରଙ୍କ ପ୍ରଶ୍ନରେ ଉତ୍ତର ରଖିଛନ୍ତି କୃଷି ମନ୍ତ୍ରୀ। ସେ କହିଛନ୍ତି, ସରକାର ଚାହୁଁଛନ୍ତି ସମସ୍ତେ ଜୈବିକ ଚାଷ କରନ୍ତୁ। ରାସାୟନିକ ସାର ପ୍ରୟୋଗ ଦ୍ୱାରା ଅମଳ ବଢୁଛି, ତେବେ ଏହା ଭୁଲ। ଏହାର ପ୍ରୟୋଗ ଦ୍ୱାରା ଖାଦ୍ୟ ଶସ୍ୟ ବୃଦ୍ଧି ହୋଇପାରେ, ଜୈବିକ ଚାଷ ଦ୍ୱାରା ମାଟିର ଉର୍ବରତା ବଢୁଛି। ମାଛ, ଚିକେନ ଓ ଅନ୍ୟ ସାମଗ୍ରୀରେ ରାସାୟନିକ ଖାଦ୍ୟ ବ୍ୟବହାର ଦ୍ୱାରା ମେଦ ବହୁଳତା ସହ କ୍ୟାନ୍ସର କେସ ବୃଦ୍ଧି ପାଉଛି। ତେଣୁ ଅପିଲ କରୁଛି ସମସ୍ତେ ଜୈବିକ ଚାଷ ପଦ୍ଧତିକୁ ଆପଣାନ୍ତୁ।

# 'ସୁଭଦ୍ରା' ଆବେଦନ ପାଇଁ ଶେଷ ତାରିଖ ନାହିଁ



**ଭୁବନେଶ୍ୱର ୪।୯ (ସଂଚାର ବ୍ୟୁରୋ):** ସୁଭଦ୍ରା ପାଇଁ ରାଜ୍ୟରେ ଦେଖାଦେଇଛି ପ୍ରବଳ ଉତ୍ସାହ। ବୁଧବାରରୁ ଫର୍ମ ଦାଖଲ ପ୍ରକ୍ରିୟା ଆରମ୍ଭ ହୋଇଛି। ମୋ' ସେବା କେନ୍ଦ୍ର, ଆନ୍‌ଲାଇନ୍ ସେଣ୍ଟର, ପୋଷ୍ଟ ଅଫିସ, ବ୍ୟାଙ୍କରେ ମହିଳାମାନଙ୍କର ଭିଡ଼ ରହୁଛି। କାରଣ ହେଲା ଆଧାରକାର୍ଡ ଓ ବ୍ୟାଙ୍କ ପାସ୍‌ବୁକ୍‌ରେ ଥିବା ତ୍ରୁଟି ସଂଶୋଧନ। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ବୁଧବାର ଅପରାହ୍ନରେ କଲ ସେଣ୍ଟର ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ଶ୍ରୀମତୀ ପରିଡ଼ା ବଡ଼ ଘୋଷଣା କରିଛନ୍ତି, ଯାହାକି ହିତାଧିକାରୀଙ୍କୁ ବଡ଼ ଆଶ୍ୱସ୍ତି ମିଳିଛି। ସେ କହିଛନ୍ତି, ୧୭ ତାରିଖ ପରେ ପଂଜୀକରଣ କଲେ ମଧ୍ୟ ହିତାଧିକାରୀମାନେ ଟଙ୍କା ପାଇପାରିବେ। ସୁଭଦ୍ରା ଫର୍ମ ଦାଖଲ କରିବାର କୌଣସି ଶେଷ ତାରିଖ ନାହିଁ। ଆସନ୍ତା ୧୭ ତାରିଖରେ ଯୋଗ୍ୟ ହିତାଧିକାରୀଙ୍କୁ ସୁଭଦ୍ରା ଯୋଜନାରେ ଟଙ୍କା ମିଳିବ। ୧୭ ତାରିଖ ପରେ ମଧ୍ୟ ଫର୍ମ ଦାଖଲ କଲେ ପ୍ରଥମ କିସ୍ତିର ଟଙ୍କା ମିଳିପାରିବ। ରାଜ୍ୟ ସରକାର ସୁଭଦ୍ରା ଯୋଜନା ପାଇଁ କଲ ସେଣ୍ଟର ଉଦ୍‌ଘାଟନ କରିଛନ୍ତି। ଯୋଜନା ସଂପର୍କରେ ଅଧିକ ଜାଣିବା ପାଇଁ ହିତାଧିକାରୀମାନେ ଟୋଲ ଫ୍ରି ନମ୍ବର ୧୪୬୭୮କୁ କଲ କଲେ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପାଇପାରିବେ। ଆଜି ଅପରାହ୍ନରେ ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଶିଶୁ ବିକାଶ, ମିଶନ ଶକ୍ତି ଓ ପର୍ଯ୍ୟଟନ ମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା ଭୁବନେଶ୍ୱରସ୍ଥିତ ସୁଭଦ୍ରା କଲ ସେଣ୍ଟରକୁ ପରିଦର୍ଶନରେ ଯାଇ ଏହାର କାର୍ଯ୍ୟକରିତାକୁ ସମୀକ୍ଷା କରିଛନ୍ତି ।

# ବିଜେପିର ପରିଚୟ ମିଛ

## ଲୋକଙ୍କୁ ସଚେତନ କରିବାକୁ ନବୀନଙ୍କ ପରାମର୍ଶ



**ଭୁବନେଶ୍ୱର,୪।୯( ସଂଚାର ମିଡିଆ):** ଶଙ୍ଖ ଭବନରେ ବିଜେଡି ଜିଲା କର୍ମକର୍ତ୍ତା ସମାବେଶରେ ଦଳର ସୁପ୍ରିମୋ ନବୀନ ପଟ୍ଟନାୟକ ଭାଜପାକୁ କଡ଼ା ଟାର୍ଗେଟ୍ କରିଛନ୍ତି। ନବୀନ କହିଛନ୍ତି, ଭାଜପା ନିର୍ବାଚନ ସମୟରେ ଲୋକଙ୍କୁ ମିଛ ପ୍ରତିଶ୍ରୁତି ଦେଇ ନିର୍ବାଚନ ଜିତିଛି। ହାତୀ ଦେବୁ, ଘୋଡ଼ା ଦେବୁ କହି କାମରେ ଜିରୋ ବୋଲି ନବୀନ ସମାଲୋଚନା କରିଛନ୍ତି। ମା' ମାନଙ୍କ ବିଶ୍ୱାସ ସହ ଭାଜପା ଖେଳୁଛି, ମା' ମାନେ ଉଚିତ ଜବାବ ଦେବେ। ନବୀନ କହିଛନ୍ତି, ବିଜୁ ଜନତା ଦଳ ସବୁବେଳେ ମା'ମାନଙ୍କ ସହ ରହିଛି ଏବଂ ରହିବ। ବିଜୁ ମହିଳା ଜନତା ଦଳ ସାଙ୍ଗଠନିକ ବୈଠକରେ ଯୋଗ ଦେଇ ଏ ଦିଗରେ ଦୃଢ଼ ଭାବେ ଆଗକୁ ବଢ଼ିବା ପାଇଁ ନବୀନ ପରାମର୍ଶ ଦେଇଛନ୍ତି। ବିଜୁ ବାବୁ ହିଁ ସାରା ଦେଶରେ ମା'ମାନଙ୍କ ସଶକ୍ତିକରଣର ମୂଳଦୁଆ ପକାଇଥିଲେ। ତାଙ୍କ ମାର୍ଗ ଦର୍ଶନରେ ୭୦ଲକ୍ଷ ମା' ସଶକ୍ତ ହୋଇଛନ୍ତି। ଏସ୍‌ଏଚ୍‌ଜିରୁ ଏସ୍‌ଏମ୍‌ଇ ଅଭିମୁଖେ ଆଗକୁ ବଢୁଛନ୍ତି। ଓଡ଼ିଶାର ପରିଚୟ ସାଜୁଛନ୍ତି। ସୁଭଦ୍ରା ଯୋଜନା ହେଉ କି ୩୦୦ ୟୁନିଟ୍ ମାଗଣା ବିଜୁଳି, କେବଳ ମିଛ ହିଁ ଭାଜପାର ସାହାରା ସାଜିଛି। ୨ ବର୍ଷରେ ୫୦,୦୦୦ ଟଙ୍କା ଦେବେ ବୋଲି କହିଥିଲେ। ଏବେ କହୁଛନ୍ତି ୫ ବର୍ଷରେ ଦେବେ। ତା' ପୁଣି ୬ ମାସରେ ମାତ୍ର ୫ ହଜାର ଟଙ୍କା। ସବୁ ମହିଳାଙ୍କୁ ଦେବେ ବୋଲି କହି ଏବେ କିଛି ମହିଳାଙ୍କୁ ଦେଉଛନ୍ତି। ମା'ମାନଙ୍କ ଭାବନା ଓ ବିଶ୍ୱାସ ସହ ଭାଜପା ଖେଳିବା ଉଚିତ ନୁହେଁ। ସାଧାରଣ ଲୋକଙ୍କ ବିଶ୍ୱାସ ସହ ଖେଳିବା ଉଚିତ୍ ନୁହେଁ। ଆମ ମା'ମାନେ ବହୁତ ସଚେତନ। ସେମାନେ ହିଁ ଏହାର ଜବାବ ଦେବେ। ପ୍ରତି ଘରେ ଘରେ ଭାଜପାର ଏପରି ମିଛ ଉପରୁ ପରଦା ଉଠାଇବା ପାଇଁ ବିଜୁ ମହିଳା ଜନତା ଦଳର କର୍ମୀ ସଙ୍କଳ୍ପବଦ୍ଧ ଭାବେ ଆଗକୁ ବଢୁଛନ୍ତି ବୋଲି ନବୀନ ଆଜିର ଏହି ବୈଠକରେ କହିଛନ୍ତି।

# ରାତି ଅଧରେ ଟ୍ରେନରୁ ଖସି ପଡ଼ିଲା ବାଳକ

## ସକାଳେ ଉଦ୍ଧାର କଲା ପୋଲିସ



**ଭୁବନେଶ୍ୱର, ୪।୯( ସଂଚାର ବ୍ୟୁରୋ):** ବାପାଙ୍କ ସହିତ ରାୟପୁରରୁ ଭୁବନେଶ୍ୱର ଆସୁଥିଲେ। ହେଲେ ଦୁର୍ଭାଗ୍ୟକୁ ଅନ୍ଧାର ରାତିରେ ଦୁର୍ଗ-ପୁରୀ ଏକ୍ସପ୍ରେସ ଟ୍ରେନ୍‌ରୁ ଖସି ପଡ଼ିଥିଲେ ୫ ବର୍ଷୀୟ ପ୍ରୀତିଶପ୍ରଜ୍ଞା ହୋତା। ସାରା ରାତି ଟ୍ରାକ୍ ପାର୍ଶ୍ୱ ଘଞ୍ଚ ଜଙ୍ଗଲରେ ରକ୍ତାକ୍ତ ଅବସ୍ଥାରେ ପଡ଼ି ରହିଲେ। ଜୀବନ ସହିତ ସଂଘର୍ଷ କରୁଥିଲେ। ସୌଭାଗ୍ୟକୁ ସେହି ଟ୍ରାକ୍‌ରେ ଆସୁଥିବା ମାଲ୍‌ବାହୀ ଟ୍ରେନ୍‌ର ଲୋକ ପାଇଲଟ୍‌ଙ୍କଠାରୁ ଖବର ପାଇ ଆର୍‌ପିଏଫ୍ ତାଙ୍କୁ ଉଦ୍ଧାର କରି ମେଡ଼ିକାଲରେ ଭର୍ତ୍ତି କରିଛି। ଏପରି ଘଟଣା ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଷ୍ଟେସନ୍‌ଠାରୁ ଅଳ୍ପ ଦୂରରେ ଘଟିଛି। ବ୍ରହ୍ମପୁର ମାନସ ହୋତା ପୁଅ ପ୍ରୀତିଶପ୍ରଜ୍ଞା ହୋତା ଓ ପୀଉସା ଦୁର୍ଗ-ପୁରୀ ଏକ୍ସପ୍ରେସରେ ଛତିଶଗଡ଼ରୁ ଭୁବନେଶ୍ୱର ଆସୁଥିଲେ। ରାତିରେ ଟ୍ରେନ୍ ଛାଡ଼ିଥିଲା ଓ ସଂରକ୍ଷଣ ବଗିରେ ସମସ୍ତେ ଶୋଇପଡ଼ିଥିଲେ। କିନ୍ତୁ ଟ୍ରେନ୍‌ର ହର୍ଣ୍ଣ ଓ କର୍କଶ ଶବ୍ଦରେ ପ୍ରୀତିଶପ୍ରଜ୍ଞାଙ୍କ ନିଦ ଭାଙ୍ଗି ଯାଇଥିଲା। ରାତି ପ୍ରାୟ ୨ଟାରେ ସେ ଆଖି ମଳିମଳି ଗେଟ୍ ପାଖକୁ ଚାଲି ଆସିଥିଲେ। ଟ୍ରେନ୍‌ର ଡୋର ଦିଆଯାଇ ନ ଥିବାରୁ ଅସାବଧାନତାବଶତଃ ପ୍ରୀତିଶପ୍ରଜ୍ଞାଙ୍କ ଗୋଡ଼ ଖସି ଯାଇଥିଲା। ଆଉ ସେ ଖସି ପଡ଼ିଥିଲେ। ରେଢ଼ାଖୋଲ ଷ୍ଟେସନରୁ ୪ କିମି ଦୂର ଅଙ୍ଗାରପଡା ଗାଁ ପାଖ ଜଙ୍ଗଲ ନିକଟରେ ପଡ଼ି ଯାଇଥିଲେ। ସୌଭାଗ୍ୟକୁ ସେ ଟ୍ରାକ୍ ପାର୍ଶ୍ୱରେ ପଡ଼ିଥିଲେ। ତାଙ୍କ ମୁହଁରେ ଆଘାତ ଲାଗିଥିଲା। ରାତି ସାରା ସେହି ଟ୍ରାକ୍ ପାର୍ଶ୍ୱରେ ସେମିତି ଜୀବନ ସହିତ ସଂଘର୍ଷ କରୁଥିଲେ ପ୍ରୀତିଶପ୍ରଜ୍ଞା।

ଭୋରରୁ ସେହି ଟ୍ରାକ୍‌ରେ ଆସୁଥିବା ଏକ ମାଲଗାଡ଼ିର ଲୋକୋ ପାଇଲଟ ପ୍ରୀତିଶପ୍ରଜ୍ଞାକୁ ଦେଖିବାକୁ ପାଇଥିଲେ। ସେ ସଙ୍ଗେ ସଙ୍ଗେ ରାଢ଼ାଖୋଲ ଷ୍ଟେସନ୍‌କୁ ଖବର ଦେଇଥିଲେ। ଆରପିଏଫ୍ ଟ୍ରାକ୍ ପାର୍ଶ୍ୱରୁ ରକ୍ତାକ୍ତ ଅବସ୍ଥାରେ ଉଦ୍ଧାର କରି ରେଢ଼ାଖୋଲ ମେଡିକାଲ୍‌ରେ ଭର୍ତ୍ତି କରିଥିଲେ। ରାତିରେ ମାନସଙ୍କ ନିଦ ଭାଙ୍ଗିଥିଲା। ବର୍ଥରେ ପୁଅକୁ ଦେଖିବାକୁ ନ ପାଇ ଏ ବଗିରୁ ସେ ବଗି ଖୋଜି ବୁଲିଥିଲେ। ନିରାଶ ହୋଇ ଆର୍‌ପିଏଫ୍ ହେଲ୍‌ପଲାଇନ୍ ନମ୍ବର-୧୩୯ରେ ପୁଅ ନିଖୋଜ ନେଇ ଅଭିଯୋଗ କରିଥିଲେ।

# ହାଇକୋର୍ଟ ରାୟକୁ ସନ୍ଦୀପ ଘୋଷଙ୍କ ଚାଲେଞ୍ଜ



**ନୂଆଦିଲ୍ଲୀ,୪।୯:** କଲିକତା ହାଇକୋର୍ଟଙ୍କ ରାୟକୁ ସୁପ୍ରିମ୍‌କୋର୍ଟରେ ଚାଲେଞ୍ଜ କରିଛନ୍ତି ଆର୍‌ଜି କର ମେଡିକାଲ କଲେଜର ପୂର୍ବତନ ପ୍ରିନ୍ସିପାଲ ଡା. ସନ୍ଦୀପ ଘୋଷ। ବୁଧବାର କରିଥିବା ଆବେଦନରେ କୁହାଯାଇଛି, ଦୁର୍ନୀତି ମାମଲାର ତଦନ୍ତ ସିବିଆଇକୁ ହସ୍ତାନ୍ତର କରିବା ପୂର୍ବରୁ କୋଲକାତା ହାଇକୋର୍ଟ ତାଙ୍କ ପକ୍ଷର ଶୁଣାଣି କରିନାହାନ୍ତି। ଦୁର୍ନୀତି ଅଭିଯୋଗ ସହିତ ଡାକ୍ତରଖାନାରେ ହୋଇଥିବା ବଳାତ୍କାର ଘଟଣାକୁ ହାଇକୋର୍ଟ ଦେଇଥିବା ମନ୍ତବ୍ୟକୁ ହଟାଇବାକୁ ସନ୍ଦୀପ ଦାବି କରିଛନ୍ତି। ସେପ୍ଟେମ୍ବର ୬ରେ ସୁପ୍ରିମକୋର୍ଟ ଏହି ପିଟିଶନର ଶୁଣାଣି କରିବେ। ସୂଚନାଯୋଗ୍ୟ, ଅଗଷ୍ଟ ୨୩ରେ, କୋଲକାତା ହାଇକୋର୍ଟ ଆର୍‌ଜି କର ହସ୍ପିଟାଲରେ ହୋଇଥିବା ଆର୍ଥିକ ଅନିୟମିତତା ଘଟଣାର ତଦନ୍ତକୁ ରାଜ୍ୟ ଗଠିତ ସ୍ୱତନ୍ତ୍ର ଅନୁସନ୍ଧାନକାରୀ ଦଳ (ଏସ୍‌ଆଇଟି)ରୁ ସିବିଆଇକୁ ସ୍ଥାନାନ୍ତର କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଯାହା ପରେ ପୂର୍ବତନ ପ୍ରିନ୍ସିପାଲ ଡକ୍ଟର ସନ୍ଦୀପଙ୍କୁ ମଙ୍ଗଳବାର ୮ ଦିନ ପାଇଁ ପୋଲିସ ହେପାଜତକୁ ପଠାଯାଇଥିଲା।

Printed, Published and owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar and Printed at Khetramani Printing Press, At - Darakhapatna, Po - Kalyani Nagar, Dist-Cuttack-753013 and Published at Plot No.312, Flat No.003, Greenhigh Appartment, Kharavela Nagar, Bhubaneswar-751001 (Odisha)

Editor: Subhransu Bhusan Kar
ସମ୍ପାଦକ: ଶୁଭ୍ରାଂଶୁ ଭୂଷଣ କର